ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV — Follow us:

ବର୍ଷ-୬ | ସଂଖ୍ୟା-୩୧ | ବୁଧବାର | ୨୩ ଏପ୍ରିଲ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-31 | Wednesday | 23 April 2025 | Bhubaneswar | Pages-8 | Rs. 2.00


## ଜେଦ୍ଦା ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସାଉଦୀ ଆରବର ସ୍ୱତନ୍ତ୍ର ସ୍ୱାଗତ



ନୂଆଦିଲ୍ଲୀ, ୨୨।୪ (ହି.ସ): ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାଉଦୀ ଆରବରେ ଏକ ଐତିହାସିକ ଓ ସ୍ୱତନ୍ତ୍ର ସ୍ୱାଗତ କରାଯାଇଛି। ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କ ବିଶେଷ ବିମାନ 'ଏୟାର ଇଣ୍ଡିଆ ୱାନ' ସାଉଦି ଆରବର ବାୟୁସୀମାରେ ପ୍ରବେଶ କରିବା ମାତ୍ରେ ରୟାଲ ସାଉଦୀ ଏୟାର ଫୋର୍ସର ଏଫ-୧୫ ଯୁଦ୍ଧ ବିମାନମାନେ ଏହାକୁ ଜେଦ୍ଦା ବିମାନବନ୍ଦର ପର୍ଯ୍ୟନ୍ତ ଏସ୍କର୍ଟ କରିଥିଲେ। ଏହି ସ୍ୱାଗତ ଭାରତ ଓ ସାଉଦୀ ଆରବ ମଧ୍ୟରେ ଗଭୀର ଦ୍ୱିପାକ୍ଷିକ ସମ୍ପର୍କ ଓ ରକ୍ଷା ସହଯୋଗିତାର ଏକ ପ୍ରତୀକ ଭାବେ ଦେଖାଯାଉଛି। ପ୍ରଧାନମନ୍ତ୍ରୀ ମୋଦି ସାଉଦୀ ଆରବର କ୍ରାଉନ ପ୍ରିନ୍ସ ତଥା ପ୍ରଧାନମନ୍ତ୍ରୀ ମହମ୍ମଦ ବିନ ସଲମାନଙ୍କ ନିମନ୍ତ୍ରଣରେ ଦୁଇ ଦିନିଆ ରାଜ୍ୟ ଗସ୍ତରେ ଜେଦ୍ଦା ପହଞ୍ଚିଛନ୍ତି। ଏହା ତାଙ୍କର ତୃତୀୟ ସାଉଦୀ ଗସ୍ତ ଏବଂ ଜେଦ୍ଦାକୁ ପ୍ରଥମ ଗସ୍ତ ଅଟେ, ଯାହା ଗତ ୪୦ ବର୍ଷରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଜେଦ୍ଦା ଗସ୍ତ ହୋଇଛି। ଜେଦ୍ଦା ବିମାନବନ୍ଦରରେ ପ୍ରଧାନମନ୍ତ୍ରୀଙ୍କୁ ଗାର୍ଡ ଅଫ ଅନର ସମ୍ମାନ ସହ ମକ୍କାର ଡେପୁଟି ଗଭର୍ନର ଏଚଆରଏଚ ପ୍ରିନ୍ସ ସାଉଦ ବିନ ମିଶାଲ ବିନ ଅବଦୁଲାଜିଜ ଅଲ ସାଉଦଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ (ଏମଇଏ) ଏହି ମନୋରମ ଦୃଶ୍ୟର ଏକ ଭିଡିଓ ପ୍ରକାଶ କରି କହିଛି, ଭାରତ-ସାଉଦୀ ମୈତ୍ରୀ ଉଚ୍ଚାକାଶରେ ! ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରାଜ୍ୟ ଗସ୍ତ ପାଇଁ ଏକ ସ୍ୱତନ୍ତ୍ର ଅଭିନନ୍ଦନ ଭାବେ ସାଉଦୀ ବାୟୁସୀମାରେ ତାଙ୍କ ବିମାନକୁ ରୟାଲ ସାଉଦି ଏୟାର ଫୋର୍ସ ଏସ୍କର୍ଟ କରିଥିଲା। ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଏବଂ କ୍ରାଉନ ପ୍ରିନ୍ସ ମହମ୍ମଦ ବିନ ସଲମାନ ଭାରତ-ସାଉଦୀ ଆରବ ଷ୍ଟ୍ରାଟେଜିକ ପାର୍ଟନରଶିପ କାଉନସିଲର ଦ୍ୱିତୀୟ ନେତା ସମ୍ମିଳନୀରେ ମିଳିତ ଅଧ୍ୟକ୍ଷତା କରିବେ। ଏହି ବୈଠକରେ ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ, ରକ୍ଷା, ଶକ୍ତି, ବାଣିଜ୍ୟ, ବିନିଯୋଗ ଏବଂ ସାଂସ୍କୃତିକ ସହଯୋଗିତାକୁ ଆହୁରି ମଜବୁତ କରିବା ପାଇଁ ଅନ୍ୟୁନ ୬ଟି ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର ହେବାର ସମ୍ଭାବନା ରହିଛି। ପ୍ରଧାନମନ୍ତ୍ରୀ ମୋଦି ଜେଦ୍ଦାରେ ପ୍ରବାସୀ ଭାରତୀୟ ସହ ମଧ୍ୟ ମିଳିତ ହେବେ, ଯେଉଁମାନେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ପାରମ୍ପରିକ ନୃତ୍ୟ ଓ 'ସାରେ ଜହାଁ ସେ ଅଚ୍ଛା' ଗୀତ ଗାଇ ଉତ୍ସାହିତ ଥିଲେ। ଜେଦ୍ଦାର ଗୁଡ ହୋପ ଆର୍ଟସ ଏକାଡେମୀର ସଦସ୍ୟ ପୁଷ୍ପା ସୁରେଶ କହିଛନ୍ତି, ଆମ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ଆମ ପାଇଁ ଏକ ବଡ଼ ଦିନ। ଆମେ ପାରମ୍ପରିକ ନୃତ୍ୟରେ • ପୃଷ୍ଠା ୭ ଦେଖନ୍ତୁ...

## ପହଲଗାମରେ ଆତଙ୍କୀ ହମ୍‌ଲା: ଓଡ଼ିଆ ଯୁବକଙ୍କ ସମେତ ୨୬ ପର୍ଯ୍ୟଟକ ମୃତ !



ପହଲଗାମ, ୨୨।୪ (ହି.ସ): ଜମ୍ମୁ-କଶ୍ମୀରର ପହଲଗାମରେ ଭୟଙ୍କର କାଣ୍ଡ ଘଟାଇଛନ୍ତି ଆତଙ୍କବାଦୀ। ଏଠାରେ ଥିବା ଗୋଟିଏ ହୋଟେଲରେ ଆତଙ୍କବାଦୀମାନେ ସେନା ପୋଷାକ ପିନ୍ଧି ପ୍ରବେଶ କରିବା ସହ ପର୍ଯ୍ୟଟକଙ୍କ ଉପରେ ଗୁଳି ମାଡ଼ କରିଛନ୍ତି। ଏଥିରେ ଜଣେ ଓଡ଼ିଆ ଯୁବକଙ୍କ ସହ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ଓଡ଼ିଆ ଯୁବକ ଜଣଙ୍କ ଘର ବାଲେଶ୍ୱରର ରେମୁଣାରେ। ତାଙ୍କ ନାମ ପ୍ରଶାନ୍ତ ଶତପଥୀ। ସେ ଜମ୍ମୁ-କଶ୍ମୀରକୁ ପତ୍ନୀ ଓ ପୁଅଙ୍କ ସହ ବୁଲିବା ପାଇଁ ଯାଇଥିବା ବେଳେ ପହଲଗାମର ବୈସାରନ ଭ୍ୟାଲିରେ ରହିଥିଲେ। ପ୍ରଶାନ୍ତଙ୍କ ମୁଣ୍ଡରେ ଗୁଳି ମାଡ଼ ହୋଇଥିଲା। ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ପକ୍ଷରୁ ପରିବାର ଲୋକଙ୍କୁ ଅବଗତ କରାଯାଇଛି। ମଙ୍ଗଳବାର ଅପରାହ୍ନରେ ହୋଟେଲର ଘାଷ ଗାଲିଚାରେ ପର୍ଯ୍ୟଟକମାନେ ଖାଉଥିଲେ। ଉକ୍ତ ଅଞ୍ଚଳକୁ କେବଳ ଘୋଡ଼ା କିମ୍ବା ପାଦରେ ଚାଲିକି ଯିବାକୁ ପଡ଼ିଥାଏ। ପର୍ଯ୍ୟଟକମାନେ ମଜାମସ୍ତି କରିବା ସହ ଖାଉଥିବା ବେଳେ ହଠାତ ୩ରୁ ୪ଜଣ ଆତଙ୍କବାଦୀ ବନ୍ଧୁକ ଧରି ପ୍ରବେଶ କରିଥିଲେ। ସେମାନେ ପ୍ରଥମେ ପର୍ଯ୍ୟଟକଙ୍କ ପରିଚୟ ମାଗିଥିଲେ। ଏହାପରେ ଜଣଙ୍କ ପରେ ଜଣଙ୍କୁ ଗୁଳି କରିଥିଲେ। ପ୍ରଥମେ ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିବା କୁହାଯାଇଥିଲା। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଏହି ସଂଖ୍ୟା ୨୦ ରହିଥିବା ସ୍ଥାନୀୟ ସୂତ୍ରରୁ ଜଣାପଡ଼ିଛି। ଘଟଣା ପାଇଁ ପାକିସ୍ତାନରେ ସକ୍ରିୟ ଲସ୍କର-ଇ-ତାଏବାର ସହଯୋଗୀ ଆତଙ୍କୀ ସଂଗଠନ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ ବା ଟିଆରଏଫ ନିଜକୁ ଦାୟୀ କରିଛି। ଘଟଣାରେ ପରେ • ପୃଷ୍ଠା ୭ ଦେଖନ୍ତୁ...

## ଦୋଷୀଙ୍କୁ ଛଡ଼ାଯିବ ନାହିଁ: ମୋଦି

ନୂଆଦିଲ୍ଲୀ, ୨୨।୪ (ହି.ସ): ଜମ୍ମୁ-କାଶ୍ମୀରର ପହଲଗାମ ଜିଲ୍ଲାରେ ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀମାନେ ଏକ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି, ଯେତେବେଳେ ୧୨ରୁ ଅଧିକ ପର୍ଯ୍ୟଟକ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଘଟଣାକୁ ନିନ୍ଦା କରିଛନ୍ତି। ମୋଦି କହିଛନ୍ତି ଯେ ଆହତ ଲୋକମାନେ ଯଥାଶୀଘ୍ର ସୁସ୍ଥ ହୁଅନ୍ତୁ ବୋଲି ସେ ପ୍ରାର୍ଥନା କରୁଛନ୍ତି। ଏହା ସହିତ ସେ କହିଛନ୍ତି ଯେ ଦୋଷୀମାନଙ୍କୁ ଛଡ଼ାଯିବ ନାହିଁ। ସେମାନଙ୍କର ଘୃଣ୍ୟ କାର୍ଯ୍ୟସୂଚୀ କେବେ ସଫଳ ହେବ ନାହିଁ। ଆତଙ୍କବାଦ ବିରୋଧରେ ଲଢ଼ିବା ପାଇଁ ଆମର ସଂକଳ୍ପ ଦୃଢ଼ ଏବଂ ଏହା ଆହୁରି ଦୃଢ଼ ହେବ। ଦୋଷୀମାନଙ୍କୁ • ପୃଷ୍ଠା ୭ ଦେଖନ୍ତୁ...

## ଉଚ୍ଚସ୍ତରୀୟ ବୈଠକ ଡାକିଲେ କେନ୍ଦ୍ର ଗୃହମନ୍ତ୍ରୀ

ନୂଆଦିଲ୍ଲୀ, ୨୨।୪ (ହି.ସ): ଜମ୍ମୁ-କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଏବେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଦିଲ୍ଲୀରେ ଏକ ଉଚ୍ଚସ୍ତରୀୟ ବୈଠକ ଡାକିଛନ୍ତି। ଏହି ବୈଠକରେ ସେନା ଏବଂ ଗୁଇନ୍ଦାର ଶୀର୍ଷ ଅଧିକାରୀମାନେ ଉପସ୍ଥିତ ରହିବେ, ଯାହା ଦ୍ୱାରା ଏହି ଆକ୍ରମଣ ପରେ ପରିସ୍ଥିତି ଏବଂ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯାଇ ପାରିବ। ଅମିତ ଶାହ ମଧ୍ୟ କାଶ୍ମୀର ଗସ୍ତ କରିବେ। ପହଲଗାମର ବୈସରାଣା ଅଞ୍ଚଳରେ ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କ ଏକ ଗୋଷ୍ଠୀକୁ ଟାର୍ଗେଟ କରିଛନ୍ତି। ଏହି ସମୟରେ ୨୬ ପର୍ଯ୍ୟଟକଙ୍କ ମଧ୍ୟ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଆହତମାନଙ୍କୁ ଅନନ୍ତନାଗର ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣା ପରେ, ସୁରକ୍ଷା ବାହିନୀ ସଂପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ ଆରମ୍ଭ କରିଛନ୍ତି। ଆତଙ୍କବାଦୀମାନେ ପ୍ରାୟ ୩ରୁ ୫ ମିନିଟ୍ ପର୍ଯ୍ୟନ୍ତ ଗୁଳି ଚଳାଇବା ପରେ ସେଠାରୁ ପଳାଇ ଯାଇଥିଲେ। ଭାରତୀୟ ସେନାର ଭିକ୍ଟର ଫୋର୍ସ ଏବଂ ସ୍ପେଶାଲ ଫୋର୍ସ, ଜମ୍ମୁ-କାଶ୍ମୀର ପୋଲିସର ଏସଓଜି ଏବଂ ସିଆର୍‌ପିଏଫ୍ ଦ୍ୱାରା ଏହି ଅପରେସନ ଆରମ୍ଭ ହୋଇଛି। ଘଟଣାସ୍ଥଳରେ ସେନା କର୍ମଚାରୀ ଏବଂ ଜମ୍ମୁ-କାଶ୍ମୀର ପୋଲିସ କର୍ମଚାରୀ ଉପସ୍ଥିତ ଅଛନ୍ତି। ସେନା ଅଧିକାରୀମାନେ ମଧ୍ୟ ଅଧିକ ସୂଚନା ପାଇବାକୁ ଚେଷ୍ଟା କରୁଛନ୍ତି। ସୂଚନା ଅନୁଯାୟୀ, ସେନାର ୧୫ କୋର୍ କମାଣ୍ଡର ଲେଫ୍ଟନାଣ୍ଟ ଜେନେରାଲ ପ୍ରଶାନ୍ତ ଶ୍ରୀବାସ୍ତବ ହେଲିକପ୍ଟର ଯୋଗେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଭାରତୀୟ ସେନାର ଭିକ୍ଟର ଫୋର୍ସର ସୈନିକମାନେ ଆତଙ୍କବାଦୀଙ୍କୁ ଖୋଜିବା ପାଇଁ ଘାଟିର ଶୀର୍ଷରେ ପହଞ୍ଚିଛନ୍ତି। ଆତଙ୍କବାଦୀଙ୍କ ବିରୋଧରେ ଅପରେସନ ଆରମ୍ଭ ହୋଇଛି।

## ପାରମ୍ପାରିକ ଗୀତ ଗାଇ ମା'ଙ୍କୁ ସନ୍ତୁଷ୍ଟ କଲେ କିନ୍ନର



ବ୍ରହ୍ମପୁର, ୨୨।୪ (ଡିକେ ନ୍ୟୁଜ୍): ବ୍ରହ୍ମପୁର ମା'ବୁଢ଼ୀ ଠାକୁରାଣୀଙ୍କୁ ପଣାପାଣି ହାଣ୍ଡି ଦ୍ୱାରା ଶୀତଳ କରିବା ସହ ଦର୍ଶନ କରି ଆଶୀର୍ବାଦ ନେଇଛନ୍ତି ବ୍ରହ୍ମପୁରର କିନ୍ନରମାନେ। ସହରର ଗେଟବଜାର ଅଞ୍ଚଳ ସହ ବିଭିନ୍ନ ସ୍ଥାନରେ ରହୁଥିବା ପ୍ରାୟ ୧୫ରୁ ଅଧିକ କିନ୍ନର ସୋମବାର ଗେଟବଜାର ନିକଟରେ ଏକତ୍ରିତ ହୋଇଥିଲେ। ସେଠାରୁ ମା'ଙ୍କ ନିମନ୍ତେ ପଣାପାଣି ହାଣ୍ଡିକୁ ଧରି ତୁରୀ ଓ ବାଜାବାଜଣାର ତାଳେ ତାଳେ କିନ୍ନରମାନେ ନାଚି ନାଚି ମା'ଙ୍କ ଅସ୍ଥାୟୀ ପୀଠରେ ପହଞ୍ଚିଥିଲେ। ଅସ୍ଥାୟୀ ପୀଠରେ ପହଞ୍ଚି ସେଠାରେ ବିଭିନ୍ନ ପାରମ୍ପାରିକ ଗୀତ ଗାଇ ମା'ଙ୍କୁ ସନ୍ତୁଷ୍ଟ କରିବା ସହ ମା'ଙ୍କୁ ଦର୍ଶନ କରିଥିଲେ କିନ୍ନର। ଏହାପରେ ପଣାପାଣି ହାଣ୍ଡିକୁ ମା'ଙ୍କୁ ଉତ୍ସର୍ଗୀକୃତ କରି ମା'ଙ୍କୁ ଶୀତଳ କରିଥିଲେ। ମା' ଯେଉଁଳି ଦୁଇ ବର୍ଷକୁ ଥରେ ଶାଶୁ ଘରୁ ବାହାରି ନିଜ ମା' ଘରକୁ ଆସି ଭକ୍ତଙ୍କୁ ଦର୍ଶନ ଦେବା ସହିତ ସମସ୍ତଙ୍କର ଦୁଃଖକୁ ହରଣ କରିଥାଏ। ଠିକ୍ ସେହିପରି ବାଜାବାଜଣାର ତାଳେ ତାଳେ ନାଚି ନାଚି ଚାରୋଟି ସାହି ପରିକ୍ରମା କରି ମା'ଙ୍କୁ ଶୀତଳ କରିବା ପାଇଁ ପଣାପାଣି ହାଣ୍ଡି ଧରି ଆସିଛୁ। ମା'ଙ୍କୁ ଅସ୍ଥାୟୀ ମଣ୍ଡପରେ ଦେଖି ଆତ୍ମତୃପ୍ତି ଲାଗିଥିବା ବେଳେ ମା' ସମସ୍ତଙ୍କ ଉନ୍ନତି କରିବା ସହିତ ଦୁଃଖକୁ ହରଣ କରନ୍ତୁ ବୋଲି ମା'ଙ୍କ ନିକଟରେ ଗୁହାରି କରିଥିଲେ କିନ୍ନରମାନେ।

## ମୋଦିଙ୍କୁ ଜେଡି ଭାନ୍ସଙ୍କ ପ୍ରଶଂସା



ଜୟପୁର, ୨୨।୪ (ହି.ସ): ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ରାଜସ୍ଥାନର ଜୟପୁରରେ ଏକ କାର୍ଯ୍ୟକ୍ରମରେ ଉଦବୋଧନ ଦେଇଥିଲେ। ଏହି ଅବସରରେ ସେ ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବା ଉପରେ ଆଲୋଚନା କରିଥିଲେ। ଭାନ୍ସ କହିଛନ୍ତି, ଏବେ ସମୟ ଆସିଛି ଯେତେବେଳେ ଉଭୟ ଦେଶ ପରସ୍ପରକୁ ସହଯୋଗ କରିପାରିବେ ଏବଂ ସେମାନଙ୍କର ସମ୍ପର୍କକୁ ଆହୁରି ଗଭୀର କରିପାରିବେ। ଏହି ସମୟରେ ଉପରାଷ୍ଟ୍ରପତି ଭାନ୍ସ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଗଣତାନ୍ତ୍ରିକ ବିଶ୍ୱର ସବୁଠାରୁ ଲୋକପ୍ରିୟ ନେତା ଭାବରେ ବର୍ଣ୍ଣନା କରିଥିଲେ। ଜେଡି ଭାନ୍ସ ଭାରତକୁ ଏକ ଅଂଶୀଦାର ଭାବରେ ବ୍ୟବହାର କରିବା ବିଷୟରେ କହିଥିଲେ। ତାଙ୍କ ଭାଷଣରେ ସେ କହିଥିଲେ, ଆମେ ଏଠାରେ ଆପଣଙ୍କୁ ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ଗ୍ରହଣ କରିବା ଉଚିତ ବୋଲି ଶିଖାଇବା ପାଇଁ ଆସି ନାହୁଁ। ପୂର୍ବରୁ ଅନେକ ଥର ୱାଶିଂଟନ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହିତ ଏକ ଶିକ୍ଷାମୂଳକ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ପୂର୍ବ ସରକାରଗୁଡ଼ିକ ଭାରତକୁ ଏକ ଶସ୍ତା ଶ୍ରମ ଉତ୍ସ ଭାବରେ ଦେଖୁଥିଲେ। ଜେଡି ଭାନ୍ସ ପ୍ରଧାନମନ୍ତ୍ରୀ ମୋଦିଙ୍କ ଲୋକପ୍ରିୟତାର ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରତି ଜୋ ବାଇଡେନ ସରକାରଙ୍କ ମନୋଭାବ ବିଷୟରେ ଉଲ୍ଲେଖ କରି ଭାନ୍ସ କହିଛନ୍ତି ଯେ, ପୂର୍ବ ସରକାର ତାଙ୍କୁ ସମାଲୋଚନା କରୁଥିଲେ, କିନ୍ତୁ ତାଙ୍କ ଦୃଷ୍ଟିରେ ସେ ଗଣତାନ୍ତ୍ରିକ ବିଶ୍ୱର ସବୁଠାରୁ ଲୋକପ୍ରିୟ ନେତା। ଗୋଟିଏ ପଟେ, ସେମାନେ (ପୂର୍ବ ବାଇଡେନ ପ୍ରଶାସନ) ପ୍ରଧାନମନ୍ତ୍ରୀଙ୍କ • ପୃଷ୍ଠା ୭ ଦେଖନ୍ତୁ...

## ଆଜିଠୁ ବନ୍ଦ ରହିବ ଅଙ୍ଗନବାଡ଼ି-ବିଦ୍ୟାଳୟ

### ଜାରି ରହିବ ପୂର୍ବରୁ ନିର୍ଦ୍ଧାରିତ ପରୀକ୍ଷା

ଭୁବନେଶ୍ୱର, ୨୨।୪ (ଡିକେ ନ୍ୟୁଜ୍): ସ୍କୁଲ ପିଲାଙ୍କ ପାଇଁ ଏପ୍ରେଲ୍ ୨୩ ତାରିଖ ଠାରୁ ଖରା ଛୁଟି ଘୋଷଣା ହୋଇଛି। ଅଙ୍ଗନବାଡି, ଶିଶୁବାଟିକା ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ, ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ରାଜ୍ୟରେ ବର୍ତ୍ତମାନ ଚାଲିଥିବା ଭିଷଣ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପିଲାମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଏ ସଂପର୍କରେ ସମୀକ୍ଷା କରିବା ପରେ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ଅନୁଯାୟୀ ଅଙ୍ଗନବାଡି କେନ୍ଦ୍ର, ଶିଶୁବାଟିକା ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ, ବେସରକାରୀ ସ୍କୁଲ ବନ୍ଦ ରହିବ। ସୂଚନାଯୋଗ୍ୟ ଯେ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଦିନ ତାପମାତ୍ରାରେ ଅତ୍ୟଧିକ ବୃଦ୍ଧି ଯୋଗୁ ସାଧାରଣ ଜୀବନଯାପନ ବାଧାପ୍ରାପ୍ତ ହେଉଛି। ତେଣୁ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ସର୍ବାଧିକ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି ସମୟ ମଧ୍ୟରେ ଅଙ୍ଗନବାଡି ପିଲାମାନଙ୍କୁ ସେମାନଙ୍କ ଘରେ ଶୁଖିଲା ଖାଦ୍ୟ ଯୋଗାଇ ଦେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ ଉଭୟ ସରକାରୀ ଓ ବେସରକାରୀ କଲେଜ ପିଲାମାନଙ୍କ ପାଇଁ ରାଜ୍ୟ ସରକାର ଏପ୍ରେଲ ୨୩ ତାରିଖ ଠାରୁ ୫ ଦିନ ପାଇଁ ଛୁଟି ଘୋଷଣା କରିଛନ୍ତି। ତେବେ, ଏହି ସମୟରେ ପୂର୍ବରୁ ନିର୍ଦ୍ଧାରିତ ପରୀକ୍ଷା ଗୁଡ଼ିକ ନିର୍ଦ୍ଦିଷ୍ଟ ତାରିଖରେ ହେବ ଏବଂ ସଂପୃକ୍ତ ଅଧିକାରୀମାନେ ଏଥିପ୍ରତି ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲ ଛୁଟି ନେଇ ଆୟୋଜିତ ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ, ଆଇନ ଓ • ପୃଷ୍ଠା ୭ ଦେଖନ୍ତୁ...

## ବାହାରିଲା ୟୁପିଏସସି ରେଜଲ୍ଟ: ଶକ୍ତି ଦୁବେ ଆଇଏଏସ୍ ଟପ୍ପର

ନୂଆଦିଲ୍ଲୀ, ୨୨।୪ (ହି.ସ): ପ୍ରକାଶ ପାଇଲା ଭାରତୀୟ ପ୍ରଶାସନିକ ସେବା ରେଜଲ୍ଟ। ଶକ୍ତି ଦୁବେ ଆଇଏଏସ ଟପ୍ପର ହୋଇଛନ୍ତି। ଦ୍ୱିତୀୟରେ ହର୍ଷିତା ଗୋୟଲ। ଡୋଙ୍ଗ ଅର୍ଚ୍ଚିତ ପରାଗ ତୃତୀୟ ସ୍ଥାନରେ ରହିଥିବାବେଳେ ଚତୁର୍ଥରେ ଚିରାଗ ଓ ପଞ୍ଚମରେ ଆକାଶ ଗର୍ଗ ରହିଛନ୍ତି। ସେହିପରି ଷଷ୍ଠ ସ୍ଥାନରେ କୋମଲ କୁନିଆ ଓ ସପ୍ତମରେ ଆୟୁଶି ବଂଶଲ ରହିଛନ୍ତି। ଅଷ୍ଟମରେ ରାଜକ୍ରୀଷ୍ଣା ଝା ରହିଥିବା ବେଳେ ନବମରେ ଆଦିତ୍ୟ ବିକ୍ରମ ଅଗ୍ରୱାଲ। ଦଶମ ସ୍ଥାନରେ ମୟଙ୍କ ତ୍ରିପାଠୀ ରହିଛନ୍ତି। ୪୮ତମ ସ୍ଥାନରେ ଓଡ଼ିଶାର ରିତିକା ରଥ ରହିଛନ୍ତି। ପରୀକ୍ଷାର୍ଥୀମାନେ upsc.gov.in ୱେବସାଇଟରେ ସେମାନଙ୍କର ରେଜଲ୍ଟ ଦେଖିପାରିବେ। ଓଡ଼ିଶାର ୮ଜଣ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ୪୮ତମ ସ୍ଥାନରେ ରିତିକା ରଥ, ୯୫ତମ ସ୍ଥାନରେ ଓଡ଼ିଶାର ଦେବିକା ପ୍ରିୟଦର୍ଶିନୀ, ୯୬ତମ ସ୍ଥାନରେ ଓଡ଼ିଶାର ଆଦିତ୍ୟ ଆଚାର୍ଯ୍ୟ, ୧୬୪ରେ ଦୀପ୍ତି ରଞ୍ଜନ ପତି, ୧୭୫ରେ ରଶ୍ମୀ ପ୍ରଧାନ, ୧୯୩ରେ ନୀଳମାଧବ ପ୍ରଧାନ, ୧୯୮ରେ ଆଶୁତୋଷ ମିଶ୍ର ୨୧୨ ରାଙ୍କରେ ଅନୁପ ନାୟକ ରହି ରାଜ୍ୟ ପାଇଁ ଗର୍ବ ଆଣିଛନ୍ତି। ସାକ୍ଷାତକାର ଓ ମୁଖ୍ୟ ପରୀକ୍ଷାରେ ପ୍ରାପ୍ତ ମାର୍କ ଆଧାରରେ ଚୂଡ଼ାନ୍ତ ଫଳାଫଳ ଘୋଷଣା ହୋଇଛି। କମିଶନ ମୋଟ ୧୦୦୯ ଜଣ ପ୍ରାର୍ଥୀଙ୍କ ନାମ ସୁପାରିଶ କରିଛନ୍ତି। ମନୋନୀତ ୧୦୦୯ ପ୍ରାର୍ଥୀଙ୍କ ମଧ୍ୟରୁ ୩୩୫ ଜଣ ସାଧାରଣ ବର୍ଗର, ୧୦୯ ଜଣ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର (ଇଡବ୍ଲୁଏସ୍), ୩୧୮ ଜଣ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି), ୧୬୦ ଜଣ ଅନୁସୂଚିତ ଜାତି (ଏସ୍‌ସି) ଓ ୮୭ ଜଣ ଅନୁସୂଚିତ ଜନଜାତି (ଏସ୍‌ଟି)। ଏଥିରେ ଚାରୋଟି ବର୍ଗର ୪୫ ଜଣ ଶାରୀରିକ ଅକ୍ଷମତା ବା ଦିବ୍ୟାଙ୍ଗ ପ୍ରାର୍ଥୀ ରହିଛନ୍ତି।

### ଉତ୍ତମ ଜନସେବା ପାଇଁ ପ୍ରଶାସନିକ ଅଧିକାରୀଙ୍କ ଭୂମିକା ସବୁବେଳେ ଗୁରୁତ୍ୱପୂର୍ଣ୍ଣ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨।୪ (ଡିକେ ନ୍ୟୁଜ୍): କେନ୍ଦ୍ର ଲୋକସେବା ଆୟୋଗ (ୟୁପିଏସସି) ଦ୍ୱାରା ପରିଚାଳିତ ସିଭିଲ ସେବା ପରୀକ୍ଷା-୨୦୨୪ରେ ସଫଳତା ହାସଲ କରିଥିବା ଓଡ଼ିଆଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସିଭିଲ ସେବା ପରୀକ୍ଷା - ୨୦୨୪ ପରୀକ୍ଷାରେ ସଫଳତା ହାସଲ କରିଥିବା ଓଡ଼ିଶାର ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଉତ୍ତମ ଜନସେବା ପାଇଁ ପ୍ରଶାସନିକ ଅଧିକାରୀମାନଙ୍କ ଭୂମିକା ସବୁବେଳେ ଗୁରୁତ୍ୱପୂର୍ଣ୍ଣ। ଲୋକଙ୍କ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ସେବା ମନୋଭାବ ସମସ୍ତଙ୍କ ବ୍ରତ ହେଉ। ସରକାରୀ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ପାରଦର୍ଶୀ ପ୍ରଶାସନ ଗଠନ ଦିଗରେ ସମସ୍ତେ ଏକନିଷ୍ଠ ହୋଇ କାର୍ଯ୍ୟ କରନ୍ତୁ। ସମସ୍ତଙ୍କ ଉଜ୍ଜଳ ଭବିଷ୍ୟତ କାମନା କରୁଛି।







# ବେପାର ବଣିଜ

## ଫ୍ଲାଟ୍ ଷ୍ଟିଲ୍ ଆମଦାନୀ ଉପରେ ୧୨% ସେଫଗାର୍ଡ ଡ୍ୟୁଟି ଆତ୍ମନିର୍ଭରଶୀଳ ଭାରତ ପାଇଁ ଏକ ଐତିହାସିକ ପଦକ୍ଷେପ: ନବୀନ ଜିନ୍ଦଲ



**ନୂଆଦିଲ୍ଲୀ,(ହି.ସ.) :** ଘରୋଇ ଇସ୍ପାତ ଶିଳ୍ପକୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାର ଫ୍ଲାଟ ଇସ୍ପାତ ଉତ୍ପାଦ ଆମଦାନୀ ଉପରେ ୧୨% ସେଫଗାର୍ଡ ଡ୍ୟୁଟି (ସୁରକ୍ଷା ଶୁଳ୍କ) ଲାଗୁ କରିଛନ୍ତି, ଯାହା ଏପ୍ରିଲ ୨୧ରୁ ଆଗାମୀ ୨୦୦ ଦିନ ପାଇଁ କାର୍ଯ୍ୟକାରୀ ହେବ। ଏହି ପଦକ୍ଷେପ ଚୀନ୍, ଦକ୍ଷିଣ କୋରିଆ ଏବଂ ଜାପାନରୁ ଶସ୍ତା ଇସ୍ପାତ ଆମଦାନୀକୁ ନିୟନ୍ତ୍ରଣ କରିବା ପାଇଁ ଉଦ୍ଦିଷ୍ଟ, ଯାହା ଦ୍ୱାରା ଘରୋଇ ଇସ୍ପାତ ନିର୍ମାତାମାନଙ୍କୁ ଆଶ୍ୱସ୍ତି ମିଳିବ। ଡାଇରେକ୍ଟର ଜେନେରାଲ ଅଫ୍ ଟ୍ରେଡ୍ ରେମେଡିଜ୍ ଦ୍ୱାରା କରାଯାଇଥିବା ଏକ ତଦନ୍ତରୁ ଜଣାପଡିଛି ଯେ ଉପରୋକ୍ତ ଦେଶଗୁଡ଼ିକରୁ ଇସ୍ପାତ ଆମଦାନୀ ଯୋଗୁଁ ଘରୋଇ ଶିଳ୍ପର ଗମ୍ଭୀର କ୍ଷତି ହେଉଛି। ଏହା ଉଲ୍ଲେଖନୀୟ ଯେ, ବିଶ୍ୱର ଦ୍ୱିତୀୟ ବୃହତ୍ତମ ଅଶୋଧିତ ଇସ୍ପାତ ଉତ୍ପାଦନକାରୀ ଦେଶ ଭାରତ, କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଫିନିଶ୍ଡ ଇସ୍ପାତର ନିଟ୍ ଆମଦାନୀକାରୀ ପାଲଟିଛି ଏବଂ ୨୦୨୪-୨୫ ମସିହାରେ ଏହି ଆମଦାନୀ ନଅ ବର୍ଷର ସର୍ବୋଚ୍ଚସ୍ତର ୯.୫ ନିୟୁତ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ଭାରତୀୟ ଇସ୍ପାତ ସଂଘ (ଆଇଏସଏ) ଏବଂ ଦେଶର ପ୍ରମୁଖ ଶିଳ୍ପପତିମାନେ ସ୍ୱାଗତ କରିଛନ୍ତି। ଭାରତୀୟ ଇସ୍ପାତ ସଂଘର ସଭାପତି ଏବଂ ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାରର ଚେୟାରମ୍ୟାନ୍ ନବୀନ ଜିନ୍ଦଲ ଏହାକୁ ଆତ୍ମନିର୍ଭର ଭାରତ ପାଇଁ ଏକ ମାଇଲଖୁଣ୍ଟ ବୋଲି କହିଛନ୍ତ। ସେ କହିଛନ୍ତି ଯେ ଫ୍ଲାଟ୍ ଇସ୍ପାତ ଉତ୍ପାଦ ଉପରେ ୧୨% ସେଫଗାର୍ଡ ଡ୍ୟୁଟି ଲାଗୁ କରିବା ପାଇଁ ସରକାରଙ୍କ ନିର୍ଣ୍ଣାୟକ ନିଷ୍ପତ୍ତି ପାଇଁ ଆମେ କୃତଜ୍ଞ, ଯାହା ଅତ୍ୟଧିକ ମୂଲ୍ୟରେ ଆସୁଥିବା ଆମଦାନୀକୁ ରୋକିବା ପାଇଁ ଅତ୍ୟନ୍ତ ଆବଶ୍ୟକ ଥିଲା। ସରକାରଙ୍କ ଏହି ସହଯୋଗ ନିବେଶକମାନଙ୍କୁ ୨୦୩୦ ସୁଦ୍ଧା ୩୦୦ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ କ୍ଷମତା ଲକ୍ଷ୍ୟ ହାସଲ ପାଇଁ ନୂତନ ଉତ୍ସାହ ସହିତ କାମ କରିବାକୁ ପ୍ରେରଣା ଦେବା ସହ ଏକ ଆତ୍ମନିର୍ଭର ଭାରତ ତଥା ବିକଶିତ ଭାରତ ନିର୍ମାଣ ଦିଗରେ ଅଗ୍ରସର କରିବ। ଭାରତର ଜାତୀୟ ଇସ୍ପାତ ନୀତି-୨୦୧୭ରେ ଦେଶର ଇସ୍ପାତ ଉତ୍ପାଦନ କ୍ଷମତାକୁ ୨୦୩୦ ସୁଦ୍ଧା ୩୦୦ ନିୟୁତ ଟନ୍‌କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଘରୋଇ ବଜାରରେ ଯଥେଷ୍ଟ ପୁଞ୍ଜିନିବେଶ ଏବଂ ବିଶ୍ୱାସର ଆବଶ୍ୟକତା ରହିଛି, ଯାହା କି ନୂତନ ଭାବେ ଲାଗୁ ହୋଇଥିବା ସେଫଗାର୍ଡ ଡ୍ୟୁଟି ପରି ସୁରକ୍ଷାମୂଳକ ପଦକ୍ଷେପ ଦ୍ୱାରା ସୁଦୃଢ଼ ହୋଇ ପାରିଛି। ସରକାରଙ୍କ ଏହି ପଦକ୍ଷେପ ଭାରତକୁ ବିଦେଶୀ ଇସ୍ପାତ ଆମଦାନୀକୁ ନିୟନ୍ତ୍ରଣ କରିବା ସହିତ ଘରୋଇ ଉତ୍ପାଦନ କ୍ଷେତ୍ରକୁ ସୁରକ୍ଷା ଦେବା ପାଇଁ ଚାହୁଁଥିବା ଅନ୍ୟ ଦେଶମାନଙ୍କ ସହିତ ସମନ୍ୱିତ କରୁଛି। ଏକ ସମାନ କ୍ଷେତ୍ର ସୃଷ୍ଟି କରି, ଏହି ସେଫଗାର୍ଡ ଡ୍ୟୁଟି ନିବେଶକଙ୍କ ବିଶ୍ୱାସକୁ ସୁଦୃଢ଼ କରିବ ଏବଂ ଜାତୀୟ ଅଭିବୃଦ୍ଧିରେ ଇସ୍ପାତ କ୍ଷେତ୍ରର ଅବଦାନକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି। ଇସ୍ପାତ ଶିଳ୍ପର ଭବିଷ୍ୟତ ପାଇଁ ଏହି ସେଫଗାର୍ଡ ଶୁଳ୍କର କାର୍ଯ୍ୟାନ୍ୱୟନ ଭାରତର ଆତ୍ମନିର୍ଭରଶୀଳତା ଏବଂ ଆର୍ଥିକ ସ୍ଥିରତାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ।

## ଓଡ଼ିଶା ଷ୍ଟାର୍ଟଅପ ଆଇଜି ଡ୍ରୋନକୁ ପ୍ରଧାନମନ୍ତ୍ରୀଙ୍କର ପ୍ରମୁଖ ସଚିବ ପି.କେ ମିଶ୍ରଙ୍କ ପ୍ରଶଂସା

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଆଇଆଇଏମ ସମ୍ବଲପୁରର ସମାବର୍ତନ ଉତ୍ସବରେ ଆଇଜି ଡ୍ରୋନର ପ୍ରତିଷ୍ଠାତା ବୋଧିସତ୍ୱ ସଂଘପ୍ରିୟାଙ୍କୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶ୍ରୀ ପିକେ ମିଶ୍ର । ଓଡ଼ିଶାର ଏକ ମଧ୍ୟବିତ ପରିବାରରୁ ଆସୁଥିବା ବୋଧିସତ୍ୱ ସଂଘପ୍ରିୟା ବର୍ତ୍ତମାନ ଭାରତର ଅନ୍ୟତମ ଅଗ୍ରଣୀ ଡ୍ରୋନ ଟେକ କମ୍ପାନି ଆଇଜି ଡ୍ରୋନର ପ୍ରତିଷ୍ଠାତା ଯିଏକି ଦେଶର ଡ୍ରୋନ ପରିଦୃଶ୍ୟକୁ ଏକ ନୂଆ ରୂପ ଦେଇଛନ୍ତି। ତାଙ୍କ ଷ୍ଟାର୍ଟଅପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମନିର୍ଭର ଭାରତର ସ୍ୱପ୍ନକୁ ପ୍ରତିଫଳିତ କରିବା ସହିତ ତୃଣମୂଳ ସ୍ତରର ଉଦ୍ଭାବନକୁ ଏକ ଦେଶବ୍ୟାପୀ ପ୍ରଭାବଶାଳୀ କାହାଣୀରେ ପରିଣତ କରିଛି। ଓଡ଼ିଶାର ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି (ଭିଏସଏସୟୁଟି)ର ଜଣେ ପୂର୍ବତନ ଇଞ୍ଜିନିୟରିଂ ଛାତ୍ର, ବୋଧିସତ୍ୱ ୨୦୧୭ରେ ଏସିଆର ପ୍ରଥମ ଛାତ୍ର ରକେଟ୍ରି ପ୍ରକଳ୍ପର ନେତୃତ୍ୱ ନେଇ ଶ୍ରୀ ମିଶ୍ରଙ୍କୁ ଭେଟିଥିଲେ । ତାଙ୍କର ଏହି ସାକ୍ଷାତ ଇସ୍ରୋ ସହିତ ଏକ ସହଭାଗୀତାକୁ ପ୍ରୋତ୍ସାହିତ କରିବାରେ ସହାୟକ ହୋଇଥିଲା, ଯାହା ତାଙ୍କ ଉଦ୍ୟୋଗୀ ଯାତ୍ରା ପାଇଁ ପଥ ପ୍ରଶସ୍ତ କରିଥିଲା। ପ୍ରତିରକ୍ଷା, ଭିତ୍ତିଭୂମି, କୃଷି ଏବଂ ବିପର୍ଯ୍ୟୟ ପରିଚାଳନା ଭଳି କ୍ଷେତ୍ରପାଇଁ ଏଆଇ ଚାଳିତ, ୫ଜି ସକ୍ଷମ ସମାଧାନ ପ୍ରଦାନ କରୁଥିବା ଏକ ଘରୋଇ ଡ୍ରୋନ୍ ଉଦ୍ୟୋଗ ଆଇଜି ଡ୍ରୋନ ପ୍ରତିଷ୍ଠା ପାଇଁ ବୋଧିସତ୍ୱ ଇନ୍‌ଫୋସିସର ଚାକିରି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହି କମ୍ପାନୀ ସରକାରୀ ଏଜେନ୍ସି, ରାଷ୍ଟ୍ରାୟତ ଉଦ୍ୟୋଗ ଏବଂ ବିଶ୍ୱସ୍ତରୀୟ କମ୍ପାନିମାନଙ୍କ ପାଇଁ ୫୦୦ରୁ ଅଧିକ ପ୍ରକଳ୍ପ ସମ୍ପୂର୍ଣ୍ଣ କରିଛି ଏବଂ ଭାରତର ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଡ୍ରୋନ୍ ଇକୋସିଷ୍ଟମରେ ଏକ ପ୍ରମୁଖ ଖେଳାଳି ପାଲଟିଛି। କମ୍ପାନୀ କେବଳ ଜଗା ଓ ସ୍କାଏହାୱ୍କ ଭଳି ଏଆଇ ଚାଳିତ, ୫ଜି ସକ୍ଷମ ଡ୍ରୋନ୍ ନିର୍ମାଣ କରୁନାହିଁ ବରଂ ବ୍ୟାପକ ଗ୍ରାମୀଣ ଦକ୍ଷତା ଏବଂ ଆଦିବାସୀ ଦକ୍ଷତା ମାଧ୍ୟମରେ ନିଯୁକ୍ତି ସୃଷ୍ଟିର ଏକ ଇକୋସିଷ୍ଟମ ମଧ୍ୟ ସୃଷ୍ଟି କରୁଛି। ଏହାର ଡ୍ରୋନ ସେଣ୍ଟର ଅଫ ଏକ୍ସଲେନ୍ସ ମାଧ୍ୟମରେ ଆଇଜି ଡ୍ରୋନ ସମଗ୍ର ଭାରତରେ ୫୦,୦୦୦ରୁ ଅଧିକ ଯୁବକଙ୍କୁ ତାଲିମ ଦେଇଛି । ଯାହା ଭାରତର ଡ୍ରୋନ୍ ନେତୃତ୍ୱାଧୀନ ଅଭିବୃଦ୍ଧି କାହାଣୀର ପରବର୍ତ୍ତୀ ପର୍ଯ୍ୟାୟକୁ ସଶକ୍ତ କରିବା ପାଇଁ ପ୍ରସ୍ତୁତ ଏକ ଦକ୍ଷ ଶ୍ରମଶକ୍ତି ପ୍ରସ୍ତୁତ କରୁଛି। ୨୦୨୯ ସୁଦ୍ଧା ଭାରତର ଡ୍ରୋନ୍ ବଜାର ୧.୪ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି, ଯାହା ୧୭% ସିଏଜିଆର୍ ହାରରେ ବୃଦ୍ଧି ପାଇବ। ଆଇଜି ଡ୍ରୋନ୍ ହାର୍ଡୱେୟାର ଉତ୍ପାଦନ, ଡ୍ରୋନ୍ ସେବା ଏବଂ ଶିକ୍ଷାକୁ ମିଶାଇ ଏହାର ସମନ୍ୱିତ ମଡେଲ ସହିତ ଏହି ଅଭିବୃଦ୍ଧିକୁ ଚଳାଇଛି । ଏହି ମାନ୍ୟତା ଓ ଯାତ୍ରା ସମ୍ପର୍କରେ ମତବ୍ୟକ୍ତ କରି ଆଇଜି ଡ୍ରୋନର ପ୍ରତିଷ୍ଠାତା ତଥା ସିଇଓ ବୋଧିସତ୍ୱ ସଂଘପ୍ରିୟା କହିଛନ୍ତି ଯେ, ଆମର ମିଶନ ସର୍ବଦା ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତ ଆହ୍ୱାନରୁ ଅନୁପ୍ରାଣିତ ହୋଇଛି। ପି.କେ ମିଶ୍ର ସାରଙ୍କୁ ଭେଟିବା ମୋତେ ସଠିକ୍ ନିଷ୍ପତ୍ତି ନେବାରେ ସାହାଯ୍ୟ କରିଥିଲା। ଯାହା ସ୍ୱପ୍ନକୁ ଆଜି ଏକ ବାସ୍ତବତାରେ ପରିଣତ କରିଛି । ଆଜି ଆମର ମେଡ ଇନ ଇଣ୍ଡିଆ ଡ୍ରୋନ୍ ବିଭିନ୍ନ ଶିଳ୍ପରେ ବାସ୍ତବ ଦୁନିଆର ସମସ୍ୟାର ସମାଧାନ କରୁଛି। କିନ୍ତୁ ତାଠାରୁ ଅଧିକ, ଆମେ ଆଦିବାସୀ ଏବଂ ଗ୍ରାମୀଣ ଦକ୍ଷତା ମାଧ୍ୟମରେ ନିଯୁକ୍ତି ସୃଷ୍ଟି, ସୁଯୋଗ ଖୋଲିବା ଏବଂ ଅବହେଳିତ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ଗର୍ବିତ।

## ସମ୍ବଲପୁର ସ୍କୁଲଗୁଡିକରେ ଏସଟିଇଏମ୍ ଶିକ୍ଷାକୁ ଆଗେଇ ନେବା ନିମନ୍ତେ ଆଦିତ୍ୟ ଆଲୁମିନିୟମ ଦ୍ୱାରା ମିନି ସାଇନ୍ସ ସେଣ୍ଟର ସ୍ଥାପନ




**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଆଦିତ୍ୟ ବିର୍ଲା ଗ୍ରୁପ କମ୍ପାନୀ ଆଦିତ୍ୟ ଆଲୁମିନିୟମ ସମ୍ବଲପୁର ଜିଲ୍ଲା ମଧ୍ୟରେ ପାଞ୍ଚଟି ସ୍କୁଲରେ ମିନି ସାଇନ୍ସ ସେଣ୍ଟର ସ୍ଥାପନ ଦ୍ୱାରା ଏସଟିଇଏମ୍ ଶିକ୍ଷାରେ ବୃଦ୍ଧି ଘଟାଇବା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛି। ଏହି ପ୍ରୟାସ ଛାତ୍ରଛାତ୍ରୀଙ୍କ ନିମନ୍ତେ ବିଜ୍ଞାନ ଓ ପ୍ରଯୁକ୍ତିକୁ ଅଧିକ ସୁଗମ ଓ ନିୟୋଜନକାରୀ କରିବା ଏବଂ ଏସଟିଇଏମ (ସାଇନ୍ସ, ଟେକ୍‌ନୋଲୋଜି, ଇଞ୍ଜିନିୟରିଂ ଏବଂ ମ୍ୟାଥେମାଟିକ୍ସ) ସମ୍ପର୍କରେ ବାସ୍ତବ ବୁଝିବାକୁ ପ୍ରୋତ୍ସାହିତ କରୁଛି। ଏହି ପ୍ରୟାସ ସମ୍ପର୍କରେ ପ୍ରକାଶ କରି ଜଗନ୍ନାଥ ପ୍ରସାଦ ନାୟକ, ୟୁନିଟ ହେଡ, ଆଦିତ୍ୟ ଆଲୁମିନିୟମ କହିଥିଲେ, "ଆଦିତ୍ୟ ଆଲୁମିନିୟମରେ ଆମେ ଏକ ପ୍ରଗତିଶୀଳ ସମାଜ ନିମନ୍ତେ ଶିକ୍ଷା ମୂଳାଧାର ବୋଲି ବିଶ୍ୱାସ କରୁଛୁ। ଯୁବ ମାନସିକତାଗୁଡିକ ନିମନ୍ତେ ବିଜ୍ଞାନର ଦୁନିଆଁକୁ ଜାଣିବା ସକାଶେ ସେମାନଙ୍କ ପାଇଁ ଶିକ୍ଷାଗତ ବିକାଶକୁ ପୃଷ୍ଠପୋଷକତା କରିବା ଏବଂ ସୁଯୋଗ ସୃଷ୍ଟି କରିବା ନିମନ୍ତେ ମିନି ସାଇନ୍ସ ସେଣ୍ଟରଗୁଡିକ ଆମ ପ୍ରତିବଦ୍ଧତାର ଅଂଶ ହୋଇଛି। ସମ୍ବଲପୁରରେ ସ୍କୁଲଗୁଡିକୁ ସିମର୍ଥନ କରି ଆମେ ଗର୍ବିତ ଅନୁଭବ କରୁଛୁ ଏବଂ ଏସଟିଇଏମ୍ ବିଷୟଗୁଡିକରେ ଛାତ୍ର ଛାତ୍ରୀ ଉତ୍କର୍ଷ ହାସଲ କରିବା ଆଶା ରଖୁଛୁ।" ଆନ୍ତଃକ୍ରିୟାଶୀଳ ଏବଂ ପରୀକ୍ଷାମୂଳକ ଶିକ୍ଷା ଆହରଣକୁ ସମର୍ଥନ କରୁଥିବା ଗୁଣାତ୍ମକ ଶିକ୍ଷାଦାନ ସହାୟକ ବ୍ୟବସ୍ଥା ପ୍ରଚଳନ ଦ୍ୱାରା ପାରମ୍ପରିକ ଶିକ୍ଷାଦାନ ପଦ୍ଧତିରେ ପରିବର୍ତ୍ତନ ଆଣିବାକୁ ମିନି ସାଇନ୍ସ ସେଣ୍ଟର ଡିଜାଇନ କରାଯାଇଛି। ଛାତ୍ର ଛାତ୍ରୀଙ୍କର ଆପ୍ଟିଚ୍ୟୁଡ ଏବଂ କୌଶଳତାରେ ଉନ୍ନତି ଆଣିବା ଉପରେ ଦୃଷ୍ଟିନିବଦ୍ଧ ସହତ ଏହି ସେଣ୍ଟର ଉଭୟ ଛାତ୍ର ଛାତ୍ରୀ ଓ ଶିକ୍ଷକଙ୍କ ନିମନ୍ତେ ସେମାନଙ୍କର ବିଜ୍ଞାନସମ୍ପର୍କିତ ଜ୍ଞାନ ସମ୍ପର୍କରେ ଜାଣିବା ଏବଂ ତାହା ପ୍ରଦର୍ଶନ କରିବାକୁ ଏକ ମଞ୍ଚ ଯୋଗାଇ ଦେଉଛି। ଏହି ପ୍ରୟାସ ପ୍ରାକ୍ଟିକାଲ ଶିକ୍ଷା ଓ ପ୍ରଭାବୀ ଶିକ୍ଷାଦାନ ରଣକୌଶଳ ଉପରେ ଗୁରୁତ୍ୱ ଦେଉଥିବା ଆଧୁନିକ ଶିକ୍ଷା ବ୍ୟବସ୍ଥା ଅନୁରୂପ ହୋଇଛି। ନିକଟରେ ଶେଷ ହୋଇଥିବା ଆର୍ଥିକ ବର୍ଷ (୨୦୨୪-୨୫)ରେ ଆଦିତ୍ୟ ଆଲୁମିନିୟମ ୫ଟି ମନୋନୀତ ସ୍କୁଲ ମଧ୍ୟରୁ ପ୍ରତ୍ୟେକକୁ ୮୦ଟି ବିଜ୍ଞାନ ଉପକରଣ ପ୍ରଦାନ କରିଥିଲା, ଯଦ୍ଦ୍ୱାରା ୫ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୬୯୭ ଜଣ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି। ଏହି ଉପକରଣଗୁଡିକର ସ୍ଥାପନ ବିଜ୍ଞାନ ଓ ଗଣିତ ବିଷୟକୁ ଏକ ନବୋନ୍ମେଷୀ ଏବଂ ପ୍ରତ୍ୟକ୍ଷ ଶୈଳୀରେ ଶିକ୍ଷାଦାନ କରିବା କ୍ଷେତ୍ରରେ ସ୍କୁଲଗୁଡିକର ଉଲ୍ଲେଖନୀୟ ସାମର୍ଥ୍ୟ ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଭିତ୍ତିଭୂମି ସହିତ କମ୍ପାନୀ ମଧ୍ୟ ଶିକ୍ଷକମାନଙ୍କ ନିମନ୍ତେ ଟ୍ରେନିଂ ଫର ଟ୍ରେନର୍ସ (ଟିଓଟି) କାର୍ଯ୍ୟକ୍ରମ ଆୟୋଜନ କରିଥିଲା, ଯାହାଦ୍ୱାରା ସେମାନେ ଏହି ନୂତନ ସମ୍ବଳକୁ ସଫଳତାର ସହିତ ବ୍ୟବହାର କରିବା ନିମନ୍ତେ ପୂର୍ଣ୍ଣ ପ୍ରସ୍ତୁତ ହେବା ସୁନିଶ୍ଚିତ କରାଯାଇଥିଲା। ମିନି ସାଇନ୍ସ ସେଣ୍ଟର ଉଦ୍‌ଘାଟନ ଅବସରରେ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ବିଶେଷ ଆଗ୍ରହ ଦେଖିବାକୁ ମିଳିଥିଲା। ମନୋଜ ନାୟକ, ପ୍ରଧାନଶିକ୍ଷକ, ଲପଙ୍ଗା ସରକାରୀ ହାଇସ୍କୁଲ, ନିଜର କୃତଜ୍ଞତା ପ୍ରକାଶ କରି କହିଥିଲେ, "ମିନି ସାଇନ୍ସ ସେଣ୍ଟର ଆମ ଛାତ୍ର ଛାତ୍ରୀଙ୍କ ନିମନ୍ତେ ବିଜ୍ଞାନ ବିଷୟରେ ନିୟୋଜିତ ରହିବା କ୍ଷେତ୍ରରେ ରୂପାନ୍ତରଣ ଆଣିଛି। ଏହା ପାଠ୍ୟପୁସ୍ତକଗୁଡିକୁ ସଜୀବ କରିଦେଉଛି, ଯାହା ଛାତ୍ର ଛାତ୍ରୀଙ୍କୁ ବିଜ୍ଞାନର ନୀତିଗୁଡିକୁ କାର୍ଯ୍ୟକାରୀ ଅବସ୍ଥାରେ ଦେଖିବାକୁ ସୁଯୋଗ ଦେଉଛି। ଏହି ପ୍ରତ୍ୟକ୍ଷ ଅନୁଭୂତି ସେମାନଙ୍କର ଶିକ୍ଷାଗତ ଅଭିବୃଦ୍ଧି ନିମନ୍ତେ ବହୁ ମୂଲ୍ୟବାନ ବିବେଚିତ ହେଉଛି।" ନବମ ଶ୍ରେଣୀର ଜଣେ ଛାତ୍ର ଆଲୋକ ସାହୁ ନିଜର ଉତ୍ସାହ ପ୍ରକାଶ କରି କହିଥିଲେ, "ମୁଁ ସର୍ବଦା ବିଜ୍ଞାନ ବିଷୟକୁ ଚାଲେଞ୍ଜପୂର୍ଣ୍ଣ ବିଷୟ ବୋଲି ଭାବୁଥିଲି, କିନ୍ତୁ ନୂଆ ଉପକରଣଗୁଡିକ ଶିକ୍ଷା ଆହରଣକୁ ମଜାଦାର ଓ ବୁଝିବା ନିମନ୍ତେ ସହଜ କରିଦେଉଛି। ଏବେ ମୁଁ ପରୀକ୍ଷା ନିରୀକ୍ଷା କରିପାରିବି, ଯାହା ପୂର୍ବରୁ କେବଳ ଲିଖିତ ଭାବରେ ରହୁଥିଲା। ବିଷୟଗୁଡିକ କିଭଳି କାର୍ଯ୍ୟ କରୁଛି ତାହା ଜାଣିବାକୁ ମୁଁ ଅଧିକ ଅନୁସନ୍ଧିତ୍ସୁ ହୋଇଛି।" ମିନି ସାଇନ୍ସ ସେଣ୍ଟର ସ୍ଥାପନରୁ ପ୍ରଭାବୀ ଫଳାଫଳ ଦେଖିବାକୁ ମିଳିଛି। ଏକ ସଂସ୍ଥା ଦ୍ୱାରା କରାଯାଇଥିବା ଆକଳନରୁ ଜଣାଯାଇଛି ଯେ ଛାତ୍ର ଛାତ୍ରୀ ବିଜ୍ଞାନ ଉପକରଣଗୁଡିକୁ ନେଇ ସକ୍ରିୟ ଭାବରେ ନିୟୋଜିତ ରହୁଛନ୍ତି ଏବଂ ଶିକ୍ଷକମାନେ ବେଶ ପ୍ରଭାବୀ ଢଙ୍ଗରେ ଏହି ଉପକରଣଗୁଡିକୁ ସେମାନଙ୍କ ଶିକ୍ଷାଦାନରେ ସାମିଲ କରୁଛନ୍ତି। ଡିଇଟି ଅନ୍ତର୍ନିବେଶୀ କାର୍ଯ୍ୟକ୍ରମ ଅବସରରେ ମୂଲ୍ୟାୟନ ପରବର୍ତ୍ତୀ ଭାବ ବିନିମୟ ଏବଂ ପ୍ରଦର୍ଶନଗୁଡିକ ଏହି ପ୍ରୟାସର ପ୍ରଗତିଶୀଳ ପ୍ରଭାବ ସୁନିଶ୍ଚିତ କରିଥିଲା। ଉଭୟ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ମିନି ସାଇନ୍ସ ସେଣ୍ଟରଗୁଡିକର ଫାଇଦା ସମ୍ପର୍କରେ ଆଲୋକପାତ କରିବା ସହିତ ଆଦିତ୍ୟ ଆଲୁମିନିୟମକୁ ତାହାର ସମର୍ଥନ ନିମନ୍ତେ ପ୍ରଶଂସା କରିଛନ୍ତି। ଏହି ପ୍ରୟାସ ଛାତ୍ରଛାତ୍ରୀଙ୍କୁ ଏସଟିଇଏମ ବିଷୟଗୁଡିକ ଗଭୀର ଭାବରେ ବୁଝିବା ଦିଗରେ କେବଳ ସଶକ୍ତ କରୁନାହିଁ, ତାହାସହିତ ସାମାଜିକ ଦାୟିତ୍ୱବଦ୍ଧତା ଏବଂ ଶିକ୍ଷାଗତ ବିକାଶ ନିମନ୍ତେ କମ୍ପାନୀର ପ୍ରତିବଦ୍ଧତା ସମ୍ପର୍କରେ ଉଲ୍ଲେଖ କରୁଛି। ଏକ ଦାୟିତ୍ୱସମ୍ପନ୍ନ କର୍ପୋରେଟ ସଂସ୍ଥା ଭାବରେ ଏବଂ ସମାଜକୁ ପ୍ରତିଦାନ ରଖିବାର ନିରନ୍ତର ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଆଦିତ୍ୟ ବିର୍ଲା ଗ୍ରୁପ୍ ଓଡ଼ିଶାରେ ୫ ଲକ୍ଷରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିବା ସହିତ ୧୨୮ଟି ଗ୍ରାମରେ ୨ ଲକ୍ଷ ଜୀବନକୁ ସ୍ପର୍ଶ କରୁଛି। ଗ୍ରୁପ୍‌ର କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହନ ରାଜଶ୍ରୀ ବିର୍ଲାଙ୍କ ଅଧ୍ୟକ୍ଷତାରେ ଆଦିତ୍ୟ ବିର୍ଲା ସେଣ୍ଟର ଫର କମ୍ୟୁନିଟି ଇନିସିଏଟିଭସ୍ ଆଣ୍ଡ ରୁରାଲ ଡେଭଲପମେଣ୍ଟ ଦ୍ୱାରା ପରିଚାଳିତ ହେଉଛି। ଗ୍ରୁପ୍‌ର ଲକ୍ଷ୍ୟ ହେଉଛି ଏହା ନିଜର କାର୍ଯ୍ୟ ପରିଚାଳନା କରୁଥିବା ଅଞ୍ଚଳର ଜନସାଧାରଣଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ଦିଗରେ ସକ୍ରିୟ ଅବଦାନ ରଖିବା। ଏହାଦ୍ୱାରା ସମାଜର ଦୁର୍ବଳ ବର୍ଗଙ୍କ ନିମନ୍ତେ ଏକ ଉନ୍ନତ ଏବଂ ଦୀର୍ଘସ୍ଥାୟୀ ଜୀବନଧାରଣ ପନ୍ଥା ନିର୍ମାଣ କରୁଛି ଏବଂ ରାଷ୍ଟ୍ରର ମାନବ ସମ୍ବଳ ସୂଚକାଙ୍କରେ ବୃଦ୍ଧି ଘଟାଉଛି। ଗ୍ରୁପ୍‌ର ସିଏସଆର ଦୂରଦୃଷ୍ଟି ଦାରିଦ୍ର୍ୟ ଦୂରୀକରଣ ଏବଂ କ୍ଷୁଧାରୁ ମୁକ୍ତି ନିମନ୍ତେ ୟୁଏନଏସଡିଜି ଲକ୍ଷ୍ୟସମୂହ ଅନୁରୂପ ହୋଇଛି।

## ଏଚ୍‌ସିଏଲ ଜିଗ୍‌ସ'ର ୬ଷ୍ଠ ସଂସ୍କରଣ ପାଇଁ ପଞ୍ଜୀକରଣ ଆରମ୍ଭ



**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ୧୩.୮ ବିଲିୟନ ଡଲାରର ଏକ ଆନ୍ତର୍ଜାତୀୟ କମ୍ପାନୀ ଏଚସିଏଲ ଗ୍ରୁପ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଭାରତର ସବୁଠାରୁ ବଡ ସମସ୍ୟା-ସମାଧାନକାରୀ ମୂଲ୍ୟାୟନ ପ୍ଲାଟଫର୍ମ ଏଚସିଏଲ ଜିଗ୍‌ସର ୬ଷ୍ଠ ସଂସ୍କରଣର ଘୋଷଣା କରିଛି। ଉଦ୍ଭାବନ ଓ ବିଶ୍ଳେଷଣାତ୍ମକ ଦକ୍ଷତାକୁ ବିକଶିତ କରିବା ପାଇଁ ଡିଜାଇନ ହୋଇଥିବା ଏଚସିଏଲ ଜିଗ୍‌ସ ସୃଜନଶୀଳ ଓ ଯୁକ୍ତିଯୁକ୍ତ ବିଚାରଧାରା ମାଧ୍ୟମରେ ବାସ୍ତବ ଦୁନିଆର ଆହ୍ୱାନଗୁଡିକର ମୁକାବିଲା କରିବା ପାଇଁ ଯୁବ ପ୍ରତିଭାମାନଙ୍କୁ ସଶକ୍ତ କରିବା ଜାରି ରଖିଛି। ଏହି ପ୍ଲାଟଫର୍ମ ୬ଷ୍ଠରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଅନୁସନ୍ଧାନ, ଜଟିଳ ବିଚାରଧାରା ଓ ଯୋଗାଯୋଗ ସମେତ ଏକବିଂଶ ଶତାବ୍ଦୀର ପ୍ରମୁଖ ଦକ୍ଷତାଗୁଡିକ ଉପରେ ମୂଲ୍ୟାୟନ କରିଥାଏ ଏବଂ ସେମାନଙ୍କୁ ବାସ୍ତବ ଦୁନିଆର ସମସ୍ୟାଗୁଡିକର ସମାଧାନ କରିବା ପାଇଁ ସେହି ଦକ୍ଷତାକୁ ପ୍ରୟୋଗ କରିବାରେ ସାହାଯ୍ୟ କରିଥାଏ। ଇଚ୍ଛୁକ ଛାତ୍ରଛାତ୍ରୀ କିମ୍ବା ବିଦ୍ୟାଳୟଗୁଡିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଆସନ୍ତା ଜୁଲାଇ ୩୧ ତାରିଖ ସୁଦ୍ଧା www.hcljigsaw.comରେ ପଞ୍ଜୀକରଣ କରିପାରିବେ। ଏହି ପ୍ରତିଯୋଗିତାର ଫାଇନାଲିଷ୍ଟମାନଙ୍କୁ ଏଚସିଏଲର ଇନୋଭେଶନ ଲ୍ୟାବଗୁଡିକରେ ଶିଖିବା ପାଇଁ ସୁଯୋଗ ଦିଆଯିବା ସହିତ ୧୨ ଲକ୍ଷରୁ ଅଧିକ ଟଙ୍କାର ମୋଟ ପୁରସ୍କାର ରାଶିରେ ସମ୍ମାନିତ କରାଯିବ। ଏହାଛଡା ଏଚସିଏଲ ଜିଗ୍‌ସ ଏକ ମାଗଣା ନାମଲେଖା ସୁଯୋଗ ପ୍ରଦାନ କରି ସମସ୍ତ ସ୍କୁଲ ଛାତ୍ରଛାତ୍ରୀଙ୍କୁ ବିନା କୌଣସି ଫି'ରେ ଅଂଶଗ୍ରହଣ କରିବା ପାଇଁ ଆମନ୍ତ୍ରିତ କରିଛି। ୬ଷ୍ଠ ସଂସ୍କରଣରେ ଚଳିତ ବର୍ଷ ପ୍ରୋଜେକ୍ଟ- ଆଧାରିତ ଚ୍ୟାଲେଞ୍ଜରେ ସହଭାଗିତା କରିବା, ସୃଷ୍ଟି କରିବା ଓ ବିଜୟ ହାସଲ କରିବା ପାଇଁ ଏକ ମିଶନ ରହିବ। ଏହି ପଦକ୍ଷେପ ସମ୍ପର୍କରେ ଏଚ୍‌ସିଏଲ ଗ୍ରୁପର ସହ ଉପାଧ୍ୟକ୍ଷ ଓ ବ୍ରାଣ୍ଡ ମୁଖ୍ୟ ରଜତ ଚନ୍ଦୋଲିଆ କହିଛନ୍ତି, "ଏଚ୍‌ସିଏଲରେ ଆମେ ଏକ ଗତିଶୀଳ ଦୁନିଆରେ ସଫଳ ହେବା ପାଇଁ ଦକ୍ଷତା ସହ ସୁସଜ୍ଜିତ କରି ଯୁବ ପ୍ରତିଭାମାନଙ୍କ କ୍ଷମତାକୁ ଉନ୍ମୋଚନ କରିବା ପାଇଁ ଲକ୍ଷ୍ୟ ରଖିଛୁ। ଏଚସିଏଲ ଜିଗ୍‌ସ ଏକ କ୍ୱିଜ କିମ୍ବା ଅଲିମ୍ପିଆଡ ନୁହେଁ, ବରଂ ଏହା ଯୁବ ଥିଙ୍କର, କୋଲାବରେଟର ଓ କ୍ରିଏଟରଙ୍କ ପାଇଁ ଏକ ଲଞ୍ଚପ୍ୟାଡ ଅଟେ। ଆମେ ବର୍ତମାନ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତାରେ ଅନେକ ଉତ୍ସାହଜନକ ଅଂଶଗ୍ରହଣ ପାଇଛୁ ଏବଂ ଚଳିତ ସଂସ୍କରଣରେ ବିଦ୍ୟାଳୟଗୁଡ଼ିକୁ ସେମାନଙ୍କର ଛାତ୍ରଛାତ୍ରୀଙ୍କ କ୍ଷମତାକୁ ଉନ୍ମୋଚନ କରିବା ପାଇଁ ଆହୁରି ଅଧିକ ଅନୁପ୍ରାଣିତ କରିବା ନେଇ ଆମେ ଉତ୍ସାହିତ ରହିଛୁ, ଯେଉଁଠାରେ ଶ୍ରେଣୀଗୃହ ବାସ୍ତବ ଦୁନିଆକୁ ଭେଟିଥାଏ।" ଏଚସିଏଲ ଜିଗ୍‌ସ ଛାତ୍ରଛାତ୍ରୀଙ୍କୁ ୩ଟି ପ୍ରାଥମିକ ମାନଦଣ୍ଡ ଅଧିନରେ ଗୁରୁତ୍ୱପୂର୍ଣ୍ଣ ପରିମାପଗୁଡିକ ଉପରେ ମୂଲ୍ୟାଙ୍କନ କରିଥାଏ । ଏହି ପ୍ରତିଯୋଗୀତାରେ ରାଉଣ୍ଡ ୧ରେ ଇଣ୍ଟ୍ରା-ସ୍କୁଲ ରାଉଣ୍ଡ ରହିଥାଏ ଯେଉଁଥିଷର ଛାତ୍ରଛାତ୍ରୀଙ୍କୁ ଏକ ଅନ୍‌ଲାଇନ ପରୀକ୍ଷା ଦେବାକୁ ପଡିବ ଯାହା ରିଜନିଂ, ସମସ୍ୟା-ସମାଧାନ ଓ ବୋଧଶକ୍ତିକୁ ପରୀକ୍ଷା କରିଥାଏ। ରାଉଣ୍ଡ-୨ରେ ରାଉଣ୍ଡ ୧ର ମନୋନୀତ ଛାତ୍ରଛାତ୍ରୀ ଏକ ଅନ୍‌ଲାଇନ ଇଣ୍ଟର-ସ୍କୁଲ ଫେସ୍-ଅଫରେ ସେମାନଙ୍କର ବିଦ୍ୟାଳୟଗୁଡିକର ପ୍ରତିନିଧିତ୍ୱ କରିବେ। ପ୍ରି-ଜୁରୀ ଏଚସିଏଲ ଜିଗ୍‌ସ ସବ୍-ଜୁରୀ ଟିମ୍ ଦ୍ୱାରା ଦାଖଲ ଆବେଦନଗୁଡିକର ଅନ୍ତରୀଣ ମୂଲ୍ୟାଙ୍କନ କରାଯିବ। ପ୍ରତି ଶ୍ରେଣୀର ଶୀର୍ଷ ଟିମଗୁଡିକୁ ଗ୍ରାଣ୍ଡ ଫିନାଲେରେ ଅଂଶଗ୍ରହଣ କରିବା ପାଇଁ ଆମନ୍ତ୍ରିତ କରାଯାଇଥାଏ, ଯେଉଁଠାରେ ସେମାନେ ଶିକ୍ଷାନୁଷ୍ଠାନ, ସରକାର ଓ ଶିଳ୍ପର ବିଶେଷଜ୍ଞ ବିଚାରପତିଙ୍କ ନିକଟରେ ସେମାନଙ୍କର ପ୍ରକଳ୍ପ ଓ ସମାଧାନଗୁଡିକୁ ଉପସ୍ଥାପନ କରିବେ।

# ଡୁମାଣୀ ଖବର
# ରାଷ୍ଟ୍ରୀୟ/ଅନ୍ତଃରାଷ୍ଟ୍ରୀୟ

## ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ସୈନ ଫ୍ରାନ୍ସିକୋରେ ଭେଟେରାନ ବ୍ୟବସାୟୀମାନଙ୍କୁ ଭେଟିଲେ

**ନୂଆଦିଲ୍ଲୀ,(ହି.ସ):** କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ସୋମବାର ଦିନ ସୈନ ଫ୍ରାନ୍ସିକୋରେ କେତେକ ବରିଷ୍ଠ ବ୍ୟବସାୟୀ ନେତା, ଅଧିକାରୀ ଓ ବ୍ୟବସାୟ ଜଗତର ଭେଟେରାନ ବ୍ୟବସାୟୀମାନଙ୍କୁ ଭେଟିଛନ୍ତି । ଏହି ଅବସରରେ ସେ ଆର୍ଟିଫିଶିଆଲ ଇଂଟେଲିଜେନ୍ସ (ଏଆଇ), ଡିଜିଟାଲ ଇଣ୍ଡିଆ, ନିବେଶ ଓ ଶିକ୍ଷାରେ ଭାରତ-ଆମେରିକା ସହଯୋଗର ଅବସରରେ ଆଲୋଚନା କରିଥିଲେ । ଏହା ବ୍ୟତୀତ ସେ ଷ୍ଟେନଫୋର୍ଡ଼ ବିଶ୍ୱବିଦ୍ୟାଳୟର ହୁବର ଇନଷ୍ଟିଚ୍ୟୁସନରେ ବିକଶିତ ଭାରତ ୨୦୪୭ର ମୂଳ ବିଷୟ ଉପରେ ମୁଖ୍ୟ ଭାଷଣ ଦେଇଥିଲେ। ଏହି ଅବସରରେ ସେ ପ୍ରଫେସର ଷ୍ଟିଵ ଡେଵିସଙ୍କ ସହିତ ଏକ ଫାୟରସାଇଡ ଚୈଟ ରେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ବର୍ତ୍ତମାନ ଆମେରିକା ଓ ପେରୁ ୧୧ ଦିନିଆ ଅଫିସିଆଲ ଗସ୍ତରେ ଅଛନ୍ତି । ଗସ୍ତର ଆରମ୍ଭରେ ସେ କାଲିଫୋର୍ନିଆର ଏହି ସହରରେ ଭାରତୀୟ ପ୍ରବାସୀ ସମୁଦାୟଙ୍କ ସହିତ କଥା ହୋଇଥିଲେ। ସୋମବାର ସେ ଅନେକ ବ୍ୟବସାୟୀ ନେତା ଓ କର୍ପୋରେଟ ଏକଜିକ୍ୟୁଟିଭସଙ୍କୁ ଭେଟିଥିଲେ । ଏହି ଅବସରରେ ଅର୍ଥ ମନ୍ତ୍ରୀ ସିଲିକନ ଭ୍ୟାଲି ର ଵେଞ୍ଚର କ୍ୟାପିଟଲ ଫର୍ମ ଏ୧୬ଜେଡ ର ଜନରଲ ପାର୍ଟନର ଅଂଜନେୟ ମିଧା ଏବଂ ଟେକ୍ନୋଲୋଜି କମ୍ପାନୀ ଭିଏମୱାରେ ର ମୁଖ୍ୟ ଏକଜିକ୍ୟୁଟିଭ ଅଧିକାରୀ (ସିଇଓ) ରଘୁ ରଘୁରାମଙ୍କୁ ଭେଟିଥିଲେ।

## ସମ୍ବିଧାନ ହେଉଛି ନାଗରିକଙ୍କ ଶକ୍ତି ଏବଂ ଗଣତନ୍ତ୍ରର ମୂଳଦୁଆ: ଉପରାଷ୍ଟ୍ରପତି



**ନୂଆଦିଲ୍ଲୀ,(ହି.ସ):** ଭାରତୀୟ ସମ୍ବିଧାନର ୭୫ ବର୍ଷ ପୂରଣ ଅବସରରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ (ଡିୟୁ)ରେ ଆୟୋଜିତ 'କର୍ତବ୍ୟମ' କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ ମଙ୍ଗଳବାର ଦିନ ନାଗରିକଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ଗଣତନ୍ତ୍ରରେ ପ୍ରତ୍ୟେକ ନାଗରିକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସାମ୍ବିଧାନିକ ପଦବୀ କେବଳ ଆନୁଷ୍ଠାନିକ ନୁହେଁ, ପ୍ରତ୍ୟେକ ନାଗରିକଙ୍କ ସ୍ୱର ସର୍ବୋଚ୍ଚ। ଡିୟୁର ଭାଇସ୍ ରିଗଲ୍ ଲାଁଜ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଭାଇସ୍ ଚାନ୍‌ସେଲର ପ୍ରଫେସର ଯୋଗେଶ ସିଂହ ଅଧ୍ୟକ୍ଷତା କରିଥିଲେ। ଉପରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ ଏହା ମଧ୍ୟ ସ୍ପଷ୍ଟ କରିଥିଲେ ଯେ ସମ୍ବିଧାନ ସଂସଦଠାରୁ ଉପରେ କୌଣସି କ୍ଷମତାକୁ କଳ୍ପନା କରେ ନାହିଁ। ସଂସଦ ସର୍ବୋଚ୍ଚ ଏବଂ ଏହି ପରିସ୍ଥିତି ପ୍ରତ୍ୟେକ ନାଗରିକଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ। ସମ୍ବିଧାନର ମୌଳିକ ଉପାଦାନଗୁଡ଼ିକୁ ଉପସ୍ଥାପନ କରି ସେ କହିଥିଲେ ଯେ ଆମେ ଭାରତର ଲୋକମାନେ, ଆମର ଜନପ୍ରତିନିଧିମାନଙ୍କ ମାଧ୍ୟମରେ ସମ୍ବିଧାନ ଅଧୀନରେ ଆମର ଆକାଂକ୍ଷା ଏବଂ ଇଚ୍ଛା ପ୍ରକାଶ କରୁ ଏବଂ ନିର୍ବାଚନ ମାଧ୍ୟମରେ ପ୍ରତିନିଧିମାନଙ୍କୁ ଦାୟୀ କରୁ। ୧୯୭୭ ମସିହାରେ ଲାଗୁ ହୋଇଥିବା ଜରୁରୀକାଳୀନ ପରିସ୍ଥିତି ବିଷୟରେ ଉଲ୍ଲେଖ କରି ସେ କହିଥିଲେ ଯେ ଲୋକମାନଙ୍କ ଦ୍ୱାରା ତତ୍କାଳୀନ ପ୍ରଧାନମନ୍ତ୍ରୀଙ୍କୁ ଏଥିପାଇଁ ଦାୟୀ କରାଯାଇଥିଲା। ତେଣୁ, ଏଥିରେ କୌଣସି ସନ୍ଦେହ ରହିବା ଉଚିତ୍ ନୁହେଁ ଯେ ସମ୍ବିଧାନ ଲୋକଙ୍କ ପାଇଁ ଏବଂ ଏହାକୁ ସୁରକ୍ଷା ଦେବାର ଦାୟିତ୍ୱ ନିର୍ବାଚିତ ପ୍ରତିନିଧିମାନଙ୍କର। ସମ୍ବିଧାନର ବିଷୟବସ୍ତୁ କ'ଣ ହେବ ତାହାର ସେମାନେ ହିଁ ଶେଷ ମାଲିକ।

## ମଧ୍ୟପ୍ରଦେଶର ଦାମୋହରେ ନିୟନ୍ତ୍ରଣ ହରାଇ ଖାଇରେ ପଡ଼ିଲା ବୋଲେରୋ: ଗୋଟିଏ ପରିବାରରୁ ଆଠ ମୃତ୍ୟୁ

**ଦାମୋହ,(ହି.ସ):** ମଙ୍ଗଳବାର ସକାଳେ, ମଧ୍ୟପ୍ରଦେଶର ଦାମୋହ ଜିଲ୍ଲାର ନୋହଟା ଥାନା ଅନ୍ତର୍ଗତ ସିମରି ଗ୍ରାମ ନିକଟସ୍ଥ ମହାଦେବ ଘାଟରେ ଏକ ଦ୍ରୁତଗାମୀ ବୋଲେରୋ ନିୟନ୍ତ୍ରଣ ହରାଇ ଏକ ଖାତକୁ ଖସି ପଡ଼ିଥିଲା। ଏହି ଦୁର୍ଘଟଣାରେ ବୋଲେରୋରେ ଯାତ୍ରା କରୁଥିବା ଗୋଟିଏ ପରିବାରର ଆଠ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପାଞ୍ଚ ଜଣ ଗୁରୁତର ଆହତ ହୋଇଛନ୍ତି, ଯେଉଁମାନଙ୍କୁ ଦାମୋହର ଜିଲ୍ଲା ଡାକ୍ତରଖାନାରେ ଭର୍ତି କରାଯାଇଛି। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଡାକ୍ତରଖାନା ପଠାଇଥିଲା। ପୋଲିସ ମୃତକଙ୍କ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇ ମାମଲାର ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ମଧ୍ୟରେ ତିନି ଜଣ ଶିଶୁ ଏବଂ ପାଞ୍ଚ ଜଣ ମହିଳା ଅଛନ୍ତି। ପୋଲିସର ସୂଚନା ଅନୁଯାୟୀ, ଜବଲପୁରର ଭିଟା ଫୁଲର ଗାଁର ପରିବାର ଜାଗେଶ୍ୱର ଧାମ ଦର୍ଶନ କରି ବାଂନ୍ଦକପୁରରୁ ଫେରୁଥିଲେ। ମଙ୍ଗଳବାର ସକାଳ ପ୍ରାୟ ୧୧ଟା ସମୟରେ ବନବାର ଚୌକି ଅଞ୍ଚଳର ମହାଦେବ ଘାଟ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ବୋଲେରୋରେ ୧୫ ଜଣ ଲୋକ ଥିଲେ। ଦୁର୍ଘଟଣାରେ ଘଟଣା ସ୍ଥଳରେ ଛଅ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦାମୋହ ଜିଲ୍ଲା ହସ୍ପିଟାଲରେ ଚିକିତ୍ସା ସମୟରେ ଦୁଇ ପିଲାଙ୍କ ମୃତ୍ୟୁ ହୋଇଛି। ସେହି ସମୟରେ, ଦାମୋହ ଜିଲ୍ଲା ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ଅନ୍ୟ ପାଞ୍ଚ ଜଣ ଆହତଙ୍କୁ ଜବଲପୁର ମେଡିକାଲ କଲେଜରେ ଭର୍ତି କରାଯାଇଛି। ଏକ ସବୁଜ କରିଡର ତିଆରି କରି ତାଙ୍କୁ ଦାମୋହରୁ ଜବଲପୁର ନିଆଯାଇଥିଲା।

# ଦେବ ପ୍ରସାଦ ଦାଶ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନୂଆ ନିର୍ଦ୍ଦେଶକ



**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନୂଆ ନିର୍ଦ୍ଦେଶକ ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଦେବ ପ୍ରସାଦ ଦାଶଙ୍କୁ ନିଯୁକ୍ତ କରାଯାଇଛି। ଏହି ନିଯୁକ୍ତି ସମ୍ପର୍କିତ ବିଜ୍ଞପ୍ତି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶ ପାଇଛି। ଦେବ ପ୍ରସାଦ ଦାଶ ବର୍ତ୍ତମାନ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ତାଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ନିଯୁକ୍ତି ରାଜ୍ୟ ସରକାରଙ୍କ ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଦାଶଙ୍କ ନେତୃତ୍ୱରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରାଜ୍ୟ ସରକାରଙ୍କ ନୀତି ଓ କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ମଧ୍ୟକୁ ଅଧିକ ପ୍ରଭାବଶାଳୀ ଭାବେ ପହଞ୍ଚାଇବା ଦିଗରେ କାର୍ଯ୍ୟ କରିବ ବୋଲି ଅନୁମାନ କରାଯାଉଛି। ଏହି ନିଯୁକ୍ତି ସମ୍ପର୍କରେ ରାଜ୍ୟର ବିଭିନ୍ନ ମହଲରେ ସକାରାତ୍ମକ ପ୍ରତିକ୍ରିୟା ଦେଖାଦେଇଛି।

# ଦାଦନ ଶ୍ରମିକ ବିସ୍ଥାପନ ସମସ୍ୟା ହ୍ରାସ ନିମନ୍ତେ ବୈଠକ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଦାଦନ ଶ୍ରମିକ ବିସ୍ଥାପନ ସମସ୍ୟା ହ୍ରାସ କରିବା ପାଇଁ ମଙ୍ଗଳବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଏକ ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ଏସବିଏମ୍ ଆଡ୍‌ଭାଇଜର ନାମକ ସଂସ୍ଥା ଓଡ଼ିଶାରେ ଦୁଗ୍ଧ ବିକାଶ ମାଧ୍ୟମରେ ଦାଦନ ଶ୍ରମିକ ବିସ୍ଥାପନ ସମସ୍ୟା ହ୍ରାସ ନେଇ ଏକ ଉପସ୍ଥାପନା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ପ୍ରଦର୍ଶିତ କରିଥିଲେ। ଏହି ବୈଠକରେ ଶ୍ରମ, କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମଧ୍ୟ ଉପସ୍ଥିତ ଥିଲେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଦାଦନ ଶ୍ରମିକ ବିସ୍ଥାପନ ନିମନ୍ତେ ଗଢ଼ା ଯାଇଥିବା ଟାସ୍କଫୋର୍ସର ଚେୟାରମ୍ୟାନ ଅଛନ୍ତି। ବର୍ତ୍ତମାନ ସରକାର ଦାଦନ ଶ୍ରମିକ ଜନିତ ସମସ୍ୟାକୁ ଗୁରୁତ୍ୱର ସହ ନେଉଛନ୍ତି। ଦାଦନ ପ୍ରବଣ ପ୍ରତ୍ୟେକଟି ଜିଲ୍ଲାର କାରଣ ଭିନ୍ନ ଭିନ୍ନ ଅଟେ। ଏହାକୁ ବିଶ୍ଳେଷଣ କରି ତଦନୁଯାୟୀ ପଦକ୍ଷେପ ଗ୍ରହଣ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଗୋପାଳନ କରି ସେଥିରୁ ଦୁଗ୍ଧ ଏବଂ ଅନ୍ୟାନ୍ୟ ଦୁଗ୍ଧ ଜାତୀୟ ଉତ୍ପାଦ ଉତ୍ପାଦନ କରି ଗ୍ରାମୀଣ ଲୋକଙ୍କ ଜୀବିକାକୁ ସୁଦୃଢ଼ କରିହେବ। ବିଶେଷକରି ମହିଳାଙ୍କୁ ସ୍ୱାବଲମ୍ବୀ କଲେ ଓ ସେମାନଙ୍କୁ ବର୍ଷ ତମାମ ରୋଜଗାରର ଉତ୍ସ ଯୋଗାଇପାରିଲେ ଦାଦନ ଶ୍ରମିକ ସମସ୍ୟା ଅନେକାଂଶରେ ହ୍ରାସ ପାଇବ ବୋଲି ବୈଠକରେ ନିଷ୍କର୍ଷ ବାହାର କରାଯାଇଥିଲା। ସରକାରୀ ଯୋଜନାର ପ୍ରଣୟନ ସହିତ ବେସରକାରୀ ସ୍ତରରେ ପ୍ରୋତ୍ସାହନ ଯୋଗାଇଦେବା ନିମନ୍ତେ ଏସବିଏମ୍ ଆଡ୍‌ଭାଇଜର କମ୍ପାନୀର ପ୍ରତିନିଧି ଅନୁରୋଧ କରିଥିଲେ। ବୈଠକରେ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, ଶ୍ରୀମତୀ ଚିତ୍ରା ଅରୁମୁଗମ, ସୁରେଶ କୁମାର ବଶିଷ୍ଠ, ଏସ ଏନ ଗିରୀଶ, କୃଷି ବିଭାଗ, ଶ୍ରମ ବିଭାଗ, ମତ୍ସ୍ୟ ଓ ପ୍ରାଣିସମ୍ପଦ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

# ୨୪ରେ ବଣ୍ଟାଯିବ ନୂଆ ରାସନ କାର୍ଡ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଏପ୍ରିଲ ୨୪ ତାରିଖରେ ନୂଆ ରାସନ କାର୍ଡ ବଣ୍ଟନ କରିବେ ସରକାର। ପଞ୍ଚାୟତିରାଜ ଦିବସ ଅବସରରେ ପୁରୀରେ ନୂଆ ରାସନ କାର୍ଡ ବାଣ୍ଟିବେ ମୁଖ୍ୟମନ୍ତ୍ରୀ। ପର୍ଯ୍ୟାୟକ୍ରମେ ୫ ଲକ୍ଷ ୯୦ ହଜାର ନୂଆ କାର୍ଡ ବଣ୍ଟନ କରାଯିବ। ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଆଜି ସୁଦ୍ଧା ନୂଆ କାର୍ଡ ପ୍ରସ୍ତୁତ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ଏବେ ବି ୨୫ ଲକ୍ଷ ହିତାଧିକାରୀ ଇ-କେୱାଇସି କରିନାହାନ୍ତି ।

# ୩୭ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ ବାବୁ ସିଂ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଏକାମ୍ର ନିର୍ବାଚନ ମଣ୍ଡଳୀର ୱାର୍ଡ଼ ନଂ ୫୯ ଓ ଲିଙ୍ଗିପୁର ପଞ୍ଚାୟତ ଅଞ୍ଚଳର ନୂଆଗାଁ, ମାରୁତି ନଗର,ବିଶାଳ ସିଟି, ଅପସନା ଗାର୍ଡେନ୍, ବିଜୟ ବିହାର, ରୁଦ୍ର ବିହାର, ଲିଙ୍ଗିପୁର, ଇନ୍ଦିରା କଲୋନୀ, ମୃତ୍ୟୁଞ୍ଜୟ ବିହାର, ମାରୁତି ନଗର,ଦିବ୍ୟ ବିହାର କଲୋନୀ ଓ ଏହାର ଆଖ ପାଖ ଅଞ୍ଚଳରେ ନୂତନ ରାସ୍ତା , ଡ୍ରେନେଜ୍ ଓ ସ୍ୱେରେଜ ପ୍ରକଳ୍ପ ନିର୍ମାଣର ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି ଏକାମ୍ର ବିଧାୟକ ବାବୁ ସିଂ। ଏହି ଅବସରରେ ଶ୍ରୀ ସିଂ କହିଛନ୍ତି ଯେ,ପ୍ରତିଶ୍ରୁତି ପୂରଣ ହେଲା।ବିକଶିତ ଏକାମ୍ର ର ସ୍ୱପ୍ନ ସାକାର ହେଲା।ସ୍ଥାନୀୟ ଜନସାଧାରଣ ଙ୍କ ଅଭିଯୋଗ ଥିଲା ଏହି ଅଞ୍ଚଳରେ ରାସ୍ତା,ସ୍ୱରେଜ ଓ ଡ୍ରେନେଜ ବ୍ୟବସ୍ଥା ନଥିବା କାରଣରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ ଏହି ଅଞ୍ଚଳ ଗୁଡିକରେ ରାସ୍ତା, ଡ୍ରେନ,ସ୍ୱରେଜ୍ ବ୍ୟବସ୍ଥା ହେବା ଦ୍ୱାରା ଜନସାଧାରଣ ଏସବୁ ଅସୁବିଧାରୁ ରକ୍ଷା ପାଇବେ ତେଣୁ ଏହି ନିର୍ମାଣ ଖୁବ୍ ଜଲ୍‌ଦୀ ସରିବ। ଏକାମ୍ର ବାସୀଙ୍କ ବିଶ୍ୱାସକୁ ନେଇ ବିଜେପି ସରକାର କାମ କରିବ। ଏହି କାର୍ଯ୍ୟକ୍ରମ ରେ ଭୁବନେଶ୍ୱର ମେୟର ସୁଲଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କଅର ,କର୍ପୋରେଟର ବିରଞ୍ଚିନାରାୟଣ ମହାସୁପକାର, ଅମରେଶ ଜେନା, ଅଜିତ ବେହେରା,ଭୁବନେଶ୍ୱର ବ୍ଲକ୍ ଅଧକ୍ଷା ନିରୁପମା ସାହୁ,ସରପଞ୍ଚ କ୍ଷୀରୋଦ କୁମାର ପ୍ରଧାନ, ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ ,ୱାର୍ଡ଼ ମେମ୍ବର ଚିରଞ୍ଜିବ ଗୋଛାୟତ,ପ୍ରଶାନ୍ତ ପଟ୍ଟନାୟକ, ମମତା ସ୍ୱାଇଁ, ସମାଜ ସେବୀ ସଂଗ୍ରାମ ପାଇକରାୟ, ପ୍ରଫୁଲ୍ଲ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ବାଉଁଶରୁ ସାମଗ୍ରୀ ତିଆରି କରି ଲକ୍ଷପତି ଦିଦି ହେବେ ମିଶନ ଶକ୍ତି ମହିଳା : ପ୍ରଭାତି ପରିଡା

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ବାଉଁଶରୁ ସାମଗ୍ରୀ ତିଆରି କରି ଲକ୍ଷପତି ଦିଦି ହେବେ ମିଶନ ଶକ୍ତି ମହିଳା । ଏଥିପାଇଁ ସରକାର ପ୍ରୋତ୍ସାହନ ଯୋଗାଇ ଦେବେ। ଏବେ ବାଉଁଶରୁ ଟି ସାର୍ଟ, ଟିସୁ ପେପର, ଖଲି, ପ୍ଲେଟ, ଟିଫିନ୍ ବକ୍ସ, ବ୍ରସ, ଚାମଚ ଓ ଅନେକ କିଛି ପ୍ରସ୍ତୁତ ହେଉଛି । ତେଣୁ ବାଉଁଶ ତିଆରି ସାମଗ୍ରୀର ଚାହିଦା ଏବଂ ଜୀବିକା ଓ ଉପଯୋଗିତାକୁ ନେଇ ଆରମ୍ଭ ହୋଇଛି ଦୁଇ ଦିନିଆ ରାଜ୍ୟ ସ୍ତରୀୟ କର୍ମଶାଳା। ଭୁବନେଶ୍ୱର ମିଶନ ଶକ୍ତି ଭବନରେ ଚାଲିଥିବା କର୍ମଶାଳାରେ ଯୋଗଦେଇ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଲକ୍ଷପତି ଦିଦି ସୃଷ୍ଟି କ୍ଷେତ୍ରରେ ରାଜ୍ୟ ସରକାର ଆଉ ପାଦେ ଆଗକୁ ଯାଇଛନ୍ତି । ଏସ ଏଚ ଜି ମହିଳାଙ୍କୁ ଜୀବିକାର ନୂଆ ରାହା ଦେଖାଇବ ବାଉଁଶ ତିଆରି ସାମଗ୍ରୀ । ବାମ୍ବୁ ମିଶନ କରିବ ମହିଳାଙ୍କୁ ଲକ୍ଷପତି। ମହିଳା ମାନେ ଯେଉଁ ଯେଉଁ ମାଧ୍ୟମରେ ଲକ୍ଷପତି ହେବେ ସେ କାମ ବିଭାଗ କରୁଛି । ବାଉଁଶର ସରଳୀକରଣରେ କିଭଳି ବ୍ୟବସାୟ କରି ଲକ୍ଷପତି ହୋଇପାରିବେ ସେ ନେଇ ରାଜ୍ୟ ଜୀବିକା ମିଶନ ନିର୍ଦ୍ଦେଶକ ଓ ତାଙ୍କ ଟିମ୍ ନର୍ଥ ଇଷ୍ଟ ହିଲ୍ ବିଶ୍ୱବିଦ୍ୟାଳୟ ଯାଇ ଅଧ୍ୟୟନ କରିଛନ୍ତି । ତାହା ଦେଖିବା ପରେ ଆଜି କର୍ମଶାଳା ଅନୁଷ୍ଠିତ ହୋଇଛି। ୫୦ ପଇସାର ଖଲି ପତ୍ର ୧୧ ଟଙ୍କାରେ ବିକ୍ରି ହେଉଛି । ଜଣେ ମହିଳା ଏହାଦ୍ୱାରା ସିଧା ୭ ଟଙ୍କାର ଲାଭ ପାଇବେ । ଧୂପ ହେଉ କି ଅନ୍ୟାନ୍ୟ ସାମଗ୍ରୀ । ମହିଳା କିଭଳି ଉଦ୍ୟୋଗପତି ହୋଇପାରିବେ ସେଇ ଲକ୍ଷ୍ୟରେ ଆଜି ଏହି କର୍ମଶାଳା ଅନୁଷ୍ଠିତ ହୋଇଛି ।

# ବରିଷ୍ଠ ନେତା ଶାକ୍ୟସିଂହ ମିଶ୍ରଙ୍କ ପରଲୋକରେ ରାଜ୍ୟ ବିଜେପିର ଶୋକ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଶାକ୍ୟସିଂହ ମିଶ୍ରଙ୍କ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି । ସେ ଦୀର୍ଘଦିନ ହେବ ନିମୋନିଆ ରୋଗରେ ପୀଡ଼ିତ ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୭୨ବର୍ଷ ବୟସ ହୋଇଥିଲା । ସେ ଜଣେ ସ୍ନେହୀ, ପରୋପକାରୀ ଓ ଦରଦୀ ମଣିଷ ଥିଲେ । ଜଣେ ଦୃଢ଼ ସଂଗଠକ ଭାବେ ଦଳକୁ ସୃଦୃଢ଼ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ତାଙ୍କ ବିୟୋଗରେ ଦଳରେ ଏକ ବଡ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିବା ସହ ଶୋକବ୍ୟକ୍ତ କରିଛନ୍ତି। ସ୍ୱର୍ଗତଃ ମିଶ୍ରଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଏଭଳି ଦୁଃଖଦ ସମୟରେ ଶୋକସନ୍ତପ ପରିବାରବର୍ଗ ଏବଂ ବନ୍ଧୁଜନଙ୍କୁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବା ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ରାଜ୍ୟ ସଭାପତି ଶ୍ରୀ ସାମଲ ପ୍ରାର୍ଥନା କରିଛନ୍ତି ।

# ସୀମା ବିବାଦର ସମାଧାନ ପାଇଁ ଓଡ଼ିଆ ଅସ୍ମିତା ପରିଷଦ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**ଭୁବନେଶ୍ୱର,(ଡିକେ ନ୍ୟୁଜ):** କୋଟିଆ ଅଞ୍ଚଳରେ ଆନ୍ଧ୍ର ସରକାରଙ୍କ ଅନୁପ୍ରବେଶ ଏବେ ସୁଦ୍ଧା ଜାରି ରହିଛି। ସରକାରରେ ଯିଏ ଥାଆନ୍ତୁ ନା କାହିଁକି, ଆନ୍ଧ୍ରର ଲୋଲୁପ ଆଖି ସବୁବେଳେ କୋଟିଆ ଉପରେ ରହିଛି। ଗତକାଲି କୋଟିଆ ଗ୍ରାମପୁଞ୍ଜର ତିନୋଟି ଗ୍ରାମ-ଧୂଳିପଦର, ନେରେଡ଼ି ଭାଲସା ଓ ତାଡ଼ିଭାଲସା ଲୋକମାନେ ଏକାଠି ହୋଇ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ରାଜନ ଦୋରାଙ୍କୁ ଭେଟି ଆନ୍ଧ୍ରରେ ମିଶିବା ପାଇଁ ତାଙ୍କର ସହଯୋଗ କାମନା କରିଛନ୍ତି। ଶ୍ରୀ ଦୋରା ମଧ୍ୟ ତାଙ୍କୁ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେବା ସହିତ ଏ ସମ୍ପର୍କରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଠାରେ ଉଲ୍ଲେଖଥାଉକି, ୱାଇ.ଏସ୍ ଆରସିପି ସରକାର ଥିବା ସମୟରେ ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଦୋରା ବାରମ୍ବାର କୋଟିଆ ଅଞ୍ଚଳରେ ଅନୁପ୍ରବେଶ କରୁଥିଲେ ଏବଂ ସେଠାକାର ଲୋକମାନଙ୍କୁ ପରୋକ୍ଷ ଭାବରେ ଉସକାଇ ଆନ୍ଧ୍ର ସପକ୍ଷରେ ନେବା ପାଇଁ ତାଙ୍କର ଉଦ୍ୟମ ଜାରି ରଖିଥିଲେ। ତାଙ୍କ ସରକାର ଯିବା ପରେ ମଧ୍ୟ ବର୍ତ୍ତମାନ ଆସିଥିବା ତେଲ୍‌ଗୁ ଦେଶମ ସରକାରରେ ଆନ୍ଧ୍ର ଅଧିକାରୀମାନେ ଅନାବଶ୍ୟକ ଭାବରେ କୋଟିଆ ଅଞ୍ଚଳରେ ଅନୁପ୍ରବେଶ ଜାରି ରଖିଛନ୍ତି ଯାହାର ଅନ୍ୟତମ ଉଦାହରଣ ଏବେସୁଦ୍ଧା ଛାତ୍ରଛାତ୍ରୀଙ୍କ 'ଅପାର' ଆଇଡି ଖୋଲିବାକୁ ନେଇ ଦେଖାଦେଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶର ସବୁ ଛାତ୍ରଛାତ୍ରୀମାନଙ୍କର ଏକ 'ଅପାର' ରେଜିଷ୍ଟ୍ରେସନ କରାଯାଇଛି। ଆନ୍ଧ୍ର ସରକାରଙ୍କ ପକ୍ଷରୁ କୋଟିଆ ଗ୍ରାମ ପୁଞ୍ଜର ୨୦ଟି ସ୍କୁଲ୍‌ର ୧୭୭୪ ଜଣ ଛାତ୍ରଛାତ୍ରୀଙ୍କର 'ଅପାର' ଆଇଡି କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ମାତ୍ର ୪୯୬ ଜଣ କୋଟିଆ ଅଞ୍ଚଳର ଛାତ୍ରଛାତ୍ରୀଙ୍କର 'ଅପାର' ଆଇଡି କରାଯାଇଥିଲା ବେଳେ ଆନ୍ଧ୍ର ସରକାରଙ୍କର ଶିକ୍ଷା ବିଭାଗର କର୍ମଚାରୀ ଓ ଅନଙ୍ଗବାଡ଼ିର କର୍ମୀମାନେ ଘର ଘର ବୁଲି ଛାତ୍ରଛାତ୍ରୀ ତଥା ଅଭିଭାବକମାନଙ୍କୁ ଭ୍ରମାତ୍ମକ ତଥ୍ୟ ଦେଇ ଓ ସାହାଯ୍ୟର ପ୍ରତିଶ୍ରୁତି ଦେଇ 'ଅପାର' ଆଇଡି ଖୋଲିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଏହା କରିବାରେ ସଫଳ ହେଲେ ସୁପ୍ରିମକୋର୍ଟରେ କୋଟିଆକୁ ନେଇ ଚାଲିଥିବା କେସ୍‌ର ଶୁଣାଣି ସମୟରେ ଏହି 'ଅପାର' ଆଇଡିକୁ ଏକ ପ୍ରାମାଣିକ ତଥ୍ୟ ଭାବରେ ଉପସ୍ଥାପିତ କରି ଆନ୍ଧ୍ର ସପକ୍ଷରେ ରାୟ ନେବାର ଉଦ୍ୟମ କରିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ। ଏଣୁ ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ତୁରନ୍ତ ଓଡ଼ିଶା ସରକାର ହସ୍ତକ୍ଷେପ କରି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଦୃଷ୍ଟି ଆକର୍ଷଣ କରିବା ସହିତ ଆନ୍ଧ୍ରର ଅନୁପ୍ରବେଶକୁ ପ୍ରତିହତ କରିବାକୁ ଓଡ଼ିଆ ଅସ୍ମିତା ପରିଷଦ ତରଫରୁ ଆବାହକ ରବି ବେହେରା ଦାବି କରିଛନ୍ତି। ଏହା ବ୍ୟତୀତ ଦୁଇ ରାଜ୍ୟ ମଧ୍ୟରେ ଗଠିତ ହୋଇଥିବା ମୁଖ୍ୟ ସଚିବସ୍ତରୀୟ କମିଟିର ବୈଠକ ଡାକି କୋଟିଆ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଆବଶ୍ୟକ ପଡ଼ିଲେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କର ହସ୍ତକ୍ଷେପ ଲୋଡ଼ାଯାଇ କୋଟିଆ ସମେତ ଆନ୍ଧ୍ର-ଓଡ଼ିଶା ସୀମା ବିବାଦ, ଓଡ଼ିଶା-ଛତିଶଗଡ଼ ମହାନଦୀ ଜଳ ବିବାଦ ଓ ଓଡ଼ିଶା-ପଶ୍ଚିମ ବଙ୍ଗଳା ସୀମା ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଓଡ଼ିଶା ସରକାର ଉଦ୍ୟମ କରିବାକୁ ଓଡ଼ିଆ ଅସ୍ମିତା ପରିଷଦ ତରଫରୁ ଏହି ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଏହି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଓଡ଼ିଶା ବିଧାନସଭାର ଏକ ସ୍ୱତନ୍ତ୍ର ଅଧିବେଶନ ଡକାଯାଇ ଏହାର ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଏକ ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କରିବାକୁ ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ଶ୍ରୀ ବେହେରାଙ୍କ ସମେତ ଅରୁଣ ଜେନା, ନାରାୟଣ ଡାଲୁଆ, ସୁବାସ କୁମାର ତାରଣିଆ, ପ୍ରତାପ ସାହୁ ଓ ଗଣେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଦାବି କରିଛନ୍ତି।

# ଅମୃତ ଭାରତ ଟ୍ରେନ୍ ଅମୃତ କାଳର ଏକ ଅନନ୍ୟ ଉପହାର




**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଅମୃତ ଭାରତ ୨.୦ ଟ୍ରେନ୍ ଭାରତୀୟ ରେଳବାଇର ଏକ ଆଧୁନିକ ପଦକ୍ଷେପ ଯାହା ସାଧାରଣ ଯାତ୍ରୀମାନଙ୍କୁ କମ ଭଡ଼ାରେ ଉନ୍ନତ ସୁବିଧା, ଆରାମ ଏବଂ ସ୍ୱଦେଶୀ ପ୍ରଯୁକ୍ତିର ଅଭିଜ୍ଞତା ପ୍ରଦାନ କରେ। ଏହି ଟ୍ରେନଟି ସ୍ୱତନ୍ତ୍ର ଭାବରେ ମଧ୍ୟବିତ୍ତ ବର୍ଗ ଏବଂ ଅନ୍ତ୍ୟୋଦୟ ପାଇଁ ଡିଜାଇନ୍ କରାଯାଇଛି । ଏହାର କୋଚ୍ ସମ୍ପୂର୍ଣ୍ଣ ଭାବରେ ଭାରତରେ ନିର୍ମିତ ଏବଂ ଆତ୍ମନିର୍ଭରଶୀଳ ଭାରତର ଭାବନାକୁ ଆହୁରି ସୁଦୃଢ଼ କରିଥାଏ। ଅମୃତ ଭାରତ ଟ୍ରେନ୍ ସୁବିଧାଜନକ ଏହାର ଲୁକ୍ ଏବଂ ଡିଜାଇନ୍ ମଧ୍ୟ ବହୁତ ଆକର୍ଷଣୀୟ। ଏହା ଏକ ପ୍ରିମିୟମ୍ ଟ୍ରେନ୍‌ର ଅଭିଜ୍ଞତା ପ୍ରଦାନ କରେ। ସାଧାରଣ ଲୋକ ମଧ୍ୟ ସମ୍ମାନ ଏବଂ ଆରାମର ସହିତ ଯାତ୍ରା କରିପାରିବେ ବୋଲି ରେଳବାଇର ପ୍ରୟାସ ଏବଂ ଏହି ଚିନ୍ତାଧାରା ସହିତ ଏହି ଟ୍ରେନ୍ ଆରମ୍ଭ କରାଯାଇଛି । ପରିବେଶ ସଚେତନତା, ଶକ୍ତି ସଂରକ୍ଷଣ ଏବଂ ଯାତ୍ରୀ ସୁବିଧା - ଏହି ତିନୋଟି ଦିଗ ହେଉଛି ଏହି ଟ୍ରେନର ପରିଚୟ। ଏହି ଟ୍ରେନ୍ ଦେଶର ବିକାଶର ନୂତନ ଗତି ଏବଂ ପରିବର୍ତ୍ତିତ ଭାରତର ଏକ ଝଲକ। ପ୍ରଯୁକ୍ତିବିଦ୍ୟା ସହିତ ଉନ୍ନତ ସୁରକ୍ଷା। ସୁରକ୍ଷା ଏବଂ ବୈଷୟିକ ଦୃଷ୍ଟିକୋଣରୁ ଅମୃତ ଭାରତ ୨.୦ ଟ୍ରେନରେ ଅନେକ ଗୁରୁତ୍ୱପୂର୍ଣ୍ଣ ଉନ୍ନତି କରାଯାଇଛି। ସୁରକ୍ଷାକୁ ଧ୍ୟାନରେ ରଖି, କପଲରରେ ଏକ କ୍ରାସ୍ ଟ୍ୟୁବ୍ ଏବଂ ଇପି-ସହାୟିତ ବ୍ରେକ୍ ସିଷ୍ଟମ୍ ଦିଆଯାଇଛି, ଯାହା ଦ୍ରୁତ ବ୍ରେକ୍ କରିବା ପାଇଁ ସକ୍ଷମ ହେବ। ଏହା ସମ୍ପୂର୍ଣ୍ଣ ସିଲ୍ ହୋଇଥିବା ଗ୍ୟାଙ୍ଗୱେ ଏବଂ ଭାକ୍ୟୁମ୍ ଇଭାକ୍ୟୁଏସନ୍ ସିଷ୍ଟମ ସହିତ ସଜ୍ଜିତ। ପ୍ରତ୍ୟେକ କୋଚରେ ଟକ୍ ବ୍ୟାକ୍ ୟୁନିଟ୍ ଏବଂ ଗାର୍ଡ ରୁମରେ ରେସପନ୍ସ ୟୁନିଟ୍ ସହିତ ଯାତ୍ରୀ ସୁରକ୍ଷାକୁ ଆହୁରି ସୁଦୃଢ଼ କରାଯାଇଛି । ନନ୍-ଏସି କୋଚ୍ରେ ପ୍ରଥମ ଥର ପାଇଁ ଅଗ୍ନି ଚିହ୍ନଟ ପ୍ରଣାଳୀର ସୁବିଧା ଯାତ୍ରୀ ସୁରକ୍ଷାରେ ଏକ ନୂତନ ବିପ୍ଳବ। ସମସ୍ତ ପରିସ୍ଥିତିରେ ଆରାମଦାୟକ ଯାତ୍ରା। ଅମୃତ ଭାରତ ୨.୦ ସହିତ, ଭାରତୀୟ ରେଳବାଇରେ ପ୍ରଥମ ଥର ପାଇଁ ଏକ ଟ୍ରେନରେ ଅର୍ଦ୍ଧ-ସ୍ୱୟଂଚାଳିତ କପଲର ବ୍ୟବହାର କରାଯାଇଛି । ଯେତେବେଳେ ଟ୍ରେନଗୁଡ଼ିକ ସଂଲଗ୍ନ କିମ୍ବା ପୃଥକ କରାଯାଏ, କୌଣସି ଝଟକା କିମ୍ବା ଶବ୍ଦ ହୁଏ ନାହିଁ। ଏଥିରେ ସ୍ଥାପିତ ଡିଫର୍ମସନ ଟ୍ୟୁବ୍ ଧକ୍କା ହେଲେ ଆଘାତକୁ ହ୍ରାସ କରେ, ଯାହା ଫଳରେ ଯାତ୍ରୀଙ୍କ ସୁରକ୍ଷା ବୃଦ୍ଧି ପାଏ। ଏହି ରେକ୍ ଲୋକୋମୋଟିଭ୍ ସହିତ କେବଳ ସ୍ଥିରତା ପ୍ରଦାନ କରେ ନାହିଁ ବରଂ ସର୍ବାଧିକ ଗତି ଏବଂ ଉତ୍ତମ ପରିଚାଳନା କ୍ଷମତା ମଧ୍ୟ ସୁନିଶ୍ଚିତ କରେ। ଗତିଶୀଳତାର ସାଥୀ ୨ ଇଞ୍ଜିନ୍। ଏହି ଟ୍ରେନଟି ଏକ ଏଲ୍‌ଏଚ୍‌ବି ପୁସ୍-ପୁଲ୍ ଟ୍ରେନ୍ ଭଲ ଗତି ପାଇଁ, ଏହାର ଉଭୟ ପାର୍ଶ୍ୱରେ ଇଞ୍ଜିନ ଲଗାଯାଇଛି, ଯାହା ଶକ୍ତି ଖର୍ଚ୍ଚ ହ୍ରାସ କରେ। ଟ୍ରେନଟି ଶୀଘ୍ର ଗତି କରିପାରିବ ଏବଂ ବ୍ରେକ୍ କରିପାରିବ। ଘଣ୍ଟା ପ୍ରତି ସର୍ବାଧିକ ୧୩୦ କିଲୋମିଟର ବେଗ ଏହାକୁ ଗତିର ସାରଥି କରିଥାଏ।

# ବେଦାନ୍ତ ଆଲୁମିନିୟମ ବୃତାକାର ଅର୍ଥନୀତି ପାଇଁ ୬୫୦ ତମ ଫ୍ଲାଏଆଶ୍ ରେକ୍ ଯୋଗାଇବା ସହିତ ପୃଥିବୀ ଦିବସ ପାଳିତ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଜୈବ ବିବିଧତା ସଂରକ୍ଷଣ, ଅପବ୍ୟବହାରରୁ ଧନ ପଦକ୍ଷେପ ଏବଂ ନବୀକରଣୀୟ ଶକ୍ତି ଗ୍ରହଣ କ୍ଷେତ୍ରରେ ଏହାର ମାଇଲଖଣ୍ଟ ସଫଳତାକୁ ଉଜ୍ଜ୍ୱଳ କରି ବିଶ୍ୱ ପୃଥିବୀ ଦିବସ ୨୦୨୫ ପାଳନ କରିଛି। ଏହି ପ୍ରୟାସଗୁଡ଼ିକ କମ୍ପାନୀର ସ୍ଥାନ ନିକଟବର୍ତ୍ତୀ ଗ୍ରାମୀଣ ସମ୍ପ୍ରଦାୟକୁ ସଶକ୍ତ କରିବା ସହିତ ମୂଳ କାର୍ଯ୍ୟରେ ସ୍ଥାୟୀତ୍ୱକୁ ଆଗକୁ ବଢ଼ାଇବା ପାଇଁ ସମନ୍ୱିତ ଆଭିମୁଖ୍ୟକୁ ପ୍ରତିଫଳିତ କରିଛି। ସମ୍ପ୍ରତି ହାସଲ ହୋଇଥିବା ଏକ ପ୍ରମୁଖ ମାଇଲଖୁଣ୍ଟ ହେଉଛି ଝାରସୁଗୁଡାରେ ବେଦାନ୍ତର ମେଗା ଆଲୁମିନିୟମ ପ୍ଲାଣ୍ଟରୁ ୬୫୦ ତମ ଫ୍ଲାଏ ଆଶ୍ ରେକ୍ ପଠାଯିବା। ମାର୍ଚ୍ଚ ୨୦୨୨ ପରଠାରୁ, କମ୍ପାନୀ ପ୍ରମୁଖ ସିମେଣ୍ଟ ନିର୍ମାତାମାନଙ୍କୁ ୧.୫ ନିୟୁତ ଟନ୍ ରୁ ଅଧିକ ଫ୍ଲାଏ ଆଶ୍ ଏବଂ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ପ୍ରକଳ୍ପରେ ବ୍ୟବହାର ପାଇଁ ୩ ନିୟୁତ ଟନ୍ ଯୋଗାଇଛି । ଏମଏସଏମଇ ଉଦ୍ୟୋଗଗୁଡ଼ିକ ଦ୍ୱାରା ଫ୍ଲାଏ ଆଶ୍ ଇଟା ନିର୍ମାଣ ପାଇଁ ଅତିରିକ୍ତ ୦.୩ ନିୟୁତ ଟନ୍ ଯୋଗାଣ କରାଯାଇଛି। କେବଳ ଆର୍ଥିକବର୍ଷ୨୫ ରେ, ୨୨୩ ଟି ରେକ୍ ପଠାଯାଇଥିଲା, ଯାହା କମ୍ପାନୀକୁ ଏହାର କାର୍ଯ୍ୟରେ ୧୧୩% ଫ୍ଲାଏ ଆଶ୍ ବ୍ୟବହାର ହାସଲ କରିବାରେ ସାହାଯ୍ୟ କରିଥିଲା। ସହଜ ଟ୍ରାକିଂ ଏବଂ ବିତରଣ ପାଇଁ କନସାଇନମେଣ୍ଟ ଗୁଡ଼ିକ ଜିପିଏସ-ସକ୍ଷମ, ପାଉଁଶ ଡାଇକ୍ (ଯେଉଁଠାରେ ପ୍ରାରମ୍ଭିକ ଭାବରେ ଫ୍ଲାଏ ଆଶ୍ ସଂରକ୍ଷଣ କରାଯାଏ)ର ସ୍ଥିତି ମଧ୍ୟ ଇନସାର ଏବଂ ଡ୍ରୋନ୍ ମାଧ୍ୟମରେ ନିରୀକ୍ଷଣ କରାଯାଏ। ଏହା ବ୍ୟତୀତ, ବେଦାନ୍ତ ଆଲୁମିନିୟମ୍ ବ୍ୟାପକ ଜୈବ ବିବିଧତା ଏବଂ କାର୍ବନ ହ୍ରାସ ପ୍ରକଳ୍ପ ପାଇଁ ପିଡବ୍ଲୁସି ସହିତ ହାତ ମିଳାଇଛି, ଭାରତ ସରକାରଙ୍କ ଏକ ପେଡ୍ ମାକେ ନାମ ଅଭିଯାନର ଅଂଶ ଭାବରେ ଝାରସୁଗୁଡ଼ାରେ ଏହାର ମାତୃଭନ ପଦକ୍ଷେପ ଅଧୀନରେ ୧ ଲକ୍ଷରୁ ଅଧିକ ଚାରା ରୋପଣ କରିଛି, ଏବଂ ବେଦାନ୍ତର ଆଗାମୀ ୪୩୦ କିଲୋ ଟନ୍ ପ୍ରତିବର୍ଷ (କେଟିପିଏ) କାଷ୍ଟ ହାଉସକୁ ସମର୍ଥନ କରିବା ପାଇଁ ପ୍ରାକୃତିକ ଗ୍ୟାସ ଯୋଗାଣ ପାଇଁ ଗେଲ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ପୃଥିବୀ ଦିବସ ପାଳନ ଅବସରରେ, ଓଡ଼ିଶା ଏବଂ ଛତିଶଗଡ଼ରେ



ବେଦାନ୍ତ ଆଲୁମିନିୟମ୍‌ର ବିଭିନ୍ନ ୟୁନିଟ୍ ସଚେତନତା ଏବଂ ସମ୍ପର୍କ କାର୍ଯ୍ୟକ୍ରମର ଏକ ଶୃଙ୍ଖଳା ଆୟୋଜନ କରିଥିଲେ। ଓଡ଼ିଶାର ଲାଞ୍ଜିଗଡ଼ରେ, ଗୋଇପେଟା ଗ୍ରାମର ୧୪୫ ଜଣ ଅଂଶଗ୍ରହଣକାରୀ ପୃଥିବୀ ଦିବସ ଅଧିବେଶନରେ ଯୋଗ ଦେଇଥିଲେ, ଯେଉଁଥିରେ ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ପରିବେଶ ସଚେତନତା ଅଭିଯାନ ଅନ୍ତର୍ଭୁକ୍ତ ଥିଲା। ୧୫,୦୦୦ରୁ ଅଧିକ ଚାରା ରୋପଣ କରାଯାଇଥିଲା, ଯେଉଁଥିରେ ୫୦୦ ଟି ବିପଦପୂର୍ଣ୍ଣ କ୍ଲୋରୋକ୍ସିଲନ୍ ସ୍ୱିଟେନିଆ ଅନ୍ତର୍ଭୁକ୍ତ, ଯେତେବେଳେ ୩୧ ଟି ଜଳ ଅମଳ ସଂରଚନା ୨.୫ ଲକ୍ଷ ମେଗାବ୍ୟାକ୍ଲମ୍ କ୍ଷମତା ସୃଷ୍ଟି କରିଥିଲା, ଯାହା ୨୫୦ ଜଣ ଚାଷୀଙ୍କୁ ଲାଭ ଦେଇଥିଲା। ଓଡ଼ିଶାର ଝାରସୁଗୁଡାରେ, ଓପିଏମପି ସରକାରୀ ବାଳିକା ବିଦ୍ୟାଳୟର ସହଯୋଗରେ ପୃଥିବୀ ଦିବସ କାର୍ଯ୍ୟକଳାପ ଆୟୋଜନ କରାଯାଇଥିଲା, ଯେଉଁଥିରେ ପୋଷ୍ଟର ତିଆରି ଏବଂ ବିତର୍କ ପ୍ରତିଯୋଗିତା ସହିତ ୧୭୦ ଜଣ ଛାତ୍ରଛାତ୍ରୀ ଏବଂ ଶିକ୍ଷକଙ୍କୁ ଏକ ବୃକ୍ଷରୋପଣ ଅଭିଯାନରେ ସାମିଲ କରାଯାଇଥିଲା। ଛତିଶଗଡ଼ର କୋର୍ବାରେ, ବେଦାନ୍ତ ଆଲୁମିନିୟମର ଏକ ଅଂଶ - ଆମର ଶକ୍ତି, ଆମ ଗ୍ରହ ପୃଥିବୀ ଦିବସ ଥିମ୍ ସହିତ ସମନ୍ୱୟ ରଖି, ଶକ୍ତି ଅଡିଟ୍ ଏବଂ ଆଚରଣଗତ ପରିବର୍ତ୍ତନ ପଦକ୍ଷେପ ମାଧ୍ୟମରେ ଆଭ୍ୟନ୍ତରୀଣ ସ୍ଥାୟୀତ୍ୱ ଯନ୍ତ୍ରପାତିର ଗୁରୁତ୍ୱକୁ ଆହୁରି ଦୃଢ଼ କରିଥିଲା। ଏହାର ଖଣି ନିକଟରେ, ବେଦାନ୍ତ ୪୧୭ ଟି ସୌର ଲାଇଟ୍ ସ୍ଥାପନ କରିଛି ଏବଂ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ୧୧ ଟି ସୌର ବୋରୱେଲ୍ କାର୍ଯ୍ୟକ୍ଷମ କରିଛି। ୧୦,୦୦୦ ରୁ ଅଧିକ ଚାରା ଅତ୍ୟଧିକ ବୋଝ ଡମ୍ପରେ, କ୍ଷତିପୂରଣ ବନୀକରଣ ମାଧ୍ୟମରେ ୧.୭ ଲକ୍ଷ ଚାରା ଏବଂ ଏକ ସମର୍ପିତ ମିଆୱାକି ଜଙ୍ଗଲ ମାଧ୍ୟମରେ ୮,୦୦୦ ଚାରା ରୋପଣ କରାଯାଇଛି। ଏହି ପଦକ୍ଷେପଗୁଡ଼ିକର ଗୁରୁତ୍ୱ ଉପରେ ମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ଶ୍ରୀ ରାଜୀବ କୁମାର କହିଛନ୍ତି: "ବେଦାନ୍ତ ଆଲୁମିନିୟମରେ, ପୃଥିବୀ ଦିବସ କେବଳ ଏକ ଦିନ ଭାବେ ପାଳନ ନୁହେଁ ବରଂ ପରିବେଶ ଏବଂ ଭବିଷ୍ୟତ ପିଢ଼ି ପ୍ରତି ଦାୟିତ୍ୱ ସହିତ ଆମେ ପ୍ରତିଦିନ କିପରି କାମ କରୁ ତାହାର ଏକ ପ୍ରତିଫଳନ। ଏହା ଆମର ୬୫୦ତମ ଫ୍ଲାଏ ଆସ୍ ରେକ୍ ପ୍ରେରଣ, ଖଣିରେ ନବୀକରଣୀୟ ହସ୍ତକ୍ଷେପ, କିମ୍ବା ବିପଦଗ୍ରସ୍ତ ପ୍ରଜାତିକୁ ପୁନରୁଦ୍ଧାର କରିବା ହେଉ, ଆମର ପ୍ରୟାସ ଶିଳ୍ପ ଅଭିବୃଦ୍ଧିକୁ ଏକ ସବୁଜ, ଅଧିକ ସ୍ଥାୟୀ ଦୃଷ୍ଟିକୋଣ ସହିତ ନିକଟତର ଭାବରେ ସମନ୍ୱିତ କରିବା ଉପରେ କେନ୍ଦ୍ରିତ।" ବେଦାନ୍ତ ଆଲୁମିନିୟମ ଭାରତର ଡିକାର୍ବୋନାଇଜେସନ୍ ଲକ୍ଷ୍ୟ ଏବଂ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ସହିତ ଏହାର ସ୍ଥାୟୀତ୍ୱ ଦୃଷ୍ଟିକୋଣକୁ ସମାନ କରି ଚାଲିଛି, ୨୦୫୦ ସୁଦ୍ଧା କିମ୍ବା ତା'ପୂର୍ବରୁ ନେଟ୍ ଶୂନ୍ୟ ହାସଲ କରିବା ପାଇଁ ଏକ ସ୍ପଷ୍ଟ ରୋଡମ୍ୟାପ୍ ସହିତ। ବେଦାନ୍ତ ଲିମିଟେଡର ଏକ ବ୍ୟବସାୟ, ବେଦାନ୍ତ ଆଲୁମିନିୟମ୍, ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ, ଯାହା ଆର୍ଥିକ ବର୍ଷ ୨୫ ମସିହାରେ ଭାରତର ଅଧାରୁ ଅଧିକ ଅର୍ଥାତ୍ ୨.୪୨ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦନ କରିଛି। ଏହା ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦରେ ଏକ ନେତା ଯାହା ମୁଖ୍ୟ ଶିଳ୍ପଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ପାଇଥାଏ। ଆଲୁମିନିୟମ୍ ଶିଳ୍ପ ପାଇଁ ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଣ୍ଟ ୨୦୨୪ ବିଶ୍ୱ ରାଙ୍କିଂରେ ବେଦାନ୍ତ ଆଲୁମିନିୟମ୍ ଦ୍ୱିତୀୟ ସ୍ଥାନରେ ଅଛି, ଯାହା ଏହାର ପ୍ରମୁଖ ସ୍ଥାୟୀ ବିକାଶ ଅଭ୍ୟାସର ପ୍ରତିଫଳନ। ଭାରତରେ ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ୍ ସ୍ମେଲଟର, ଆଲୁମିନା ରିଫାଇନାରୀ ଏବଂ ପାୱାର ପ୍ଲାଣ୍ଟ ସହିତ, କମ୍ପାନୀ ଏକ ସବୁଜ ଆସନ୍ତାକାଲି ପାଇଁ ଭବିଷ୍ୟତର ଧାତୁ ଭାବରେ ଆଲୁମିନିୟମ୍‌ର ଉଦୀୟମାନ ପ୍ରୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବାର ଏହାର ଲକ୍ଷ୍ୟ ପୂରଣ କରିଛି।

## — ସମ୍ପାଦକୀୟ —

# ମାଲେରିଆ ଓ ଯକୃତ

ପ୍ରତିବର୍ଷ ବିଶ୍ୱରେ ୩.୩ ନିୟୁତ ଲୋକ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି। ୨୦୧୬ରେ ହୋଇଥିବା ଅଧ୍ୟୟନ ଅନୁଯାୟୀ ମାଲେରିଆରେ ଆକ୍ରାନ୍ତ ହୋଇ ପ୍ରତି ବର୍ଷ ୬ଲକ୍ଷ ୮୪ ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି । ଏସିଆ, ଆଫ୍ରିକ ଓ ଲାଟିନ୍ ଆମେରିକୀୟ ଦେଶଗୁଡ଼ିକରେ ମାଲେରିଆ ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ଅଧିକ । ମାଲେରିଆ ମୃତ୍ୟୁ ଏବଂ ପ୍ରଭାବ ରୋକିବା ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏପ୍ରିଲ ୨୫ ତାରିଖକୁ ବିଶ୍ୱ ମ୍ୟାଲେରିଆ ଦିବସ ଭାବେ ପାଳନ କରାଯାଇଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଅନୁମୋଦନ ଲାଭ କରିଥିବା ଏହି ଦିବସରେ ବିଶ୍ୱବ୍ୟାପୀ ବିଭିନ୍ନ ପ୍ରକାର ସଚେତନତା ଏବଂ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥାଏ । ସାଧାରଣତଃ ମଶା କାମୁଡ଼ିବା ଦ୍ୱାରା ମାଲେରିଆ ବ୍ୟାପିଥାଏ । ମଶା କାମୁଡ଼ାରୁ ବର୍ତ୍ତିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି । ମାଲେରିଆର ପ୍ରଭାବ ବୃଦ୍ଧିକୁ ଆଖି ଆଗରେ ରଖି ଚଳିତ ବର୍ଷ ମାଲେରିଆ ନିରାକରଣ ଦିଗରେ ଅଧିକ ନିବେଶ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସମୁଦାୟକୁ ଆହ୍ୱାନ ଜଣାଇଛି । ୨୦୧୭ ବିଶ୍ୱ ମାଲେରିଆ ଦିବସରେ ମାଲେରିଆକୁ ଚିର ବିଦାୟ ନେବା ନିମିତ୍ତ ଆହ୍ୱାନ ଦିଆଯାଇଛି। ମାଲେରିଆ ଜୀବାଣୁ ସ୍ପୋରୋଜୋଏଟସ୍ ମନୁଷ୍ୟ ଶରୀରକୁ ପ୍ରବେଶ କରି ପ୍ରଥମେ ଯକୃତକୁ ଆକ୍ରମଣ କରେ। ଯକୃତରେ ଥିବା ରକ୍ତନଳୀରୁ ତାହା ଯାଇ ଯକୃତ କୋଷ ଭିତରେ ପ୍ରବେଶ କରେ। ଯକୃତ କୋଷ ଭିତରେ ତାହା ବୃଦ୍ଧିପ୍ରାପ୍ତ ହୋଇ ଶରୀରର ରକ୍ତକୋଷକୁ ଆକ୍ରମଣ କରେ। ମାଲେରିଆ ଜୀବାଣୁ ଲିଭର ଭିତରେ ଥାଇ ରୋଗ ପ୍ରତିରୋଧକ ଶକ୍ତିକୁ ଅତିକ୍ରମ କରି ଲୋହିତ ରକ୍ତ କଣିକାକୁ ଆକ୍ରମଣ କରେ। ମାଲେରିଆରେ ଯକୃତ ଆକ୍ରାନ୍ତ ହେଲେ ଜଣ୍ଡିସ ହୁଏ। ରକ୍ତରେ ଲିଭର ଏନଜାଇମ୍ସ ଗୁଡ଼ିକ ବଢ଼ିଯାଆନ୍ତି। ଲୋହିତ ରକ୍ତ କଣିକା ନଷ୍ଟ ହୁଏ। ଗ୍ଲୁକୋଜ-୬ ଫସ୍‌ପେଟ ଅଭାବ ଥିଲେ ଲୋହିତ ରକ୍ତ କଣିଆ ଆହୁରି ବେଶୀ ଭାବରେ ନଷ୍ଟ ହୁଏ। ମାଲେରିଆ ଔଷଧ ସେପ୍ଟିସିମିଆ ଓ ଡିଆଇସି ଇତ୍ୟାଦି କାରଣ ଯୋଗୁଁ ମଧ୍ୟ ଜଣ୍ଡିସ୍ ଦେଖାଦିଏ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ମାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଞ୍ଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି । ବିଶ୍ୱର ସବୁଠାରୁ ଅଧିକ ମାଲେରିଆ ପ୍ରବଣ ୧୦ଟି ଦେଶ ମଧ୍ୟରୁ ଛଅଟି ଦେଶ ଏହି ଅଞ୍ଚଳରେ ଅବସ୍ଥିତ । ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଞ୍ଚଳରେ ମାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଗତ ଗୋଟିଏ ଦଶକ ମଧ୍ୟରେ ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ମାଲେରିଆ ଆକ୍ରାନ୍ତ ଓ ମାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା ପାଇଁ ବିପଦ ହୋଇ ରହିଛି । ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ମାଲେରିଆ ପ୍ରବଣ ଦେଶ ଅପେକ୍ଷା ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତ୍ୱର ସହ ନେଇ ଏକ ଚେତାବନୀ ଭାବେ ବିଚାର କରୁଛି । ବିଶ୍ୱର ସର୍ବାଧିକ ମାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି । ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ ମାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇପାରିନାହିଁ । ୨୦୦୦ ମସିହାରୁ ୨୦୧୨ ମଧ୍ୟରେ ନେପାଳ, ଭୁଟାନ, କୋରିଆ, ବାଙ୍ଗଲାଦେଶ, ଶ୍ରୀଲଙ୍କା ଆଦି ଦେଶମାନେ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୭୫ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛନ୍ତି । କିନ୍ତୁ ଭାରତ ଏ କ୍ଷେତ୍ରରେ ପଛରେ ପଡ଼ିଯାଇଛି । ୨୦୧୫ ଶେଷ ବେଳକୁ ଯାଇ ଭାରତ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ସମର୍ଥ ହୋଇପାରେ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏ ଅଞ୍ଚଳର ଅନ୍ୟତମ ଦେଶ ମାଳଦ୍ୱୀପରେ ୧୯୮୪ରୁ ଆଉ କେହି ଜଣେ ହେଲେ ମାଲେରିଆରେ ଆକ୍ରାନ୍ତ ହୋଇ ନାହାନ୍ତି । ଶ୍ରୀଲଙ୍କା ମଧ୍ୟ ମାଲେରିଆର ସମ୍ପୂର୍ଣ୍ଣ ନିରାକରଣ ଲକ୍ଷ୍ୟ ହାସଲର ନିକଟତର । ଭାରତରେ ଏବେ ବି ମାଲେରିଆର ପ୍ରକୋପ ଭୟଙ୍କର। କେବଳ ଦୁଇଟି ରାଜ୍ୟ ଜାମ୍ମୁ-କାଶ୍ମୀର ଓ ହିମାଚଳ ପ୍ରଦେଶକୁ ଛାଡ଼ିଦେଲେ ଦେଶର ଅବଶିଷ୍ଟ ସବୁ ରାଜ୍ୟ ମାଲେରିଆ ପ୍ରବଣ । ଲୋକସଂଖ୍ୟାର ପାଖାପାଖି ୭୦ ପ୍ରତିଶତ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ହିଁ ମାଲେରିଆ ଭାରତ ପାଇଁ କେମିତି ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ତାର ସୂଚନା ଦିଏ । ପ୍ରତିବର୍ଷ ପ୍ରାୟ ୯୫ଲକ୍ଷ ଲୋକ ଦେଶର ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ସେଥିରୁ ପ୍ରାୟ ୪୫ ହଜାର ପୀଡ଼ିତଙ୍କ ମୃତ୍ୟୁ ହୁଏ । ଉଲ୍ଲେଖନୀୟ ହେଲା ସମଗ୍ର ବିଶ୍ୱରେ ମାଲେରିଆ ଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ଯେତେ, ସେଥିରେ ଦକ୍ଷିଣ ପୂର୍ବ ଏସିଆର ଭାଗ ୯୮ ପ୍ରତିଶତ ଏବଂ ସମଗ୍ର ଦକ୍ଷିଣ ପୂର୍ବ ଏସିଆର ମାଲେରିଆରେ ଯେତିକି ମୃତ୍ୟୁ ହୁଏ ସେଥିରେ ଭାରତର ଭାଗ ୩୮ ପ୍ରତିଶତ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି । କ୍ରମଶଃ ଦେଶର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ଅଧିକ ମାଲେରିଆ ପ୍ରବଣ ହୋଇପଡୁଛି । ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା ବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି । ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ। ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଇପ୍‌ସିତ ସୁଫଳ ମିଳି ନାହିଁ। ମାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି । ଅବଶ୍ୟ ସବୁ ରୋଗର ନିୟନ୍ତ୍ରଣ ପରି ମାଲେରିଆର ମୁକାବିଲା ପାଇଁ ମଧ୍ୟ ସରକାରୀ ଅଭିଯାନ ଅପେକ୍ଷା ଜନସଚେତନତା ଉନ୍ନତ ପରିମଳ ବ୍ୟବସ୍ଥା ଅଧିକ ଆବଶ୍ୟକ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
**ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭**

# ବାଇଶି ପାହାଚେ ଗଡ଼େଇ ଦେବୁ......


ପୁଷ୍ପମିତ୍ର ମହାପାତ୍ର

'ମାଠିଆରେ ପାଣି ଡାବୁ ଡାବୁ, ମାଠିଆରେ ପାଣି ଡାବୁ ଡାବୁ, କୋଉ ଦିନ ମୋତେ ପୁରୀ କି ନେବୁରେ ପୁରୀକୁ ନେବୁ ପୁରୀ କୁ ନେବୁ, ବାଇଶି ପାହାଚେ ଗଡ଼େଇ ଦେବୁ...'। ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ନମିତା ଅଗ୍ରୱାଲଙ୍କ 'ବାଇଶି ପାହାଚ' ଶୀର୍ଷକ ସଂଗୀତଟି ପ୍ରତିଟି ଜଗନ୍ନାଥପ୍ରେମୀଙ୍କ ତନ୍ମନକୁ ପୁଲକିତ, ସିଂହରିତ କରିଥାଏ। ଶ୍ରୀଜଗନ୍ନାଥଙ୍କ ଭକ୍ତମାନସରେ ପୁରୀ ମନ୍ଦିରରେ ଥିବା ବାଇଶି ପାହାଚ ମଧ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କିଛି। ସେଇ ପଥର ପାହାଚଗୁଡ଼ାକ ଚଢ଼ି ମନ୍ଦିରକୁ ଯିବାବେଳେ ଠାକୁରଙ୍କ ପ୍ରତି ସତେ ଅବା ଆର୍ଦ୍ର ହେବାକୁ ଆରମ୍ଭ କରେ ଭକ୍ତମାନଙ୍କ ମନ। ମନ୍ଦିର ଯାତ୍ରାବେଳେ ଭକ୍ତମାନେ ବାଇଶି ପାହାଚ ହାତରେ ସ୍ପର୍ଶକରି ମଥାରେ ଲଗାନ୍ତି। ଲାଗେ ହୃଦୟ ଭିତରେ ଥିବା ଅନେକ କଷ୍ଟ, ଅନେକ କୋହ, ଅନେକ ଯନ୍ତ୍ରଣା, ଅଭାବ, ନୈରାଶ୍ୟ, ହା ହୁତାଶ, ଆତ୍ମଗ୍ଲାନି ସବୁକିଛି ଯେପରି ସେଇଠି ହିଁ ଓଜାଡ଼ି ଦେବା ମହାପ୍ରଭୁଙ୍କୁ ପ୍ରାର୍ଥନା ପୂର୍ବକ। ସିଂହଦ୍ୱାର ସଂଲଗ୍ନରେ ଥିବା ମୁଖଶାଳା ଅତିକ୍ରମ କଲେ ଆଗରେ ପଡ଼େ ଗୋଟାଏ ସୋପାନ ଶ୍ରେଣୀ – ଲମ୍ୱା, ଅନୁଜ, କିନ୍ତୁ ମସୃଣ। ଏଗୁଡ଼ିକ ମୁଖଶାଳାର ପଶ୍ଚାତରୁ ଆରମ୍ଭ ହୋଇ ଉପରକୁ ଉପରକୁ ଉଠି ସ୍ପର୍ଶ କରିଛି କୁର୍ମବେଢ଼ା ଦ୍ୱାର। ମୁଖଶାଳା ଓ କୁର୍ମବେଢ଼ା ମଧ୍ୟରେ ରହିଛି ମାତ୍ର ୨୦ଟି ପାହାଚ; ତେବେ ସୋପାନ ଶ୍ରେଣୀର ଶେଷ ଆଡ଼କୁ ଡାହାଣ ପଟେ ଉତ୍ତର ଦିଗରେ ଆନନ୍ଦବଜାର ପ୍ରବେଶ ପଥରେ ରହିଛି ଆଉ ଦୁଇଟି ପାହାଚ। ଏ ଦୁଇଟି ପାହାଚ ଆରମ୍ଭ ହୋଇଛି ଅଷ୍ଟାଦଶ ସୋପାନରୁ ଏବଂ ପ୍ରସରିଛି ଉତ୍ତରକୁ ଆନନ୍ଦବଜାରର ଦ୍ୱାର ଯାଏଁ। ଏଇ ଦ୍ୱାରର ଦୁଇ ପାର୍ଶ୍ୱରେ ଶୋଭାପାଉଛି ଖୁବ୍ ପ୍ରକାଣ୍ଡକାୟ ଦୁଇଟି ସିଂହ ଭାସ୍କର୍ଯ୍ୟ ପ୍ରାୟ ୧୦ଫୁଟ ଲମ୍ୱା ଓ ୮ଫୁଟ ଉଚ୍ଚତା ବିଶିଷ୍ଟ।

ଶ୍ରୀକ୍ଷେତ୍ରର ଐତିହ୍ୟ, ଧର୍ମଚେତନା ଓ ପରମ୍ପରା ସହିତ ଏହି ବାଇଶି ପାହାଚର ଭୂମିକା ଅତିବ ଭାବପୂର୍ଣ୍ଣ ଓ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱାସ ରହିଛି ଏଇଟି ହିଁ ଅଷ୍ଟବୈକୁଣ୍ଠ, ପିତୃଲୋକ, ବ୍ରହ୍ମଲୋକ ଓ ଧ୍ରୁବଲୋକ, ଅନ୍ନଦାନ, ପିଣ୍ଡଦାନ ଓ ବସ୍ତ୍ରଦାନର ମହାପୁଣ୍ୟ କ୍ଷେତ୍ର ହେଉଛି ଏହି ବାଇଶି ପାହାଚ। ଏହା କେବଳ ପଥରରେ ତିଆରି ସାଧାରଣ ପାହାଚ ନୁହଁ ବରଂ ଏଥିରେ ରହିଛି ଅନେକ ଗୂଢ଼ ତତ୍ତ୍ୱ। ଏହି ଅଷ୍ଟବୈକୁଣ୍ଠର ଲୋକ ମହାତ୍ମ୍ୟ ଏହିପରି ଯେ ନିତ୍ୟସ୍ଥଳୀ ଏହି ପୁରୁଷୋତ୍ତମ କ୍ଷେତ୍ରରେ ମହାପ୍ରଭୁ ନିତ୍ୟଲୋକରୁ ଭୂଲୋକକୁ ଓହ୍ଲାଇ ଆସନ୍ତି ଏହି ବାଇଶି ପାହାଚ ଦେଇ।

ବାଇଶିଟି ଯାକ ପାହାଚର ଆୟତନ ଏକା ପ୍ରକାରର ନୁହେଁ। ସମସ୍ତ ସୋପାନ ଅବଶ୍ୟ ବଉଳମାଳ ବା କୁଣ୍ଡାପଥରରେ ନିର୍ମିତ ଏବଂ ଅଧିକାଂଶର ପ୍ରସ୍ଥ ପାଞ୍ଚ ଫୁଟ। ପାହାଚଗୁଡ଼ିକର ଉଚ୍ଚତା ମାତ୍ର ଛଅରୁ ସାତ ଇଞ୍ଚ ଏବଂ ଲମ୍ୱା ପ୍ରାୟ ୪୦ଫୁଟ। ସୋପାନ ଶ୍ରେଣୀର ଉତ୍ତର ଓ ଦକ୍ଷିଣ ପଟେ ମଧ୍ୟ ରହିଛି ପାଚେରୀ। ତେବେ ଦୁଇ ପଟର ଏହି ପାଚେରୀ ଠିକ୍ ପାଚେରୀ ପରି ପ୍ରତୀୟମାନ ହେଉନି କାରଣ ମନ୍ଦିର ଚଟାଣର ସମତଳ ସହ ଏହା ମିଶି ଯାଇଛି। ଉପରେ ରହିଛି ଦୁଇଧାଡ଼ି ମିଷ୍ଟାନ୍ନ ତିଆରି ସରଘର ସୋପାନ ଶ୍ରେଣୀର ଅଷ୍ଟାଦଶ ପାହାଚଟି ସବୁଠାରୁ ଓସାରିଆ; ଯାର ପ୍ରସ୍ଥ ପ୍ରାୟ ୧୫ଫୁଟ। ୧୯ ଓ ୨୦ ତମ ପାହାଚ ଦୁଇଟି ଅର୍ଦ୍ଧ ଗୋଲାକୃତି। ଏ ଦ୍ୱୟ କାରୁକାର୍ଯ୍ୟ ମଣ୍ଡିତ କୁର୍ମବେଢ଼ା ଦ୍ୱାରକୁ ସ୍ପର୍ଶ କରି ରହିଛି। ଆନନ୍ଦବଜାରର ପ୍ରବେଶ ପଥରେ ଥିବା ପାହାଚ ଦୁଇଟି ମଧ୍ୟ ପ୍ରସ୍ଥରେ ପ୍ରାୟ ୧୦ଫୁଟ। ବାଇଶି ପାହାଚ ଦେଇ ମନ୍ଦିରକୁ ଉଠିଲାବେଳେ ତୃତୀୟ ପାହାଚର ଦକ୍ଷିଣ ପାର୍ଶ୍ୱରେ ରହିଛି ଗୋଟିଏ ଅନୁଚ୍ଚ ମନ୍ଦିର ଯାହା କାଶୀ ବିଶ୍ୱନାଥ ଦେବାଳୟ ରୂପେ ପରିଚିତ। ଏଇ ଉପାସନା ପୀଠକୁ ଲାଗି ଅନ୍ୟ ଏକ ଅନୁଚ୍ଚ ମନ୍ଦିର ରହିଛି ଏଠାରେ ରାମ ଓ ସୀତା ପୂଜା ପାଆନ୍ତି। କେତେକ ବିଦ୍ୱାନ ବାଇଶି ପାହାଚର ମହତ୍ତ୍ୱ ପ୍ରତିବାଦିତ କରିବାକୁ ଯାଇ କିଛି ତତ୍ତ୍ୱ ବଖାଣନ୍ତି। ସେମାନଙ୍କ ମତରେ ଦେବତାଙ୍କୁ ପାଇବା ପଥରେ ମାନବ ୨୨ ପ୍ରକାରର ଦୋଷ ଦୁର୍ବଳତା ଅତିକ୍ରମ କରିବାକୁ ହୁଏ; ଏଣୁ ଶ୍ରୀମନ୍ଦିରରେ ରହିଛି ଏଇ ୨୨ ଗୋଟି ପାହାଚ। ବାଇଶି ପାହାଚର ପ୍ରଥମ ପାହାଚର ବାମପାର୍ଶ୍ୱରେ ପଶ୍ଚିମାଭିମୁଖୀ କାଶୀବିଶ୍ୱନାଥ ମନ୍ଦିର ଅବସ୍ଥିତ। କାଶୀବିଶ୍ୱନାଥ ହେଉଛନ୍ତି ବାଇଶି ପାହାଚର ପ୍ରଥମ ଦେବତା। ଶ୍ରୀଜଗନ୍ନାଥଙ୍କୁ ଭକ୍ତଜନ ଦର୍ଶନ କରିବା ପରେ ବାଇଶି ପାହାଚରେ କିଛି ସମୟ ବସନ୍ତି। ପଞ୍ଚଦଶ ଅଷ୍ଟତାତ୍ତ୍ୱିକ ଭାବ ତ୍ରିବୀଜ, ତ୍ରୀଶକ୍ତି, ତ୍ରିଗୁଣର ସମାହାର ବାଇଶି ଯାହା କି ବାଇଶି ପାହାଚରେ ପ୍ରତିଫଳିତ।

ବିଶ୍ୱାସ ରହିଛି ମହାପ୍ରଭୁଙ୍କ କରୁଣା ନହେଲେ କେହି ବି ବାଇଶି ପାହାଚ ଅତିକ୍ରମ କରିପାରିବ ନାହିଁ କି ଠାକୁରଙ୍କୁ ଦର୍ଶନ ମଧ୍ୟ କରିପାରିବ ନାହିଁ। ପହଣ୍ଡି ସମୟରେ ମହାପ୍ରଭୁ ଏହି ପାହାଚ ଅତିକ୍ରମ କରି ହାତୀ ପରି ଝୁଲି ଝୁଲି ଟାହିଆ ହଲାଇ ଦୁଇ ହାତ ପ୍ରସାରିତ କରି ବଡ଼ଦାଣ୍ଡର ଜନସମୁଦ୍ରକୁ ଓହ୍ଲାଇ ଆସନ୍ତି। ଏହି ବାଇଶି ପାହାଚରେ ଅସଂଖ୍ୟ ଭକ୍ତ, ଶ୍ରଦ୍ଧାଳୁ, ସାଧୁସନ୍ଥଙ୍କ ପବିତ୍ର ଚରଣ ରଜ ରଞ୍ଜିତ। ପତିତପାବନ ଯାତ୍ରା ସମୟରେ ଏହି ବାଇଶି ପାହାଚରେ ଶ୍ରୀଜୀଉଙ୍କ ଦେବୋପମ ପହଣ୍ଡି ହେଲାବେଳେ ଏଠାରେ ଅବସ୍ଥିତ ପିତୃଶିଳା ନିକଟରେ ପିତୃପୁରୁଷଗଣ, ଯଜଶୀଳା ନିକଟରେ ଚିତ୍ରଗୁପ୍ତ ଓ ଜମଦୂତ ଗଣ, ତେତିଶ କୋଟି ଦେବଗଣ, ଗନ୍ଧର୍ବ, କିନ୍ନର, ଦେବ ନର୍ତ୍ତକୀ ସମସ୍ତେ ଉପସ୍ଥିତ ଥାଆନ୍ତି ଦର୍ଶନ ପାଇଁ। ବାଇଶି ପାହାଚ ହେଉଛି ଚତୁର୍ଦ୍ଦଶ ଭୁବନ। ଭୂଃ, ଭୁବଃ, ସ୍ୱଃ, ମହଃ ଜନ, ତପ, ସତ୍ୟ, ଅତ, ସୁତଳ, ବିତଳ, ମହାତଳ, ରସାତଳ ତଥା ପାତାଳ ଏବଂ ଅଷ୍ଟ ବୈକୁଣ୍ଠ।

ତେବେ ତତ୍ତ୍ୱର ତାତ୍ପର୍ଯ୍ୟ ଯାହା ହେଉ ନା କାହିଁକି ବାଇଶି ପାହାଚର ପବିତ୍ରତାକୁ କେହି ଅସ୍ୱୀକାର କରନ୍ତି ନାହିଁ। ବାପା ମା'ମାନେ ମାନସିକ କରି ନିଜ ଶିଶୁ ସନ୍ତାନମାନଙ୍କୁ ଏହି ସୋପାନର ଉପରୁ ତଳ ଯାଏଁ ଗଡ଼ାନ୍ତି। ଏଇ ବାଇଶି ପାହାଚକୁ ମଧ୍ୟ ପିତୃଲୋକର କ୍ଷେତ୍ର ବୋଲି ଗ୍ରହଣ କରାଯାଏ। ଏଣୁ ଆଶ୍ୱିନ ମାସ ପ୍ରଥମାର୍ଦ୍ଧାରେ ଏଠାରେ ଯାତ୍ରୀମାନେ ମହାଳୟା ଶ୍ରାଦ୍ଧ କରନ୍ତି। ଶ୍ରାଦ୍ଧ ସାରି ଦଶମ ପାହାଚର ଏକ ଚତୁଷ୍କୋଣୀ କ୍ଷେତ୍ରରେ ପିଣ୍ଡ ଅର୍ପଣ କରାଯାଏ। ଏ ଦିନେ ବାଇଶି ପାହାଚରେ ବହୁ ପୁରୋହିତ ଓ ଯଜମାନ ଶ୍ରାଦ୍ଧରେ ବସିଥିବା ଦେଖାଯାଏ। ଶ୍ରଦ୍ଧାଳୁ ହୁଅନ୍ତୁ ବା ଭକ୍ତ ମହାପ୍ରଭୁଙ୍କୁ ଦେଖିବା ପାଇଁ ଶ୍ରୀ ମନ୍ଦିରକୁ ପ୍ରବେଶ ପରେ ଏହି ବାଇଶ ପାହାଚ ନିକଟରେ ପହଞ୍ଚି ପାଦ ଦେବା ପୂର୍ବରୁ ଭକ୍ତିପୂତ ମୁଣ୍ଡିଆଟିମାରି ଆଗକୁ ଯାଇଥାଏ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୬୮୯,**
**E-mail : niityou001@gmail.com**

# ଚାଲ ଗାଁକୁ ଫେରିଯିବା


ସୁବାସ କୁମାର ତାରଣିଆଁ

ପାଣିପାଗ ଏକ ପ୍ରାକୃତିକ ପ୍ରକ୍ରିୟା ଏବଂ ମଣିଷର ନିୟନ୍ତ୍ରଣ ବାହାରେ। ଏବେ ଋତୁଚକ୍ରରେ ଖରା, ବର୍ଷା ଓ ଶୀତ ଆଦି ନିର୍ଦ୍ଧାରିତ ସମୟରେ ଆସିବାରେ ବ୍ୟତିକ୍ରମ ଘଟୁଛି। ମନୁଷ୍ୟକୃତ କାର୍ଯ୍ୟ ଯୋଗୁଁ ବିଶ୍ୱର ତାପମାତ୍ରା ବୃଦ୍ଧି ପାଇବା ସହ ଏହାର ପ୍ରଭାବ ପାଣିପାଗ ଉପରେ ପଡୁଛି, ଫଳରେ ଋତୁଚକ୍ରରେ ବ୍ୟତିକ୍ରମ ଘଟୁଥିବା ପରିଲକ୍ଷିତ ହେଉଛି। ଗତ କିଛିବର୍ଷ ହେବ ଓଡ଼ିଶା ସମେତ ସମଗ୍ର ଦେଶରେ ନିର୍ଦ୍ଧାରିତ ସମୟ ଆଗରୁ ଖରାଦିନ ଆସିବାରୁ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଉଛି। ଯେଉଁଥିପାଇଁ ସାରା ବିଶ୍ୱରେ ଜଳବାୟୁ ପରିବର୍ତ୍ତନ, ବାୟୁ ପ୍ରଦୂଷଣ ଏବଂ ତାପମାତ୍ରା ବୃଦ୍ଧି ଏବେ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଯେଉଁ ସହରକୁ ଦେଖିଲେ ଉଡୁଛି ଧୂଳିକଣା। ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରକୁ ଯାଉଛି ଏହି ଧୂଳିକଣା। ଫଳରେ ବୟୋଜ୍ୟେଷ୍ଠ ବ୍ୟକ୍ତି ଓ ଛୋଟ ଛୋଟ ଶିଶୁମାନେ ଅଧିକ ଯନ୍ତ୍ରଣା ଭୋଗୁଛନ୍ତି। ଏକ ତଥ୍ୟ ଅନୁସାରେ କଟକ, ଭୁବନେଶ୍ୱର, କଳିଙ୍ଗ ନଗର, ବାଲେଶ୍ୱର, ଅନୁଗୋଳ, ତାଳଚେର, ଦାମନଯୋଡ଼ି ଏବଂ ରାଜଗାଙ୍ଗପୁର ଆଦି ୮ଟି ସହର ବିଷାକ୍ତ ବାୟୁ ବଳୟରେ ରହିଛି। ସେହିପରି ବିଶ୍ୱର ୧୦୦ ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ଭାରତର ୩୯ଟି ସହର ସ୍ଥାନ ପାଇଛି। ଭାରତର ରାଜଧାନୀ ଦିଲ୍ଲୀର ପ୍ରଦୂଷଣସ୍ତର ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରେ ରହିଛି। କଟକ ଓ ଭୁବନେଶ୍ୱରରେ ବିଶେଷ କଳ କାରଖାନା ନଥାଇ ବି ବାୟୁ ପ୍ରଦୂଷଣ ହାର ଅଧିକ ରହିଛି। ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ, ଡିଜେଲ ଓ ପେଟ୍ରୋଲ ଗାଡ଼ିମୋଟର ସଂଖ୍ୟା ବୃଦ୍ଧି ଓ ଅଳିଆ ଆବର୍ଜନାରେ ନିଆଁ ଲଗାଇବା ଏହାର ପ୍ରମୁଖ କାରଣ। ଯେଉଁ ଅଞ୍ଚଳରେ ଅଧିକ ଗାଡ଼ି ମୋଟର ଯାତାୟତ କରୁଛି, ସେହି ଅଞ୍ଚଳରେ ବାୟୁ ପ୍ରଦୂଷଣ ହାର ସର୍ବାଧିକ ରହୁଛି। ଯେଉଁଥିପାଇଁ ରାଜଧାନୀ ଭୁବନେଶ୍ୱରେ ୬ଟି ସ୍ଥାନରେ ବାୟୁ ପ୍ରଦୂଷଣ ମାନକ ମାପ କରାଯାଉଛି। କ୍ୟାପିଟାଲ ଥାନା, ଖଣ୍ଡଗିରି ଥାନା, ଏସ୍‌ପିସିବି କାର୍ଯ୍ୟାଳୟ, ପଟିଆସ୍ଥିତ କେନ୍ଦ୍ରୀୟ ପରୀକ୍ଷାଗାର ଏବଂ ଆଇଆରସି ଭିଲେଜରେ ବାୟୁ ପ୍ରଦୂଷଣ ମାପ ମେସିନ ଖଞ୍ଜାଯାଇଛି। ମାତ୍ର ସଚେତନତାର ଅଭାବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କରିବା ଯୋଗୁଁ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଥିବା ପରିବେଶ୍‌ବିତ୍‌ମାନେ ମତ ଦେଇଛନ୍ତି।

ରାଜଧାନୀରେ ଜନସଂଖ୍ୟା ବୃଦ୍ଧି ମଧ୍ୟ ବାୟୁ ପ୍ରଦୂଷଣର ଅନ୍ୟତମ କାରଣ। ଶିକ୍ଷା ସମାପ୍ତ ପରେ ଗ୍ରାମୀଣ ଯୁବକମାନଙ୍କର କୃଷିପ୍ରତି ବିତୃଷ୍ଣା ଭାବ, ଅଧିକ ରୋଜଗାର ଆଶା ନେଇ ନିଯୁକ୍ତି ଅନ୍ୱେଷଣରେ ସହରକୁ ଆସୁଥିବା ଯୁବକମାନେ କିଛିଦିନ ସହରରେ ରହିବା ପରେ ସହରର ଆଭିଜାତ୍ୟକୁ ଅପଣାଇ ବାସସ୍ଥାନଟିଏ ଯୋଗାଡ଼ କରିଦେଲା ପରେ ଆଉ ଗାଁକୁ ଫେରିବାକୁ ମନ ବଳାଉ ନାହାଁନ୍ତି। ସ୍ୱାଧୀନତା ସମୟରେ ଦେଶର ମୋଟ ଜନସଂଖ୍ୟାର ପ୍ରାୟ ୮୫ ଭାଗ ଲୋକ ଗାଁରେ ରହୁଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏହା ପାଖାପାଖି ୬୦କୁ ଖସିଆସିଲାଣି। ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ୧୯୪୮ ମସିହା ପବିତ୍ର ମହାବିଷୁବ ସଂକ୍ରାନ୍ତିରେ ଭୁବନେଶ୍ୱର ଆସି ନୂତନ ରାଜଧାନୀ ପ୍ରତିଷ୍ଠା ଶିଳାନ୍ୟାସର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ରାଜଧାନୀ ପ୍ରତିଷ୍ଠା ପୂର୍ବରୁ ଭୁବନେଶ୍ୱର ଲୋକସଂଖ୍ୟା ଥିଲା ମାତ୍ର ୧୭ ହଜାର। ପରବର୍ତ୍ତୀ ସମୟରେ ୨୦୨୧ ସୁଦ୍ଧା ଭୁବନେଶ୍ୱର ଲୋକ ସଂଖ୍ୟା ୧୧ ଲକ୍ଷ ୯୪ ହଜାରରେ ପହଞ୍ଚିଥିଲା ବେଳେ ୨୦୨୨ ମସିହାରେ ୧୨ ଲକ୍ଷ ୨୬ ହଜାର, ୨୦୨୩ରେ ୧୨ ଲକ୍ଷ ୫୮ ହଜାର, ୨୦୨୪ରେ ୧୨ ଲକ୍ଷ ୮୯ ହଜାର ଏବଂ ୨୦୨୫ ଏପ୍ରିଲ ମାସ ସୁଦ୍ଧା ୧୩ ଲକ୍ଷ ୨୧ ହଜାରରେ ପହଞ୍ଚିଛି। ଏହି ପରିସଂଖ୍ୟାନକୁ ତର୍ଜମା କଲେ ପ୍ରତିବର୍ଷ ଭୁବନେଶ୍ୱରରେ ଲୋକସଂଖ୍ୟା ବୃଦ୍ଧି ପାଉଛି ବୋଲି ଧରିନେବାକୁ ହେବ।

ଦୀର୍ଘବର୍ଷର ବ୍ୟବଧାନ ପରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଉତ୍ତପ୍ତ ସହର ଭାବରେ ଏକ ଭିନ୍ନ ରେକର୍ଡ଼ ସୃଷ୍ଟି କରିଥିଲା। ଗତବର୍ଷ ଏପ୍ରିଲ ମାସ ୫ ତାରିଖ ଶୁକ୍ରବାର ଦିନ ଭୁବନେଶ୍ୱରର ତାପମାତ୍ରା ୪୩.୫ ଡିଗ୍ରୀ ସେଲସିୟସ ଅତିକ୍ରମ କରି ସମଗ୍ର ଏସିଆ ମହାଦେଶରେ ଷଷ୍ଠ ଉତ୍ତପ୍ତ ସହର ଓ ଭାରତବର୍ଷରେ ଦ୍ୱିତୀୟ ସର୍ବାଧିକ ଉତ୍ତପ୍ତ ସହର ଭାବେ ପ୍ରମାଣିତ କରିଥିଲା। ମିଆଁମାରର ଚୌକ ସହ ୪୫.୭ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ବୃଦ୍ଧି ପାଇ ଏସିଆର ସର୍ବାଧିକ ଉତ୍ତପ୍ତ ସହର ହୋଇଥିବା ବେଳେ ମାଗଓ୍ୱେ ଓ ନାୟୁଙ୍ଗ-ୟୁ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଭାରତର ନନ୍ଦ୍ୟାଲ ସହର ଚତୁର୍ଥ ଓ ମିଆଁମାରର ମିନବୁ ପଞ୍ଚମ ସ୍ଥାନରେ ଥିବାବେଳେ ଭୁବନେଶ୍ୱର ଷଷ୍ଠ ସ୍ଥାନରେ ରହିଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ମୁତାବକ ୧୯୮୫ ମସିହା ଠାରୁ ଏଯାବତ ଭୁବନେଶ୍ୱରର ତାପମାତ୍ର ୬ ଥର ୪୩ ଡିଗ୍ରୀ ଅତିକ୍ରମ କରିଥିବା ବେଳେ ଦୁଇଥର ୪୪ ଡିଗ୍ରୀ ଏବଂ ତିନିଥର ୪୫ ଡିଗ୍ରୀ ସେଲସିୟସ ହୋଇଥିଲା। ଗତବର୍ଷ ଏପ୍ରିଲ ମାସ ୫ ତାରିଖ ଶୁକ୍ରବାର ୨୫ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ରାଜଧାନୀ ଭୁବନେଶ୍ୱର ବ୍ୟତୀତ ପାରଳାଖେମୁଣ୍ଡି ୪୨.୬, ତାଳଚେର ୪୨.୪, ମାଲକାନଗିରି ଓ ବୌଦ୍ଧ ୪୨.୨, ଅନୁଗୁଳ ୪୨.୧, ବଲାଙ୍ଗୀର, ଟିଟିଲାଗଡ଼, ନୟାଗଡ଼ ଓ ଝାରସୁଗୁଡ଼ା ୪୨, ଜଗତସିଂହପୁର ୪୧.୫, ସମ୍ବଲପୁର ୪୧.୩, ଚନ୍ଦବାଲି, ଭବାନୀପାଟଣା ଓ ଭଦ୍ରକ ୪୧.୨, ବାରିପଦା, ସୁନ୍ଦରଗଡ଼, ହୀରାକୁଦ ଓ କେନ୍ଦ୍ରପଡ଼ା ୪୧, କଟକ ଓ ଢେଙ୍କାନାଳ ୪୦.୬, ବରଗଡ଼ ୪୦.୪, କେନ୍ଦୁଝର ୪୦.୫, ଯାଜପୁର ଓ ରାଉରକେଲା ୪୦, ସୋନପୁର ୩୯.୮, ବାଲେଶ୍ୱର ୩୯.୬, ଖୋର୍ଦ୍ଧା ୩୯.୫, ନୂଆପଡ଼ା ୩୯.୪, ନବରଙ୍ଗପୁର ୩୯.୨ ଏବଂ ରାୟଗଡ଼ାରେ ୩୯ ଡିଗ୍ରୀ ତାପପାତ୍ରା ରେକର୍ଡ଼ କରାଯାଇଥିଲା। ମାତ୍ରାଧିକ ବୃକ୍ଷ ଛେଦନ ଓ ଉତ୍ତର ପଶ୍ଚିମ ଓ ପଶ୍ଚିମ ପଟରୁ ରାଜ୍ୟକୁ କ୍ରମାଗତ ଭାବେ ଶୁଷ୍କ ବାୟୁ ପ୍ରବାହ ସକ୍ରିୟ ରହିଥିବାରୁ ରାଜ୍ୟରେ ଅସହ୍ୟ ଗ୍ରୀଷ୍ମପ୍ରବାହ ଅନୁଭୂତ ହୋଇଥିଲା। ଏପ୍ରିଲ୧୭ ତାରିଖ ଦିନ ୩୦ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ଥିଲା। ଚଳିତବର୍ଷ ପ୍ରଥମ ଥର ପାଇଁ ୧୮ ତାରିଖ ଦିନ ରାଜ୍ୟରେ ସର୍ବାଧିକ ତାପମାତ୍ରା ୪୪ଡିଗ୍ରୀ ଅତିକ୍ରମ କରିଥିଲା। ୩୨ଟି ସହରର ତାପମାତ୍ରା ୪୦ ଡିଗ୍ରୀ ରହିଥିବା ବେଳେ ବୌଦ୍ଧରେ ତାମପାତ୍ରା ୪୪.୩ ଡିଗ୍ରୀ ରେକର୍ଡ଼ ସୃଷ୍ଟି କରିଥିଲା।

ତାପମାତ୍ରା ବୃଦ୍ଧି ଯୋଗୁ କେବଳ ମାନବ ସମାଜ ଯେ, ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତାହା ନୁହେଁ ସମଗ୍ର ଜୀବଜଗତ ପ୍ରଭାବିତ ହେଉଛନ୍ତି। ଭୁବନେଶ୍ୱରରେ ବୁଲା ଗୋରୁଗାଈ, ପଶୁ, ପକ୍ଷୀ ବହୁ ମାତ୍ରାରେ ପ୍ରଭାବିତ ହେଉଛନ୍ତି। ପାଣି ମୁନ୍ଦିଏ ପିଇବା ପାଇଁ ଏହି ପଶୁପକ୍ଷୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତାପମାତ୍ରା ବୃଦ୍ଧି ଯୋଗୁ ବହୁ ପଶୁପକ୍ଷୀ ମୃତ୍ୟୁମୁଖରେ ପଡୁଛନ୍ତି ଓ ଅଂଶୁଘାତ ଜନିତ ଆକ୍ରାନ୍ତ ଓ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ କହିବା ଅନୁସାରେ ଅଂଶୁଘାତ ଓ ଗ୍ରୀଷ୍ମପ୍ରବାହ ଜନିତ ଅସୁସ୍ଥତା ଯୋଗୁ ୭୧ଜଣ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ଅଂଶୁଘାତର ମୁକାବିଲା ପାଇଁ ସବୁ ଡାକ୍ତରଖାନା ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପ୍ରତିଜିଲ୍ଲା ଡାକ୍ତରଖାନାରେ ୬ଟି ଶଯ୍ୟା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ଟି ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଟିଏ ଲେଖାଏଁ ଶଯ୍ୟା ସଂରକ୍ଷିତ ରଖାଯାଇଛି। ଏଥିସହିତ ଡାକ୍ତରମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ସହିତ୨୪ ଘଣ୍ଟିଆ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ସେତିକି ନୁହେଁ, ବ୍ୟାପକ ବୃକ୍ଷ ଛେଦନ ଫଳରେ ଅମ୍ଳଜାନର ଅଭାବ ପରିପୂରଣ ପାଇଁ ଆବଶ୍ୟକ ଅନୁସାରେ ଗଛ ନଥିବାରୁ ଦିଲ୍ଲୀ, ମୁମ୍ବାଇ ଆଦି ସହରରେ ଅକ୍ସିଜେନ ପାର୍ଲରମାନ ଖୋଲିଲାଣି ଏବଂ ଦୋକାନ ବଜାରରେ ତଥା ଚୀନର ରାଜଧାନୀ ବେଜିଂରେ ୧୮ ଡଲାରରେ ଏକ ଲିଟର ଅମ୍ଳଜାନ ବିକ୍ରି ହେଲାଣି। ଅନୁରୂପ ଭାବରେ ଦିଲ୍ଲୀ, ମୁମ୍ବାଇ ଆଦି ପ୍ରଦୂଷିତ ସହରମାନଙ୍କରେ ଅକ୍ସିଜେନ ଥଳି ଦୋକାନ ବଜାରରେ ବିକ୍ରି ହେବା ଆରମ୍ଭ ହେଲାଣି। ତେଣୁ ଆଗାମୀ ଦିନରେ ବାହାରକୁ ଗଲେ ଏକ ସଫା ପାଣି ବୋତଲ ସହ ଅକ୍ସିଜେନ ଥଳି ଧରି ଯିବାର ସମୟ ଆସୁଛି। ଆଉ କିଛିବର୍ଷ ପରେ ଦିଲ୍ଲୀ ମୁମ୍ବାଇ ଭଳି ଭୁବନେଶ୍ୱରରେ ମଧ୍ୟ ଅକ୍ସିଜେନ ପାର୍ଲରମାନ ଖୋଲଇ ଅମ୍ଳଜାନ ବିକ୍ରି ହେବ, ଏହାକୁ ଏଡ଼ାଇ ଦିଆଯାଇ ନପାରେ? ସମୟ ଆସିବ ଦିନେ ଭୁବନେଶ୍ୱର ଏକ ଉତ୍ତପ୍ତ ସହରର ମାନ୍ୟତା ପାଇବାକୁ ପଛଘୁଞ୍ଚା ଦେବନାହିଁ।

ତାପମାତ୍ରା ବୃଦ୍ଧି ଯୋଗୁ କେବଳ ମାନବ ସମାଜ ଯେ, ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତାହା ନୁହେଁ ସମଗ୍ର ଜୀବଜଗତ ପ୍ରଭାବିତ ହେଉଛନ୍ତି। ଭୁବନେଶ୍ୱରରେ ବୁଲା ଗୋରୁଗାଈ, ପଶୁ, ପକ୍ଷୀ ବହୁ ମାତ୍ରାରେ ପ୍ରଭାବିତ ହେଉଛନ୍ତି। ପାଣି ମୁନ୍ଦିଏ ପିଇବା ପାଇଁ ଏହି ପଶୁପକ୍ଷୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତାପମାତ୍ରା ବୃଦ୍ଧି ଯୋଗୁ ବହୁ ପଶୁପକ୍ଷୀ ମୃତ୍ୟୁମୁଖରେ ପଡୁଛନ୍ତି ଓ ଅଂଶୁଘାତ ଜନିତ ଆକ୍ରାନ୍ତ ଓ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ କହିବା ଅନୁସାରେ ଅଂଶୁଘାତ ଓ ଗ୍ରୀଷ୍ମପ୍ରବାହ ଜନିତ ଅସୁସ୍ଥତା ଯୋଗୁ ୭୧ଜଣ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ଅଂଶୁଘାତର ମୁକାବିଲା ପାଇଁ ସବୁ ଡାକ୍ତରଖାନା ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପ୍ରତିଜିଲ୍ଲା ଡାକ୍ତରଖାନାରେ ୬ଟି ଶଯ୍ୟା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ଟି ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଟିଏ ଲେଖାଏଁ ଶଯ୍ୟା ସଂରକ୍ଷିତ ରଖାଯାଇଛି। ଏଥିସହିତ ଡାକ୍ତରମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ସହିତ୨୪ ଘଣ୍ଟିଆ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ସେତିକି ନୁହେଁ, ବ୍ୟାପକ ବୃକ୍ଷ ଛେଦନ ଫଳରେ ଅମ୍ଳଜାନର ଅଭାବ ପରିପୂରଣ ପାଇଁ ଆବଶ୍ୟକ ଅନୁସାରେ ଗଛ ନଥିବାରୁ ଦିଲ୍ଲୀ, ମୁମ୍ବାଇ ଆଦି ସହରରେ ଅକ୍ସିଜେନ ପାର୍ଲରମାନ ଖୋଲିଲାଣି ଏବଂ ଦୋକାନ ବଜାରରେ ତଥା ଚୀନର ରାଜଧାନୀ ବେଜିଂରେ ୧୮ ଡଲାରରେ ଏକ ଲିଟର ଅମ୍ଳଜାନ ବିକ୍ରି ହେଲାଣି। ଅନୁରୂପ ଭାବରେ ଦିଲ୍ଲୀ, ମୁମ୍ବାଇ ଆଦି ପ୍ରଦୂଷିତ ସହରମାନଙ୍କରେ ଅକ୍ସିଜେନ ଥଳି ଦୋକାନ ବଜାରରେ ବିକ୍ରି ହେବା ଆରମ୍ଭ ହେଲାଣି। ତେଣୁ ଆଗାମୀ ଦିନରେ ବାହାରକୁ ଗଲେ ଏକ ସଫା ପାଣି ବୋତଲ ସହ ଅକ୍ସିଜେନ ଥଳି ଧରି ଯିବାର ସମୟ ଆସୁଛି। ଆଉ କିଛିବର୍ଷ ପରେ ଦିଲ୍ଲୀ ମୁମ୍ବାଇ ଭଳି ଭୁବନେଶ୍ୱରରେ ମଧ୍ୟ ଅକ୍ସିଜେନ ପାର୍ଲରମାନ ଖୋଲଇ ଅମ୍ଳଜାନ ବିକ୍ରି ହେବ, ଏହାକୁ ଏଡ଼ାଇ ଦିଆଯାଇ ନପାରେ? ସମୟ ଆସିବ ଦିନେ ଭୁବନେଶ୍ୱର ଏକ ଉତ୍ତପ୍ତ ସହରର ମାନ୍ୟତା ପାଇବାକୁ ପଛଘୁଞ୍ଚା ଦେବନାହିଁ।

କବି ସଚ୍ଚିଦାନନ୍ଦ ରାଉତରାୟଙ୍କ 'ଛୋଟ ମୋର ଗାଁଟି, ଭୂଗୋଳ ପୋଥି ପତରେ ପଛେ ନଥାଉ ତାର ନାଁଟି। ମାଟିର ସେହି ସରଗ ମୋର, ସେଇଟି ଅଛି ମୋ ସଠି ଘର, ଜଳିବ ପୁଣି ସେଇଟି ଶେଷେ ମୋହରି ଚିତା ନିଆଁଟି' କବିତାଟି ଆଜି ମନକୁ ଆନ୍ଦୋଳିତ କରୁଛି। ମଣିଷ ସୃଷ୍ଟି ହେବା ଦିନଠାରୁ ପ୍ରକୃତି ଓ ପରିବେଶ ଯୋଗୁଁ ଆଜି ପର୍ଯ୍ୟନ୍ତ ବଞ୍ଚିରହିଛି। ମାତ୍ର ସାମ୍ପ୍ରତିକ ସମୟରେ ବାୟୁ ଓ ପରିବେଶ ପ୍ରଦୂଷଣ ମାନବ ସଭ୍ୟତା ଓ ଜୀବଜଗତ ପାଇଁ ଏକ ବଡ଼ ସମସ୍ୟା ସୃଷ୍ଟି କରିଛି। ଫଳରେ ଛଅ ଋତୁ ଆଜି ସାତ ସପନ ଏବଂ ଗ୍ରୀଷ୍ମଋତୁରେ ଭୁବନେଶ୍ୱରରେ ମାତ୍ରାଧିକ ତାପମାତ୍ରା ବୃଦ୍ଧି ପାଉଛି। ଜନସଂଖ୍ୟା ବୃଦ୍ଧି, ଅଧିକ ସଂଖ୍ୟାରେ ଗାଡ଼ିମୋଟର ଚଳାଚଳ, ଖଣି ଖନନ, ଶିଳ୍ପ ଓ କୋଠାବାଡ଼ି ନିର୍ମାଣ ଯୋଗୁଁ ବାୟୁ ପ୍ରଦୂଷଣ ଓ ତାପମାତ୍ରା ଦୃତଗତିରେ ବୃଦ୍ଧି ପାଇବାରେ ଲାଗିଛି। ଏବେ ମଣିଷ ପ୍ରକୃତିକୁ ଧ୍ୱଂସ କରିବାକୁ ଲାଗିଥିବାରୁ ଜଳବାୟୁ ପରିବର୍ତ୍ତନ ପରି ଭୟଙ୍କର ସ୍ଥିତିକୁ ସାମନା କରୁଛି। ଖରା, ବର୍ଷା, ଭୂସ୍ଖଳନ, ମରୁଡ଼ି, ବାତ୍ୟା ଆଦି ବୃଦ୍ଧି ପାଉଛି। ଓଡ଼ିଶାକୁ ପ୍ରକୃତି ଖଣି, ନଦୀ, ସମୁଦ୍ର, ଜଙ୍ଗଲ ଓ ଉର୍ବର ଜମି ଆଦି ବରଦାନ ଦେଇଛି। ତେବେ ଏହା ସହିତ ବନ୍ୟା, ମରୁଡ଼ି, ବାତ୍ୟା ପ୍ରାକୃତିକ ବିପତ୍ତି ମଧ୍ୟଦେଇଛି। ପ୍ରାକୃତିକ ସମ୍ପଦର ସଦ୍‌ବ୍ୟବହାର କରି ଭଲ ଭାବେ ବଞ୍ଚି ରହିବା ପାଇଁ ପ୍ରାକୃତିକ ବିପର୍ଯ୍ୟୟକୁ କିପରି ମୁକାବିଲା କରିହେବ ତାହା ସାଧାରଣ ଜନତାଙ୍କ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି।

ପ୍ରକୃତି ଓ ପରିବେଶକୁ ବଞ୍ଚାଇ ରଖିବା ପ୍ରତ୍ୟେକ ବ୍ୟକ୍ତିର ମୌଳିକ କର୍ତ୍ତବ୍ୟ। ବିଭିନ୍ନ କାରଣରୁ ବାୟୁ ପ୍ରଦୂଷଣ ଓ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇଥାଏ। ତେଣୁ ଏହିସବୁ ପ୍ରଦୂଷଣରୁ ରକ୍ଷା ପାଇବାକୁ ହେଲେ ପର୍ଯ୍ୟାପ୍ତ ପରିମାଣରେ ବୃକ୍ଷରୋପଣ କରି ତାର ଯତ୍ନ ନେବା ସହିତ ସଠିକ୍ ଭାବେ ବର୍ଜ୍ୟବସ୍ତୁ ପରିଚାଳନା କରିବା ଦରକାର। ଏଥିପାଇଁ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଓ ସାଧାରଣ ଜନତାଙ୍କ ସମର୍ଥନ ରହିବା ଜରୁରୀ। ମାତ୍ର ପ୍ରଶାସନ ଓ ସାଧାରଣ ଜନତାଙ୍କ ଆନ୍ତରିକ ସହଯୋଗ ଓ ସହମତି ଅଭାବରୁ ଦିନକୁ ଦିନ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି। ବିଶ୍ୱର ସର୍ବାଧିକ ଜନବସତି ସହର ଜାପାନର ରାଜଧାନୀ ଟୋକିଓରୁ ଫେରିଯାଇ ଗ୍ରାମାଞ୍ଚଳରେ ସ୍ଥାୟୀ ଭାବରେ ବସବାସ କରିବାକୁ ଜାପାନ ସରକାର ସେଠାକାର ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଯେଉଁମାନେ ଏହି ନିମୟକୁ ପାଳନ କରି ଟୋକିଓରୁ ଯାଇ ଗ୍ରାମାଞ୍ଚଳରେସ୍ଥାୟୀ ଭାବରେ ବସତି ସ୍ଥାପନ କରିବେ ସେମାନଙ୍କୁ ମୁଣ୍ଡପିଛା ଆର୍ଥିକ ସହାୟତା ଦେବାକୁ ମଧ୍ୟ ଘୋଷଣା କରିଛନ୍ତି। ତେଣୁ ବାୟୁ ପ୍ରଦୂଷଣ ଯୋଗୁଁ ସମୟ ଆସିବ କବି ସଚ୍ଚିଦାନନ୍ଦ ରାଉତରାୟଙ୍କ 'ଛୋଟ ମୋର ଗାଁଟି, ଭୂଗୋଳ ପୋଥି ପତରେ ପଛେ ନଥାଉ ତାର ନାଁଟି' କବିତାକୁ ମନେ ପକାଇ, ଆମ ଦେଶର ବଡ ବଡ଼ ସହରମାନଙ୍କରେ ବସବାସ କରୁଥିବା ସାଧାରଣ ଜନତା ଦିନେ ସ୍ୱତଃପ୍ରବୃତ୍ତ ଭାବେ ଜନ୍ମମାଟିକୁ ଫେରିଯାଇ ଗାଁରେ ସ୍ଥାୟୀ ଭାବରେ ବସତି ସ୍ଥାପନ କରିବେ ସେ ସମୟ ଏବେ ଉପନୀତ।

**ମୋ : ୮୩୨୮୮୪୦୨୧୪**
**କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର**

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।

**Mob/ whatsapp : 9090962011**
**Ph. No. : 0674-2975387**
**E-mail : dumanikhabar2020@gmail.com**

## ଆଜି ବନକଲାଗି, ଶ୍ରୀମନ୍ଦିରରେ ୫ଘଣ୍ଟା ଦର୍ଶନ ବନ୍ଦ



**ପୁରୀ,(ଡିକେ ନ୍ୟୁଜ):** ଆସନ୍ତାକାଲି ବୈଶାଖ କୃଷ୍ଣ ଦଶମୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ପରେ ଦତ୍ତମହାପାତ୍ର ସେବକମାନେ ରତ୍ନସିଂହାସନରେ ବିରାଜମାନ କରୁଥିବା ଶ୍ରୀଜିଉମାନଙ୍କ ବନକଲଗି (ଶ୍ରୀମୁଖ ଶୃଙ୍ଗାର) କରିବେ। ମହାପ୍ରଭୁଙ୍କର ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏଥିପାଇଁ ଅପରାହ୍ନ ୫ଟା ଠାରୁ ରାତି ୧୦ ଟା ପର୍ଯ୍ୟନ୍ତ ଆପାତତଃ ପ୍ରାୟ ୫ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ଶେଷକରି ଦତ୍ତମହାପାତ୍ର ସେବକମାନେ ବାହାରିବା ପରେ ମହାପ୍ରଭୁଙ୍କ ମହାସ୍ନାନ କରାଯାଇ ସନ୍ଧ୍ୟା ଆଳତି, ସନ୍ଧ୍ୟା ଧୂପ, ବଡ଼ସିଂହାର ବେଶ, ବଡସିଂହାର ଭୋଗ ଓ ରାତ୍ର ପହୁଡ଼ ଆଦି ନୀତି ସମ୍ପାଦିତ ହେବ।

## ଅସଲି କହି ନକଲି ସୁନା କାରବାର : ୪ ଡକାୟତ ଗିରଫ



**ବାଲିଚନ୍ଦ୍ରପୁର,(ଡିକେ ନ୍ୟୁଜ):** ଅସଲି ସୁନା କହି ନକଲି ସୁନା କାରବାର ବେଳେ ୪ ଆନ୍ତଃ ଜିଲ୍ଲା ଡକାୟତଙ୍କୁ ବାଲିଚନ୍ଦ୍ରପୁର ପୋଲିସ ଗିରଫ କରିବାରେ ସଫଳ ହୋଇଛି। ଗିରଫ ସମୟରେ ସେମାନଙ୍କ ପାଖରୁ ୩୦୦ ଗ୍ରାମ ନକଲି ସୁନା, ଏକ ଲକ୍ଷ ଟଙ୍କା ଓ ୩ ଟି ମୋବାଇଲକୁ ପୋଲିସ ଜବତ କରାଯାଇଥିବା ନେଇ ଥାନା ପରିସରରେ ଆୟୋଜିତ ଏକସାମ୍ବାଦିକ ସମ୍ମିଳନୀରେ ଥାନାଧିକାରୀ ସମରଜିତ ନାୟକ ସୂଚନା ଦେଇଛନ୍ତି। ତେବେ ଗିରଫ ଡକାୟତ ହେଉଛନ୍ତି କପାସିଅଞ୍ଚଳର ଟୁଲୁ ଦାସ (୪୦), ଯାଜପୁର ଜିଲ୍ଲା ତଥା ଯାଜପୁର ଥାନା ଅନ୍ତର୍ଗତ ଅକରପଡା ଗ୍ରାମର ପ୍ରମୋଦ ଦାସ (୪୦) ଓ ଏହି ଗ୍ରାମର ଅଭିମନ୍ୟୁ ଦାସ (୩୦) ଏବଂ ଭଦ୍ରକ ଜିଲ୍ଲା ଧାମନଗର ଥାନା ଅନ୍ତର୍ଗତ ନୂଆପଡା ଗ୍ରାମର ଉମେଶ ଦାସ (୨୧)। ସୂଚନା ମୁତାବକ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବରଦା ଗ୍ରାମର ସୌମ୍ୟକାନ୍ତ ଦଳେଇଙ୍କୁ ଏହି ଡକାୟତ ମାନେ ଅସଲି ସୁନା ଦେବେ କହି ସେମାନେ ସୌମ୍ୟକାନ୍ତଙ୍କ ଠାରୁ ଏକ ଲକ୍ଷ ଟଙ୍କା ନେଇଥିଲେ । ତେବେ ସେତେବେଳେ ଡକାୟତମାନେ ସୌନ୍ୟକାନ୍ତଙ୍କୁ ଦେଇଥିବା ସୁନା ଅସଲି ଥିଲା। ପରେ ସୌମ୍ୟକାନ୍ତ ଏମାନଙ୍କ ଠାରୁ ଅଧିକ ସୁନା ନେବାକୁ କହିବାରୁ ଏମାନେ ଗତ ୨୦ ତାରିଖ ଦିନ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ମାଣ୍ଡୁକା ରେଲୱେ ପୋଲ ନିକଟକୁ ଆସିଥିଲେ। ତେବେ ଏମାନେ ଯେଉଁ ସୁନା ଦେଖାଇଲେ ତାହା ନକଲି ବୋଲି ଅନୁମାନ କରି ସୌମ୍ୟକାନ୍ତ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଥାନାଧିକାରୀ ଶ୍ରୀ ନାୟକଙ୍କ ସହିତ ଅନ୍ୟ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ୪ ଡକାୟତଙ୍କୁ କାବୁ କରି ଥାନାକୁ ଆଣି ଘଟଣାର ତଦନ୍ତ କରିଥିଲେ। ତଦନ୍ତ ସମୟରେ ଏମାନଙ୍କ ପାଖରୁ ଜବତ ସୁନତକ ନକଲି ବୋଲି ଜଣା ପଡିଥିଲା। ପରେ ଥାନା କେଶ ନମ୍ବର ୧୧୦/୨୫ରେ ଏକ ମାମଲା ରୁଜୁ କରାଯାଇ ଗିରଫ ଡକାୟତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଏମାନଙ୍କ ନାମରେ ଭଦ୍ରକ ଓ ଯାଜପୁର ଜିଲ୍ଲାର ବିଭିନ୍ନ ଥାନାରେ ଡକାୟତି ମାମଲା ରହିଥିବା ନେଇ ଥାନାଧିକାରୀ ଶ୍ରୀ ନାୟକ କହିଛନ୍ତି।

## ଛାତ୍ରୀଙ୍କୁ ପ୍ରଧାନଶିକ୍ଷକଙ୍କ ଆସାଦାଚରଣ

**ଯାଜପୁର,(ଡିକେ ନ୍ୟୁଜ):** ଏହି ବ୍ଲକ ଅନ୍ତର୍ଗତ ସୁଜନପୁର ପଞ୍ଚାୟତ ହାସିନପୁରରେ ଜନୈକ ଛାତ୍ରୀଙ୍କୁ ପ୍ରଧାନଶିକ୍ଷକ ଅସାଧାଚରଣ କରି ବର୍ତ୍ତମାନ ହରଡ଼ଘଣ ରେ ପଡିଥିବା ଦେଖିବାକୁ ମିଳୁଛି। ଖବର ଲେଖା ହେବା ଯାଏ ଏହି ଖର କୁ ଚାପି ଦେଇ ରଫାଦଫା କରିବାକୁ ପ୍ରଧାନଶିକ୍ଷକ ଲାଗିପଡିଥିବା ଅଞ୍ଚଳବାସୀ ଟୁପୁର ଟାପୁର ହେଉଛନ୍ତି। ତୁରନ୍ତ ଶିକ୍ଷାବିଭାଗ ଏହି ଶିକ୍ଷକଙ୍କୁ ଏଠାରୁ ଅନ୍ୟତ୍ର ବଦଳି ନ କଲେ ଆଗାମି ଦିନରେ ଗ୍ରାମବାସୀ ଧାରଣାରେ ବସିବେ ବୋଲି ସୂଚନା ଦେଇଛନ୍ତି।

## ସର୍ବୋତ୍ତମ ସୋସିଆଲ ଅର୍ଗାନାଇଜେସନ ପକ୍ଷରୁ ପୃଥିବୀ ଦିବସ ପାଳିତ




**ନାଉଗାଁ,(ଡିକେ ନ୍ୟୁଜ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ଜାମୁଗାଁସ୍ଥିତ ସରକାରୀ ପଲିଟେକ୍‌ନିକ କଲେଜ ପରିସରରେ ଭାରତ ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରାଳୟ ଓ ସର୍ବୋତ୍ତମ ସୋସିଆଲ ଅର୍ଗାନାଇଜେସନ ମିଳିତ ଆନୁକୁଲ୍ୟରେ ପୃଥିବୀ ଦିବସ-୨୦୨୫ ମଙ୍ଗଳବାର ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଲେଜର ଅଧ୍ୟକ୍ଷା କଳ୍ପନା ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଟ୍ରଷ୍ଟର ପ୍ରତିଷ୍ଠାତା ନିହାର ରଂଜନ ଆଚାର୍ଯ୍ୟ, ବିଶିଷ୍ଟ ପରିବେଶବିତ୍ ଡକ୍ଟର ହେମନ୍ତ କୁମାର ମିଶ୍ର, ବିଶିଷ୍ଟ ଶିକ୍ଷାବିତ୍ ସୁଧାମୟୀ ବେହୁରା ପ୍ରମୁଖ ଯୋଗ ଦେଇ ପ୍ରଥିବୀ ଦିବସ-୨୦୨୫ର ଆଭିମୁଖ୍ୟ ତଥା ଶକ୍ତି ସଂରକ୍ଷଣ ଦିଗରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ତରପକ୍ଷରୁ ଏକ ବିଶାଳ ସଚେତନତା ରାଲିର ଆୟୋଜନ କରାଯାଇଥିଲା। ଉକ୍ତ ରାଲି କଲେଜ ପରିସରରୁ ବାହାରି ନିକଟସ୍ଥ ଗ୍ରାମ ଓ ବଜାରରେ ପରିକ୍ରମା କରାଯାଇ ଲୋକମାନଙ୍କୁ ପରିବେଶ ସୁରକ୍ଷା ସମ୍ପର୍କୀୟ ସଚେତନ କରାଯାଇଥିଲା। ପରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଶକ୍ତି ସଂରକ୍ଷଣ ଦିଗରେ ଶପଥ ପାଠ କରାଯାଇଥିଲା। ଏହି ପରିପ୍ରେକ୍ଷରେ ଅନୁଷ୍ଠାନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦିକା ସୁଶ୍ରୀ ଶ୍ରାବଣୀ ରାୟ, ପୁନମ ନାୟକ, ଅଞ୍ଜଳୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ବିଜେଡି ଛାଡି ବିଜେପିରେ ମିଶିଲେ ଶତାଧିକ କର୍ମୀ



**ଝରିଗାଁ,(ଡିକେ ନ୍ୟୁଜ):** ଝରିଗାଁ ବିଧାନସଭା ଆସନରୁ ଭୋଟ ଲଢ଼ି ନରସିଂହ ଭତରା ବିଧାୟକ ହେବା ପରେ ଝରିଗାଁ ନିର୍ବାଚନ ମଣ୍ଡଳୀରେ ଦିନକୁ ଦିନ ବିଜେପିର ଲୋକପ୍ରିୟତା ବଢୁଥିବା ଦେଖିବାକୁ ମିଳିଛି। ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ଲୋକଙ୍କୁ ଆକୃଷ୍ଟ କରୁଛି। ଅନେକ ନେତା ଓ କର୍ମୀ ବିଭିନ୍ନ ଦଳ ଛାଡି ବିଜେପିରେ ସାମିଲ ହେଉଥିବା ଦେଖିବାକୁ ମିଳୁଛି। ବିଜେଡି ପୂର୍ବତନ ସାଂସଦ ଓ ବିଧାୟକଙ୍କ ନିଜ ଚନ୍ଦାହାଣ୍ଡି ବ୍ଲକ ପଓଟଖଲିଆ ପଞ୍ଚାୟତର ସମିତି ସଭ୍ୟକ୍ଷ ନିରୁପମା ଧାରୁଆ ପୂର୍ବତନ ସମିତି ସଭ୍ୟଅନ୍ତ ସୋରି, ବିଜେଡି ବରିଷ୍ଠ ବିଜେଡି ନେତା ଉମ୍ବରୁ ଧର ମାଝୀ ଅବସରପ୍ରାପ୍ତ ସୁପର ଭାଇଜର ଭରତ ରାଉତ, ନୀଳାମ୍ବର ବାଘ, ମଳୟ ସୁନା,ଓ ମଧ ବିଜେଡି ଛାଡି ଯାଦବ ବଗର୍ତ୍ତୀ, ଚନ୍ଦ୍ର ପୂଜାରୀ, ପରମେଶର ନାଗ, ଭଗତରାମ ମାଝୀ, ଅନନ୍ୟ ସତଦିକ କର୍ମୀ ବିଜେପିରେ ମିଶିଥିବା ସୂଚନା ମିଳିଛି। ଆଗାମୀ ଦିନରେ ତାଙ୍କର ସମସ୍ତ କର୍ମୀ ଓ ସମର୍ଥକ ମଧ୍ୟ ବିଜେପିରେ ମିଶିବା ନେଇ ସମିତି ସଭ୍ୟ ଧରୁଆ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ପୂର୍ଲା ସ୍ଥିତ ବିଜେପି କାର୍ଯ୍ୟାଳୟରେ ଏକ ବୈଠକ କରି ବିଧାୟକ ନରସିଂହ ଭତରା ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣେଇବା ସହ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ରାୟଗଡା ବିଜେପି ପ୍ରଭାରୀ ଗୋବିନ୍ଦ ଜୟନ୍, ପ୍ରତାପ ବାଗ, ପ୍ରଫୁଲ ପ୍ରଧାନୀ, ପ୍ରଭାଥ ସୁନା ଓ ଦଳୀୟ କର୍ମୀ ଓ କର୍ମକର୍ତ୍ତାମାନଙ୍କ ମଧ୍ୟରେ ବିଧାୟକ ସମେତ ଅନେକ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ରହି ଦଳରେ ନୂତନ ଭାବେ ସାମିଲ ହୋଇଥିବା ଜଣାଯାଇଛି।

## ବିଶ୍ୱାଳୀ ମୌଜାରେ ଚୈତ୍ରପର୍ବ ଉତ୍ସବ ପାଳିତ ୫୭ କିତା ନଦୀ ସୁରକ୍ଷା ଉପରେ ଗୁରୁତ୍ୱାରୋପ



**ପାରାଦ୍ୱୀପ,(ଡିକେ ନ୍ୟୁଜ):** ପ୍ରତିବର୍ଷ ପରି ଚଳିତ ବର୍ଷ ପୁରାତନ କୁଜଙ୍ଗ ରାଜ୍ୟର ଐତିହ୍ୟ ବହନ କରୁଥିବା ୧୬ ତମ ଚୈତ୍ରପର୍ବ ଉତ୍ସବ ବିଶ୍ୱାଳୀ ମୌଜା ତରଫରୁ ମହାସମାରୋହରେ ପାଳିତ ହୋଇଯାଇଛି। ନୃସିଂହ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଚଇତି ପର୍ବ ଉତ୍ସବରେ ସମାଜସେବୀ ସୁଶାନ୍ତ ଶେଖର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ, ପୁରାତନ କୁଜଙ୍ଗ ରାଜ୍ୟରେ ପ୍ରବାହିତ ୫୭ କିତା ନଦୀ ଯାହାକି ସହରେ ପେଷ୍ଟ ମସ୍ତ୍ୟେଡିଆ ନାମରେ ନାମିତ। ସେ ନଦୀ ସମୂହର ସୁରକ୍ଷା ନିମିତ୍ତ ମାନ୍ୟବର ଉଚ୍ଚନ୍ୟାୟାଳୟଙ୍କ ନିକଟରେ ଆଇନଗତ ସହାୟତା ଲୋଡା ପାଇଁ କୈବର୍ତ୍ତ ସମାଜକୁ ପ୍ରସ୍ତାବ ଦେଇଥିଲେ। ବର୍ତ୍ତମାନ ସାଧରଣ ଜନତାଙ୍କ ସୁରକ୍ଷା ଦୃଷ୍ଟିରୁ ୫୭ କିତା ନଦୀ ସୁରକ୍ଷା ଏକାନ୍ତ କାମ୍ୟ ବୋଲି ଶ୍ରୀ ସ୍ୱାଇଁ ସଭାରେ ମତ ଦେଇ, ପୁରାତନ କୁଜଙ୍ଗ ରାଜ୍ୟର ଐତିହ୍ୟ, ପରମ୍ପରାର ସୁରକ୍ଷା ନିମିତ୍ତ ଅଞ୍ଚଳର ପ୍ରଦୂଷିତ ଜଳ, ବାୟୁକୁ ସୁଧାର ପାଇଁ ଆଇନଗତ ସହାୟତା ଏକାନ୍ତ କାମ୍ୟବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜନ ମାଝୀ, କାଙ୍ଗାଳି ସାମଲ, ବୈକୁଣ୍ଠ ସାମଲ, ଦଳ ବେହେରା ଦଳାଇ, ଦେବେନ୍ଦ୍ର ସାମଲ, ପରିକ୍ଷିତ ସାମଲ, ଗଜେନ୍ଦ୍ର ତରାଇ, ବାପିନା ସାମଲ, ଯୁଧିଷ୍ଠିର ସାମଲ, ବିଷ୍ଣୁ ପରିଡା, ଟୁଇଁ ସାମଲ ପ୍ରମୁଖ ମଞ୍ଚାସିନ ହୋଇ ବକ୍ତବ୍ୟ ରଖିଥିଲେ। ଏହି ମର୍ମରେ ମା’ବସୁଳେଇଙ୍କୁ ମନାସୀ ଘୋଡା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଭାଇଚାରାର ପର୍ବ ପାଳିତ ହୋଇଯାଇଛି। କୁଜଙ୍ଗଗାନ୍ଧୀ ନାରାୟଣ ବୀରବର ସାମନ୍ତଙ୍କ ଚିନ୍ତାଧାରାରେ ସୃଷ୍ଟି ଯୋଜନାକୁ ଅଞ୍ଚଳରେ କାର୍ଯ୍ୟକାରୀ କରିବା ପାଇଁ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇବା ଦରକାର ବୋଲି ଉତ୍ସବରେ ମତ ପ୍ରକାଶ ପାଇଥିଲା।

## କୋଟପାଡ଼ ସିଏସସି ଭିଏଲି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ

**କୋରାପୁଟ,(ଡିକେ ନ୍ୟୁଜ):** କୋରାପୁଟ ଜିଲ୍ଲା କୋଟପାଡ଼ ସିଏସସି ଭିଏଲି ସଂଘ ପକ୍ଷରୁ କୋଟପାଡ଼ ବିଡ଼ିଓଙ୍କ ଜରିଆରେ କୋରାପୁଟ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। କୋଟପାଡ଼ ସିଏସସି ଭିଏଲିଙ୍କ କହିବା ଅନୁଯାଇ ଦୀର୍ଘ ବର୍ଷ ହେଲା ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ଯେପରି ସୁଭଦ୍ରା ଯୋଜନା, ସିଏମ୍ କିଷାନ, ପିଏମ୍ କିଷାନ ଭଳି ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ଗାଁ ଠାରୁ ସହରବାସୀଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ଆସୁଥିଲେ ସୁଦ୍ଧା ସିଏସସି ଭିଏଲି ମାନଙ୍କୁ ଯେତିକି ପରିଶ୍ରମିକ ମିଳିବା କଥା ତାହା ଠାରୁ କମ ମିଳୁଛି ବୋଲି କହିଛନ୍ତି କୋଟପାଡ଼ ସିଏସସି ଭିଏଲିମାନେ। କିଛି ଦିନ ପୂର୍ବେ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାରେ ୨୧ ବର୍ଷରୁ ଉର୍ଦ୍ଧ ଏବଂ ୬୦ ବର୍ଷରୁ କମ୍ କୋଟି କୋଟି ମହିଳା ଉପକୃତ ହେଲେ। କିନ୍ତୁ ସିଏସସି ଭିଏଲିମାନଙ୍କୁ ଯେତିକି ପାରିଶ୍ରମିକ ମିଳିବା କଥା ତା ଠାରୁ କମ ମିଳିଛି। ବର୍ତ୍ତମାନ ରାଜ୍ୟ ସରକାରଙ୍କ ପିଏମ ଆୟୁଷ୍ମାନ ଯୋଜନାରେ ମଧ୍ୟ କାର୍ଯ୍ୟ ଚାଲିଛି । ଏହି ଯୋଜନାରେ ରାଜ୍ୟବାସୀ ଉପକୃତ ହେବେ କିନ୍ତୁ ଗୋଟିଏ କାର୍ଡ ପିଛା ସିଏସସି ଭିଏଲିମାନଙ୍କ କମିସନ ଟିଡ଼ିଏସ୍ କଟା ଯାଇ ମିଳୁଛି ମାତ୍ର ୨ଟଙ୍କା ୪୬ ପଇସା। ଭିଏଲିମାନଙ୍କ କମିଶନ ବଢ଼ାଇବା ନିମନ୍ତେ ଆଜି କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକ ସିଏସସି ଭିଏଲି ସଂଘ ପକ୍ଷରୁ କୋଟପାଡ଼ ବିଡ଼ିଓ ବ୍ରିକ୍ରମ କୁମାର ଦୋରାଙ୍କ ଜରିଆରେ କୋରାପୁଟ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯିବା ସହ କୋଟପାଡ଼ ବିଧାୟକ ରୁପୁ ଭତ୍ରାଙ୍କୁ ମଧ ଦାବି ପତ୍ର ପ୍ରଦାନ କରାଯାଇଛି। ଆଜି ଠାରୁ ଆୟୁଷ୍ମାନ କାମ ବନ୍ଦ ରହିବ ବୋଲି କହିଛନ୍ତି କୋଟପାଡ଼ ସିଏସସି ଭିଏଲି ସଂଘର ସଦସ୍ୟ।

## ଅକ୍ଷୟ ତୃତୀୟା ପ୍ରସ୍ତୁତିର ସମୀକ୍ଷା, ଶ୍ରୀମନ୍ଦିର ପ୍ରଶାସନର ୟୁଟ୍ୟୁବ୍ ଚ୍ୟାନେଲ ଲୋଗୋ ଉନ୍ମୋଚିତ



**ପୁରୀ,(ଡିକେ ନ୍ୟୁଜ):** ଆଗାମୀ ରଥଯାତ୍ରା ଓ ଅକ୍ଷୟ ତୃତୀୟା ପାଇଁ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ। ଏଥି ସହିତ ମାସିକ କାର୍ଯ୍ୟର ମଧ୍ୟ ସମୀକ୍ଷା କରିଛନ୍ତି। ଗତ ମାସରେ ଅଧିକାରୀ, କର୍ମଚାରୀମାନଙ୍କୁ ଦିଆଯାଇଥିବା ନିର୍ଦ୍ଦିଷ୍ଟ ଦାୟିତ୍ୱର ଅଗ୍ରଗତି ସମୀକ୍ଷା କରିବା ସହିତ ଆଗାମୀ ଦିନ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ହୋଇଛି। ରଥ ନିର୍ମାଣ ପାଇଁ ରଥ କାଠ, ରଥ ଦଉଡ଼ି, ରଥ କନା, ଝୁଣା, ଚନ୍ଦନ ଓ ବାସୁଙ୍ଗା ପାଟ ସହିତ ଆନୁସଙ୍ଗିକ ସାମଗ୍ରୀର ଉପଲବ୍ଧତା ସମ୍ପର୍କରେ ଆଲୋଚନା କରିଥିଲେ। ଠିକଣା ସମୟରେ ଆବଶ୍ୟକୀୟ ସାମଗ୍ରୀ ସଂଗ୍ରହ କରିବାକୁ ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମୁଖ ପ୍ରଶାସକ ମହାପ୍ରଭୁଙ୍କ ସେନାପଟା ଲାଗି ନୀତି ପାଇଁ ବଉଳ କାଠ ସଂଗ୍ରହ ନିମନ୍ତେ ରାଜ୍ୟର ଜଗନ୍ନାଥ ପ୍ରେମୀମାନଙ୍କ ସହଯୋଗ କାମନା କରିଛନ୍ତି। ଏଥିସହ ଶ୍ରୀଗୁଣ୍ଡିଚା ମନ୍ଦିର ତଥା ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହ ନିଜେ ଘଟଣା ସ୍ଥଳ ବୁଲି ଦେଖିଥିଲେ। ସମୀକ୍ଷା ବୈଠକ ଅବସରରେ ଶ୍ରୀମନ୍ଦିର ପ୍ରଶାସନର ୟୁ ଟ୍ୟୁବ୍ ଚ୍ୟାନେଲ ମାଇକ ତଥା ଲୋଗୋ ଉନ୍ମୋଚନ ହୋଇଥିଲା। ବୈଠକର ଅନ୍ୟ ବରିଷ୍ଠ ପ୍ରଶାସକ, ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଜୟପୁର ଠାରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି



**କୋରାପୁଟ,(ଡିକେ ନ୍ୟୁଜ):** ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଅତିରିକ୍ତ ଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତିଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବେଣୁଧର ସବର, କୋରାପୁଟ ଜିଲ୍ଲା ପରିଷଦ ଗ୍ରାମ୍ୟ ଉନ୍ନୟନ ଅଧିକାରୀ, ଜୟପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ପାର୍ଥ ଜଗଦୀଶ କଶ୍ୟପ, ଉପଜିଲ୍ଲାପାଳ ଜୟପୁର କୁମାରି ଅକାବରମ ସସ୍ୟ ରେଡ୍ଡୀ, ରବି ନାରାୟଣ ମିଶ୍ର ଅଧୀକ୍ଷକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜୟପୁର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଭିଯୋଗ ଶୁଣାଣିରେ ୧୦ ଗୋଟି ଗୋଷ୍ଠିଗତ ସମସ୍ୟା ଓ ୧୯ ଗୋଟି ବ୍ୟକ୍ତିଗତ ସମସ୍ୟା ସମୁଦାୟ ୨୯ ଗୋଟି ବିଭିନ୍ନ ସମସ୍ୟାର ଆଜି ଅଭିଯୋଗ ଶୁଣାଣି ହୋଇ ଥିଲା। ପୁରୁଣା ବୋରିଗୁମ୍ମା ଗ୍ରାମବାସୀ ଚିଟ୍ ଫଣ୍ଡ ଠକେଇ ସମସ୍ୟା ନେଇ ଆସି ଥିଲେ ଥାନାରେ ଏତଲା ଦେବାର ୩ ମାସ ପରେ ମଧ କୌଣସି କାର୍ଯ୍ୟନୁଷ୍ଠାନ ନ ହେବ ଅଭିଯୋଗକାରୀ ମାନେ କହିଛନ୍ତି। ତେନ୍ତୁଳି ଗୁମ୍ମାର ମିନାକ୍ଷୀ ବିଦ୍ୟୁତ୍ ଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ବନ୍ଧରେ, ଆର୍ଥିକ ଠକେଇ ମାମଲା, ଘର ପଟ୍ଟା, ଜମିବାଡି ବିବାଦ, ପାନୀୟ ଜଳ ସମସ୍ୟା, ସ୍ୱାସ୍ଥ୍ୟଗତ ସମସ୍ୟା, ରାସ୍ତା ଘାଟ ସମସ୍ୟା ଇତ୍ୟାଦି ବିଷୟରେ ଆଜି ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଗୁଡିକର ସମସ୍ୟାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତି ଶିଘ୍ର ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାନ୍ତି କହିଛନ୍ତି। ଏଥି ସହିତ ପୁର୍ବରୁ ଯାହା ସବୁ ଅଭିଯୋଗ ଆସିଛି ତାହାର ୯୦ ପ୍ରତିଶତ କାର୍ଯ୍ୟ ସମାଧାନ କରାଯାଇଥିବା ସେ କହିଛନ୍ତି। ସେହି ପରି ଗୁପ୍ତେଶ୍ୱର ପିଠ ଠାରେ ବ୍ରାହ୍ମଣ ସମାଜ ପାଇଁ ହୋମ ନିମନ୍ତେ ଘର ନିର୍ମାଣ ପାଇଁ ବ୍ରାହ୍ମଣ ସମାଜ ଗୁହାରି କରି ଥିଲେ। ଏହି ପରି ବିଭିନ୍ନ ସମସ୍ୟା ଉପରେ ଆଜି ଅଭିଯୋଗ ଶୁଣାଣି ହୋଇ ଥିଲା। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ ତୃପ୍ତି ବୋରେଇ, ଜୟପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ପ୍ରସାଦ ମହାପାତ୍ର, ଜିଲ୍ଲା ଶିକ୍ଷାଧିକାରୀ ଡ଼. ପ୍ରଶାନ୍ତ କୁମାର ମହାନ୍ତି, ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦନ ନାୟକ, ଜିଲ୍ଲା ମଣ୍ଡଳ ଅଧିକାରୀ, ଜିଲ୍ଲା ପଂଚାୟତ ଅଧିକାରୀ, ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଅତିରିକ୍ତ ଖାଉଟି ଓ ଯୋଗାଣ ଅଧିକାରୀ, ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ, ରାସ୍ତା ଓ ଗୃହ ନିର୍ମାଣ ଅଧିକ୍ଷଣ ଯନ୍ତ୍ରୀ ଜୟପୁର, ଟିପିଏସଓଡିଏଲ୍ ଓ ବିଦ୍ୟୁତ ବିଭାଗର କର୍ମକର୍ତ୍ତାଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ୧୬ଦଫା ଦାବିନେଇ ମାନବ ଅଧିକାର ସୁରକ୍ଷା ମଞ୍ଚର ବିକ୍ଷୋଭ

## ଏମକେସିଜି ମେଡିକାଲ ଦଲାଲୀର ଏନ୍ତୁଡ଼ିଶାଳା : ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ମଞ୍ଚ

**ବ୍ରହ୍ମପୁର,(ଡିକେ ନ୍ୟୁଜ):** ଦକ୍ଷିଣ ଓଡିଶାର ଏକ ମାତ୍ର ନିର୍ଭରଯୋଗ୍ୟ ସରକାରୀ ମେଡିକାଲ ଭାବେ ଏମକେସିଜି ମେଡିକାଲକୁ ଦୈନିକ ହଜାର ହଜାର ରୋଗୀ ଚିକିତ୍ସା ଆଶାରେ ଆସୁଥିଲେ ବି ବିଭିନ୍ନ ବିଭାଗରେ ଚିକିତ୍ସା ଜନିତ ଅବହେଳା ଓ ମେଡିକାଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଚରମ ସ୍ତରରେ ପହଁଚିଛି। ମୁଖ୍ୟତଃ ଆମ୍ବୁଲାନ୍ସ, କାଜୁଆଲିଟି ଓ ବ୍ଲଡ଼ ବ୍ୟାଙ୍କରେ ଦଲାଲ ମାନଙ୍କ ସକ୍ରିୟତା ଏକ ବିରାଟ ସମସ୍ୟା ଭାବେ ଦେଖାଦେଇଛି। ବର୍ଣ କେୟାର ୟୁନିଟ ଖୋଲିବା, ଆଡ଼ଭାନ୍ସ ଲାଇଫ ସପୋର୍ଟ ଆମ୍ବୁଲାନ୍ସକୁ ଚାଲୁ ରଖିବା, ସିସି ଟିଭି ଫୁଟେଜ ମାଧ୍ୟମରେ ଦଲାଲମାନଙ୍କୁ ଠାବ କରି ଶକ୍ତ କାର୍ଯ୍ୟାନୁଷ୍ଠାନ ନେବା ଓ ମାଇକ ମାଧ୍ୟମରେ ଦଲାଲ ମାନଙ୍କ ଠାରୁ ବର୍ତ୍ତିବା ପାଇଁ ପ୍ରଚାର କରିବା, ଡାଏଲିସିସ ବିଭାଗରେ ଲୋ କଣ୍ଡିସନ କିଡ଼ନୀ ରୋଗୀଙ୍କ ପାଇଁ ଦୀର୍ଘ ୪ବର୍ଷରୁ ବନ୍ଦ ପଡ଼ିଥିବା ଦୁଇଟି ସ୍ଲେଡ଼ ମେସିନ କାର୍ଯ୍ୟକାରୀ କରିବା, ବ୍ଲଡ଼ ବ୍ୟାଙ୍କରେ ରକ୍ତର ଅଭାବକୁ ଦୂର କରିବା ପାଇଁ ନିୟମିତ ଭାବେ ରକ୍ତ ଦାନ କ୍ୟାମ୍ପ ଆୟୋଜନ କରିବା, କାଜୁଆଲିଟି ବିଭାଗରେ ଏକ୍ସରେ ମେସିନ ସ୍ଥାପନ କରିବା, ରୋଗୀଙ୍କ ସୁବିଧା ପାଇଁ ସମସ୍ତ ଲିଫ୍ଟ ଚାଲୁ କରିବା, କାଜୁଆଲିଟିରେ ବେଡ଼ ସଂଖ୍ୟା ବୃଦ୍ଧି କରିବା, କର୍କଟ ବିଭାଗରେ ଡାକ୍ତରଙ୍କ ଅନୁପସ୍ଥିତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା, ମହାପ୍ରୟାଣ ସେବା ବଦଳରେ ଘରୋଇ ଗାଡି ପ୍ରୋତ୍ସାହନ ଦେବା ବନ୍ଦ କରିବା, ଏଆରଟି ସେଣ୍ଟରରେ ସିଡି-୪ ମେସିନକୁ ମରାମତି କରିବା, ମଧୁମେହ ରୋଗୀଙ୍କ ପାଇଁ ଏଚବିଏ-୧ସି ପରୀକ୍ଷା ମେସିନକୁ ମରାମତି କରିବା, ସିଟି ସ୍କାନ ଓ ଏମଆରଆଇ ମେସିନକୁ ବାରମ୍ବାର ଖରାପ ଦର୍ଶାଇ ଘରୋଇ ଡ଼ାଏଗ୍ନୋଷ୍ଟିକ ସେଣ୍ଟରକୁ ରୋଗୀ ଚାଲାଣକୁ ବନ୍ଦ କରିବା, ଗ୍ୟାଷ୍ଟ୍ରୋଏଣ୍ଟରୋଲୋଜି ବିଭାଗରେ ଅଧାପକ ନିଯୁକ୍ତି ସହ ଉପକରଣ ଯୋଗାଇବା ଆଦି ୧୬ଗୋଟି ଦାବି କର୍ତ୍ତୃପକ୍ଷଙ୍କ ଠାରେ ଉପସ୍ଥାପନ କରିଛି ମଞ୍ଚ। ଘରୋଇ ଆମ୍ବୁଲାନ୍ସ, ଲିଫ୍ଟ ପରିଚାଳନା, ମେସିନ ମରାମତି ଆଦି କ୍ଷେତ୍ରରେ ଘରୋଇ ସଂସ୍ଥା ମାନଙ୍କ ସହ ସିଧାସଳଖ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସଲାସୁତରାକୁ ଦୃଢ଼ ବିରୋଧ କରିଛି ମଞ୍ଚ। ସ୍ୱାସ୍ଥ୍ୟ ସେବାରେ ଅଧିକରୁ ଅଧିକ ଘରୋଇ ଭାଗିଦାରୀ ଆସନ୍ତା ଦିନରେ ଘରୋକରଣକୁ ପ୍ରୋତ୍ସାହନ ଦେବାକୁ ମଞ୍ଚ ଘୋର ବିରୋଧ କରିଛି। ଆଜିର କାର୍ଯ୍ୟକ୍ରମରେ ମଞ୍ଚ ଆବାହକ ଆଇନଜୀବୀ ଅବନୀ ଗୟାଙ୍କ ନେତୃତ୍ୱରେ ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ସମାଜସେବୀ ମନୋଜ ତରାଇ, ସାଲ୍ଲା କେଶବ ଲିଙ୍ଗମ, ବିଜୟ କୁମାର ପାଢ଼ୀ, ରମେଶ ପ୍ରସାଦ ଦାସ, କବିରାଜ ସାହୁ, ଆର. ସତ୍ୟ ନାରାୟଣ ରାଓ, ହୃଷିକେଶ ପାତ୍ର, ଆଦିତ୍ୟ ରଥ, କାହ୍ନ ଚରଣ ପାତ୍ର, ଜି. ଲଛାୟା ରେଡ୍ଡୀ, କବିରାଜ ସେଠି, ସୂର୍ଯ୍ୟ ଗୌଡ଼ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଦକ୍ଷିଣ ଓଡିଶାବାସୀଙ୍କ ପ୍ରତି ଏ ପ୍ରକାର ସ୍ୱାସ୍ଥ୍ୟ ଗତ ଅବହେଳା ବିରୁଦ୍ଧରେ ଆସନ୍ତା ଦିନରେ ଜନ ଆନ୍ଦୋଳନ ଅଧିକ ସଶକ୍ତ ହେବ ବୋଲି ଶ୍ରୀ ଗୟା ଚେତାବନୀ ଦେଇଛନ୍ତି।



# ମନରେଗାରେ ଦୁର୍ନୀତି ନେଇ ୧୪ଦଫା ଦାବି କଲେ ଗାଁ ସାଥୀ ସଂଘ



ବୋଲଗଡ, (ଡିକେ ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଦୁର୍ନୀତି ହୋଇଥିବା ନେଇ ୧୪ଦଫା ଦାବି ପତ୍ର ଜଣାଇଲେ ବୋଲଗଡ଼ ବ୍ଲକ୍ କାର୍ଯ୍ୟରତ ଗାଁ ସାଥୀ (ମେଟ) ସଂଘ। ଗାଁ ସାଥୀ (ମେଟ) ସଂଘ ବୋଲଗଡ ବ୍ଲକର ସଭାପତି କମୋଳ କାନ୍ତ ବେବର୍ତ୍ତା ପଟ୍ଟନାୟକ, ସମ୍ପାଦକ ବିରୂପକ୍ଷା ମହାପାତ୍ର, କୋଷାଧକ୍ଷ ସୁରେଶ କୁମାର ସେନାପତିଙ୍କ ସମେତ ୧୯ଟି ପଞ୍ଚାୟତର ଗାଁ ସାଥୀମାନେ। କେନ୍ଦ୍ର ସରକାରଙ୍କ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୨୦୦୮ ମସିହା ଠାରୁ ରାଜ୍ୟରେ ଗାଁ ସାଥୀ ମେଟ ଭାବେ ନିଯୁକ୍ତି ପାଇଥିଲେ ମଧ ତାହା ବୋଲଗଡ଼ ବ୍ଲକରେ ଅଣ ଦେଖା କରାଯାଉଛି। ସେହିପରି ୨୦୧୯-୨୦ ମସିହା ଠାରୁ ୨୦୨୩-୨୪ ମସିହା ଭିତରେ ମନରେଗାର ମାର୍ଗ ଦର୍ଶତାକୁ ଖାତିରି ନ କରି ବ୍ଲକ ପ୍ରଶାସନର ସହାୟକ ପ୍ରକଳ୍ପ ଅଧିକାରୀ, ସହାୟକ କନିଷ୍ଠ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଓ ଗ୍ରାମ ରୋଜଗାର ସେବକମାନେ ଚକ୍ରାନ୍ତ କରି ନୂତନ ଗାଁ ସାଥି ନିଯୁକ୍ତି କରି କେନ୍ଦ୍ର ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଏନ୍ଏମ୍ଏମ୍ଏସ୍ ଆପ୍‌କୁ ମନରେଗା ପ୍ରକଳ୍ପରେ ବ୍ୟବହାର କରି ବହୁ ଦୁର୍ନୀତି ଚଳାଇଛନ୍ତି। ଏହାକୁ ପ୍ରକୃତ ଗାଁ ସାଥୀ ମେଟମାନଙ୍କୁ ଏହି ଆପ୍‌କୁ ବ୍ୟବହାର କରିବାପାଇଁ ନିର୍ଦ୍ଦିଷ୍ଟ ବ୍ୟବସ୍ଥା କରାଯିବା ପାଇଁ ଦାବି କରିଛନ୍ତି। ବ୍ଲକ ର ପ୍ରତି ପଞ୍ଚାୟତର ରାଜସ୍ୱ ଗ୍ରାମରେ ଗ୍ରାମ ସଭା ନହୋଇ ମନଇଚ୍ଛା ବ୍ଲକ ପ୍ରଶାସନ ମନରେଗା ପ୍ରକଳ୍ପ ନିର୍ଦ୍ଧାରଣ କରି ଅନୁମୋଦନ ପାଇଁ ପଠାଉଛନ୍ତି ଏବଂ ଗାଁ ସାଥୀ ମେଟମାନଙ୍କଠାରୁ ଅର୍ଥ ଆଦାୟକରି ମନରେଗା ପ୍ରକଳ୍ପ ଅନୁମୋଦନ କରାଯାଉଛି। ସେଗୁଡିକୁ ତଦନ୍ତ କରାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ବ୍ଲକର ପ୍ରତି ପଞ୍ଚାୟତରେ ହୋଇଥିବା ମନରେଗ ପ୍ରକଳ୍ପ ଗୁଡିକରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ ହୋଇଛି। ମାଟରିୟାଲ କାର୍ଯ୍ୟ ନ ହୋଇ ବିଲ କରିବା, ସୂଚନା ଫଳକ ନିର୍ମାଣ ନ କରି କାର୍ଯ୍ୟ କରିବା, ପ୍ରକଳ୍ପ କାର୍ଯ୍ୟରେ ପ୍ରକୃତ ଗାଁ ସାଥୀ ମେଟମାନଙ୍କୁ ନିଯୁକ୍ତି ନକରି ବେନିୟମ ଭାବେ ନିଯୁକ୍ତି ହୋଇଥିବା ଗାଁ ସାଥୀଙ୍କୁ ସାମିଲ କରିବା, ଗାଁ ସାଥୀ ପ୍ରାପ୍ୟ ସୂଚନା ଫଳକ ନିର୍ମାଣ ଅର୍ଥ, ମାଟେରିୟାଲ ଅର୍ଥ, ବାହ୍ୟ ଭେଣ୍ଡରଙ୍କ ନାମରେ ବିଲ କରାଯାଇ ପ୍ରେରଣ କରିବା, ମନରେଗା ପ୍ରକଳ୍ପ କାର୍ଯ୍ୟ ଅଣକୁଶଳୀ ଶ୍ରମିକମାନଙ୍କ ଦ୍ୱାରା ନ ହୋଇ ମେସିନ ଦ୍ୱାରା କରାଯାଇଥିବା, ପ୍ରତ୍ୟକ ଗ୍ରାମରେ ସୋକ ପିଟ ନିର୍ମାଣ ନକରି ମିଥ୍ୟା ବିଲ କରିଥିବା, ଏସ୍ଏଚ୍‌ଜିମାନଙ୍କ ଦ୍ୱାରା ମୋ ବଗିଚ଼ ପ୍ରକଳ୍ପ କାର୍ଯ୍ୟ ନ ହୋଇ ମିଥ୍ୟା ବିଲ କରିବା ଏବଂ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ଯୋଜନା ଅଧିନସ୍ଥ ଗୋଷ୍ଠୀ ଆବର୍ଜନା କୁଣ୍ଡ ନିର୍ମାଣରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାଥ କରିବା ଏବଂ ଅଙ୍ଗନବାଡି ଗୃହ ନିର୍ମାଣ କ୍ଷେତ୍ରରେ ଗାଁ ସାଥୀମାନଙ୍କୁ ନିଯୁକ୍ତି ନଦେଇ ବେନିୟମ ଭାବେ ନିଯୁକ୍ତି ପାଇଥିବା ଗାଁ ସାଥୀମାନଙ୍କୁ କାର୍ଯ୍ୟାଦେଶ ଦେଇ ନିର୍ମାଣ କାର୍ଯ୍ୟ ହୋଇଥିବା ନେଇ ଦାବି କରିଛନ୍ତି। ଏହି ମନରେଗାର ଭୂମି ଉନ୍ନତି କରଣ ପ୍ରକଳ୍ପ ଗୁଡିକରେ କାର୍ଯ୍ୟ ନ ହୋଇ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି ହବାର ବହୁ ପ୍ରମାଣ ପତ୍ର ସଂଘ ନିକଟରେ ହସ୍ତଗତ ହୋଇଅଛି। ପଞ୍ଚାୟତ ସମିତି ଚୋଖସଡଙ୍କ କାର୍ଯ୍ୟାଳୟରେ ପ୍ରତ୍ୟକ ଦିନ ମଷ୍ଟର ରୋଲ ବାହାର କରାଯାଇ ଗାଁ ସାଥୀଙ୍କ ବିନା ସ୍ୱାକ୍ଷରରେ ବିଲ କରାଯାଇ ପେମଣ୍ଟ କରାଯାଉଅଛି, ଏହାକୁ ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ କରାଯାଉ। ସେହିପରି ଦାବି ଗୁଡ଼ିକ ଭିତରେ ସମସ୍ତ ଗାଁ ସାଥୀ ମେଟମାନଙ୍କ ସ୍ୱତନ୍ତ୍ର ପରିଚୟ ପତ୍ର ଦେବାର ବ୍ୟବସ୍ଥା, ସେମାନଙ୍କର ସଠିକ ସର୍ବେକ୍ଷଣ କରି ରାଜ୍ୟ ପଞ୍ଚାଯତ ରାଜ ଓ ପାନୀୟ ଜଳ ବିଭାଗରେ ସାମିଲ କରିବା, ପଞ୍ଚାଯତ ରାଜ ଓ ପାନୀୟ ଜଳ ବିଭାଗ ଓଡିଶା ସରକାରଙ୍କ ଚିଠି ନଂ-୯୪୦ ତା. ୧୧, ୦୧ ୨୦୧୯ ଓ ଚିଠି ନଂ-୬୬୬୮ ତା ୧୬.୦୩.୨୦୨୪ ଅନୁଯାଇ ବ୍ଲକର ସମସ୍ତ ଗାଁ ସାଥୀ ମେଟମାନଙ୍କୁ ସର୍ବନିମ୍ନ ୧୦ଦିନରୁ ଅଧିକ ମନରେଗା ଯୋଜନାରେ ସାମିଲ କରିବା, ସମସ୍ତ ପଞ୍ଚାୟତର ମନରେଗା ପ୍ରକଳ୍ପରେ ମେଟ ଭାବେ କାର୍ଯ୍ୟ କରି ପ୍ରାପ୍ୟ ପାଇନଥିବା ଗାଁ ସାଥିମାନଙ୍କୁ ଚିହ୍ନଟ କରି ସେମାନଙ୍କର ପ୍ରାପ୍ୟ ଦେବାର ବ୍ୟବସ୍ଥା, ବ୍ଲକ ର ପ୍ରତି ଗାଁ ସାଥୀ ମେଟମାନଙ୍କୁ ବର୍ଷକୁ ଅନୁନ୍ୟ ୨ଥର ତାଲିମ ଦେବାର ବ୍ୟବସ୍ଥା, ୨୦୧୯ ଅନୁସାରେ ସମସ୍ତ ପଞ୍ଚାୟତରେ ସିଏଫ୍‌ସି ଓ ଏସ୍ଏଫ୍‌ସି ଯୋଜନାରେ କାର୍ଯ୍ୟ ହେଉଥିବା ପ୍ରକଳ୍ପ ଗୁଡିକର ଶ୍ରମିକ ଅଂଶକୁ ସଂଯୋଗ କରି ସେଥିରେ ଗାଁ ସାଥିମାନଙ୍କୁ ନିଯୁକ୍ତି ଦିଆଯାଇ ସେମାନଙ୍କର ପ୍ରାପ୍ୟ ଦେବାର ବ୍ୟବସ୍ଥା, ମନରେଗାର ସର୍ବସାଧାରଣ ପ୍ରକଳ୍ପ ଓ ବ୍ୟକ୍ତିଗତ ପ୍ରକଳ୍ପ ପ୍ରତ୍ୟକ ରାଜସ୍ୱ ଗ୍ରାମର ଗ୍ରାମସଭାରେ ନିର୍ଦ୍ଧାରଣ କରିବା ସମୟରେ ଗାଁ ସାଥି ମେଟ ଓ ଜବ କାର୍ଡ ଧାରୀମାନେ ଉପସ୍ଥିତ ହେବାର ବ୍ୟବସ୍ଥା, ମନରେଗାର ଅଣକୁଶଳୀ ଶ୍ରମିକମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ବ୍ୟକ୍ତିଗତ ପ୍ରକଳ୍ପ ଦେବାର ବ୍ୟବସ୍ଥା, ପ୍ରଧାନମନ୍ତ୍ରୀ ଆବାସ ଯୋଜନ କିମ୍ବା ଅନ୍ତୋଦୟ ଗୃହ ଯୋଜନାରେ ଘର ଦେବାର ବ୍ୟବସ୍ଥା, ପଞ୍ଚାୟତସ୍ତରୀୟ ମନରେଗା ଜନ ଶୁଣାଣି କାର୍ଯ୍ୟ କର୍ମରେ ସମସ୍ତ ଗାଁ ସାଥିମାନେ ଯୋଗଦେବା ପାଇଁ ସରକାରଙ୍କ ନିର୍ଦ୍ଦେଶରେ ସାମିଲ କରିବା, ପ୍ରକଳ୍ପରେ ହେଉଥିବା ଏନ୍ଏମ୍ଏମ୍ଏସ ପାଇଁ ଗାଁ ସାଥିମାନଙ୍କୁ ଉପଯୁକ୍ତ ତାଲିମ ଦେବାର ବ୍ୟବସ୍ଥା ଏବଂ ସ୍ମାର୍ଟ ଫୋନ ଦେବାର ବ୍ୟବସ୍ଥା, ସେହି ଭଳି ୧୪ଦଫା ଦାବି ନେଇ ସ୍ଥାନୀୟ ବିଡ଼ିଓଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ।

# ସିଡିଏମ୍‌ଓଙ୍କ ବୋଲେରୋ ସହ ବାଇକ ଧକ୍କାରେ ଆଈ-ନାତି ଗୁରୁତର

ପାରଳାଖେମୁଣ୍ଡି, (ଡିକେ ନ୍ୟୁଜ୍): ଗଜପତି ଜିଲ୍ଲାର ମୋହନା ବ୍ଲକର ଭାଲିଆପଦା ଛକ ଜାତୀୟ ରାଜପଥ ଠାରେ ଗଜପତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍ଓ) ଯାଉଥିବା ବୋଲେରୋ ସହ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଆଈ ଓ ନାତି ଗୁରୁତର ହୋଇଛନ୍ତି। ମିଳିଥିବା ସୂଚନା ପ୍ରକାରେ ମୋହନା ଥାନା ଅନ୍ତର୍ଗତ ଭାଲିଆପଦା ଗ୍ରାମର ଦିବ୍ୟ ନାୟକ ନିଜ ଆଈ ବୃନ୍ଦାବତୀ ନାୟକଙ୍କୁ ବାଇକ୍ ଯୋଗେ କୌଣସି କାମରେ ମୋହନା ଅଭିମୁଖେ ଯାଉଥିଲେ। ଅନ୍ୟପଟେ ଗଜପତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମୁବାରକ ଅଲ୍ଲୀ ଜିଲାପାଳଙ୍କ ଗ୍ରାମାଭିମୁଖୀ ଜନଶୁଣାଣିରେ ଯୋଗ ଦେବାକୁ ଡମ୍ବଗୁଡ଼ା ପଞ୍ଚାୟତକୁ ଯାଉଥିଲେ। ଏହି ସମୟରେ ମୋହନା ନିକଟ ଭାଲିଆପଦା ଛକ ଜାତୀୟ ରାଜପଥ ୩୨୬ ଠାରେ ସିଡିଏମଓଙ୍କ ବୋଲେରୋ ସହ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ ନାତି ଓ ଆଈ ଉଭୟେ ଗୁରୁତର ହୋଇଥିଲେ। ବୋଲେରୋ ଚାଳକ ଉପସ୍ଥିତି ବୁଦ୍ଧି ଖଟାଇ ବାଇକ୍ ଚାଳକ ଓ ଆରୋହୀଙ୍କୁ ବଞ୍ଚାଇବାକୁ ବାମ ପାର୍ଶ୍ୱକୁ ଗାଡ଼ି ନେବା ସତ୍ତ୍ୱେ ମଧ ଦୁର୍ଘଟଣା ଘଟିଥିଲା। ସିଡିଏମଓ ନିଜେ ଅନ୍ୟ ଏକ ଗାଡି ଯୋଗେ ଗୁରୁତର ଆଈ ଓ ନାତିଙ୍କୁ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସ୍ଥଳରେ ମୋହନା ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

# ମା'ଚମ୍ପାବତୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



ନିଆଳି, (ଡିକେ ନ୍ୟୁଜ୍): କଟକ ଜିଲ୍ଲା ନିଆଳି ବ୍ଲକ କୃଷ୍ଣପ୍ରସାଦ ପଞ୍ଚାୟତ ସାରଣା ଗ୍ରାମରେ ଥିବା ଅଧିଷ୍ଠାତ୍ରି ଦେବୀ ମା'ଚମ୍ପାବତୀଙ୍କ ପୀଠରେ ଦ୍ୱାଦଶ ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ପୀଠରେ ତିନି ଦିନ ଧରି ଯଜ୍ଞ ହେଇ ଆସୁଥିବା ବେଳେ ୫୪ଜଣଙ୍କୁ ନେଇ କଳସ ଯାତ୍ରା ହେଇଥିଲା। ପ୍ରଥମ ଦିନ ପୂଜାରେ ଜଳାଧିବାସ, ଅଙ୍କୁରାଧିବାସ, ବିଦ୍ୟାଧିବାସ ପୂଜା ଶେଷ ହୋଇ ଅଗ୍ନି ସ୍ଥାପନା କରଯାଇଥିଲା। ଦ୍ୱିତୀୟ ଦିନରେ ସୂର୍ଯ୍ୟପୂଜା, ଧରିତ୍ରୀ ପୂଜା, ଗୁରୁ ପୂଜା, ଧେନୁ ପୂଜା ସହିତମାଙ୍କର ଷୋଡସ ଉପଚ଼ର ପୂଜା, ଚଣ୍ଡୀ ପାଠ ଓ ଅଭିଷେକ କରାଯାଇଥିଲା। ସେହିପରି ତୃତୀୟ ଦିନରେ ସମସ୍ତ ଦେବାଦେବୀଙ୍କର ପୂଜା ଅର୍ଚ୍ଚନା ସାଙ୍ଗକୁ, ପୂର୍ଣ୍ଣାହୁତିର କାର୍ଯ୍ୟକ୍ରମ ପାରମ୍ପରିକ ରୀତିନୀତି ଅନୁସାରେ ଶେଷ ହୋଇଛି। ଆୟୋଜିତ ପୂଜାରେ ଆଖ ପାଖ ଅଞ୍ଚଳରୁ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲାୟ (କର୍ତ୍ତା)ଧରଣୀଧର ଶତପଥୀ, ପ୍ରସନ୍ନ ପ୍ରଧାନ, ଦିବାକର ବେହେରା, ବିଜୟ ପ୍ରଧାନ, ଗ୍ରାମରୁ ପତିତପାବନ ବେହେରା, କୈଳାଶ ବେହେରା, ତୋଫାନ ପ୍ରଧାନ, ଆଲୋକ ବେହେରାଙ୍କ ସମେତ ଗ୍ରାମରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ଉତ୍କଳ ମିଡ଼ିଆ ସାମ୍ବାଦିକ ସଂଘର ତୃତୀୟ ପ୍ରତିଷ୍ଠା ଦିବସ ଓ ବନ୍ଧୁ ମିଳନ ପାଳିତ

ରାୟଗଡ, (ଡିକେ ନ୍ୟୁଜ୍): ସ୍ଥାନୀୟ ବାଲୁଙ୍କେଶ୍ୱର ଶିବ ମନ୍ଦିର ପରିସରରେ ଉତ୍କଳ ମିଡ଼ିଆ ସାମ୍ବାଦିକ ସଂଘର ତୃତୀୟ ପ୍ରତିଷ୍ଠା ଦିବସ ଓ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଦୟାନନ୍ଦ ଖାଡ ଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ରାୟଗଡ ପୌର ପରିଷଦର ଅଧକ୍ଷ ମହେଶ ପଟ୍ଟନାୟକ ଯୋଗଦେଇଥିବା ବେଳେ ପୌର ପରିଷଦର କାଉନସିଲର ସନ୍ତୋଷ ଦଳାଇ, ଗୋପୀ ଗଉଡ଼ ଓ ସୁକାନ୍ତ ପରିଡା ପ୍ରମୁଖ ଯୋଗଦେଇ ରାୟଗଡ ସଦର ମହକୁମାରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଉତ୍କଳ ମିଡ଼ିଆ ସାମ୍ବାଦିକ ସଂଘ ତୃତୀୟ ବର୍ଷ ପୂର୍ତ୍ତି ମଧ୍ୟରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିଆସୁଛି। ସେଥିରେ ଓଡ଼ିଆ ଭାଷାର ବହୁଳ ବ୍ୟବହାର ଓ ଏହାର ଉନ୍ନତି ପାଇଁ ବିଭିନ୍ନ ସମୟରେ ରାୟଗଡ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଥିବା ବିଦ୍ୟାଳୟମାନଙ୍କରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ବହି, ଖାତା, ପେନସିଲ, ରବର ଓ ଶୁଖିଲା ଖାଦ୍ୟ ବଣ୍ଟନ କରିବା ସହ ଓଡ଼ିଆ ଭାଷାର ବ୍ୟବହାର ନିମନ୍ତେ ସଚେତନ କରିବା ପାଇଁ ଏକ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ ସମ୍ପାଦନ କରୁଛନ୍ତି ସଂଘର ସମସ୍ତ ସଦସ୍ୟ। ଏହାସହ ଶୀତ ଦାଉରୁ ରକ୍ଷା ପାଇବା ନିମନ୍ତେ ରାୟଗଡ ବ୍ଲକ ସ୍ଥିତ ହାଲୁଆ ଗ୍ରାମରେ ବସବାସ କରୁଥିବା ବୃଦ୍ଧବୃଦ୍ଧାଙ୍କୁ ଶୀତ ବସ୍ତ୍ର ବଣ୍ଟନ କରିଛି। ବର୍ତ୍ତମାନ ସମାଜରେ ଅପରାଧିକ ଓ ଅସାମାଜିକ କାର୍ଯ୍ୟକ୍ରମର ମୁଖ୍ୟ ସମସ୍ୟା ହେଉଚି ନିଶା ସେବନ ଏହାକୁ ଦୃଷ୍ଟିରେ ରଖି ଉତ୍କଳ ମିଡ଼ିଆ ସାମ୍ବାଦିକ ସଂଘ ରାୟଗଡ ବ୍ଲକ ଅଧୀନରେ ଥିବା ହାଲୁଆ ଗ୍ରାମପଂଚାୟତର ସମସ୍ତ ଗ୍ରାମରେ ନିଶା ନିବାରଣ ସ୍ଲୋଗାନରେ ଏକ ସଚେତନତା ରଥ ମାଧ୍ୟମରେ ନିଶା ସେବନରୁ ଦୁରେଇ ରହିବା ପାଇଁ ବାର୍ତ୍ତା ପହଞ୍ଚେଇବା ସହ ଉକ୍ତ ଗ୍ରାମମାନଙ୍କରେ ସଭା କରି ନିଜକୁ ନିଶା ସେବନରୁ ଦୁରେଇ ରହି ଏକ ନିଶାମୁକ୍ତ ସମାଜ ଗଠନ କରିବା ନେଇ ସଚେତନତା ସୃଷ୍ଟି କରିଛି। ପରିବେଶର ସୁରକ୍ଷା ଓ ସନ୍ତୁଳିତ ରଖିବା ପାଇଁ ବିଭିନ୍ନ ସମୟରେ ଜିଲ୍ଲା ସଦର ମହକୁମା ତଥା ଏହାର ନିକଟ ବର୍ତ୍ତୀ ଅଞ୍ଚଳମାନଙ୍କରେ ବୃକ୍ଷଚ଼ରା ରୋପଣ କରିବା ସହ ଏହାର ଯତ୍ନ ନେଇଛନ୍ତି ସଂଘର ସମସ୍ତ ସଦସ୍ୟ ଓ ପରିବେଶର ସୁରକ୍ଷା ଏବଂ ପ୍ଲାଷ୍ଟିକ ବର୍ଜନ ଶୀର୍ଷକରେ ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରି କୃତୀତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିବା ସହ ସେମାନଙ୍କ ମଧ୍ୟରେ ପରିବେଶର ସୁରକ୍ଷା ନିମନ୍ତେ ସଚେତନତା ସୃଷ୍ଟି କରାଯାଉଛି। ଏହାସହ ଜିଲ୍ଲା ତଥା ରାଜ୍ୟରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନଙ୍କ ମୌଳିକ ସମସ୍ୟା ଓ ସାମ୍ବାଦିକଙ୍କ ସୁରକ୍ଷା ଏବଂ ଅନେକ ଦାବୀ ନେଇ ବିଭିନ୍ନ ସମୟରେ ଜିଲ୍ଲା ପ୍ରଶାସନଙ୍କ ମଧ୍ୟରେ ରାଜ୍ୟ ସରକାରଙ୍କୁ ସ୍ମାରକ ପତ୍ର ପ୍ରଦାନ କରୁଚି ଉତ୍କଳ ମିଡ଼ିଆ ସାମ୍ବାଦିକ ସଂଘ। ଉକ୍ତ ପ୍ରତିଷ୍ଠା ଦିବସରେ ନିମନ୍ତ୍ରିତ ସମସ୍ତ ଅତିଥି କରାଯାଉଥିବା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଉତ୍କଳ ମିଡ଼ିଆ ସାମ୍ବାଦିକ ସଂଘର ଉତ୍ତରତର କାମନା କରିଛନ୍ତି।

# ଜିଲ୍ଲାସ୍ତରୀୟ ରବିଧାନ ସଂଗ୍ରହ କମିଟି ବୈଠକ



ଖୋର୍ଦ୍ଧା, (ଡିକେ ନ୍ୟୁଜ୍): ଜିଲ୍ଲାସ୍ତରୀୟ ୨୦୨୪-୨୫ ବର୍ଷ ରବିଧାନ ସଂଗ୍ରହ ବୈଠକ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୨୦୨୪-୨୫ କେଏମଏସ ବର୍ଷର ରବି ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଜିଲ୍ଲା ଯୋଗାଣ ଅଧିକାରୀ ସୁଗୁଡ଼ା ମୁର୍ମୁ ଏବଂ ବିଭାଗୀୟ ଅଧିକାରୀ ତଥା କମିଟି ସଦସ୍ୟା ଓ ସଦସ୍ୟାମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ କହିଥିଲେ ଗତ ଖରିଫ ଧାନ ସଂଗ୍ରହ ସମୟରେ ସମସ୍ତ କର୍ମଚ଼ାରୀ, ମିଲର ମାଲିକ, ଚାଷୀ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଯେପରି ନିଷ୍ଠାପର ସେବା ପ୍ରଦାନ କରି ସଫଳ କରାଇଲେ ସେହିପରି ରବିଋତୁରେ ମଧ ନିଷ୍ଠାପର ସେବା ଯୋଗାଇ ଦେବେ। ସମବାୟ ସମିତି ସଭାପତି, ସମ୍ପାଦକ କାର୍ଯ୍ୟରେ ଅବହେଳା କଲେ ସେମାନଙ୍କ ଅଧୀନ ପ୍ୟାକ୍ସ ଗୁଡ଼ିକୁ ବନ୍ଦ କରାଯିବ। ଚାଷୀମାନଙ୍କ ହିତ ନିମନ୍ତେ ପ୍ରଶାସନ କାର୍ଯ୍ୟ କରୁଛି, ଯେଉଁ ସମବାୟ ସମିତି ଧାନ ସଂଗ୍ରହରେ ପକ୍ଷପାତିତା କରିବେ ସେମାନଙ୍କ ପ୍ୟାକ୍ସ ବନ୍ଦ କରାଯିବ। ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ଆଲୋଚନାରେ ଅଂଶଗ୍ରହଣ କରି କହିଥିଲେ ଜଳସେଚନକୁ ସଠିକ୍ ଭାବେ ପରିଚାଳନା କଲେ ଚାଷୀମାନେ ଉପକୃତ ହୋଇ ପାରିବେ। ପ୍ୟାକସ ଓ ଚାଷୀ ଧାନର ଗୁଣବତ୍ତାର ଦସ୍ତଖତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ସେହିପରି ବୋରୱେଲ ଗୁଡ଼ିକୁ ସଚଳପାଇଁ ଉଠାଜଳସେଚନ ବିଭାଗ କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଗମ୍ଭାରୀମୁଣ୍ଡା ନୂତନ ପ୍ୟାକସ ଖୋଲିବାକୁ ସରକାରଙ୍କୁ ପ୍ରସ୍ତାବ ପ୍ରେରଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ନିୟନ୍ତ୍ରିତ ବଜାର କମିଟି ଗୁଡିକ ମଣ୍ଡିକୁ ଆବଶ୍ୟକ ସରଞ୍ଜାମ ଯୋଗାଇବା, ସଚେତନତା କାର୍ଯ୍ୟକ୍ରମ କରିବା, ଚାଷୀ ଆଶ୍ରୟସ୍ଥଳ, ପାନୀୟଜଳ, ଆଲୋକ ବ୍ୟବସ୍ଥା ଭଳି ଅତ୍ୟାବଶ୍ୟକ ଭିତ୍ତିଭୂମି ଯୋଗାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗୁଳିଆ ପଞ୍ଚୟତ ସଅଁପୁର ଠାରେ ଥିବା ପୋଖରୀର ପୁନଃଉଦ୍ଧାର କରି ବର୍ଷାଜଳ ସଂଗ୍ରହ କରିବାକୁ ବେଗୁନିଆ ବିଧାୟକ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳ ସମସ୍ତ ଜଳ ସେଚନ ବିଭାଗ ଅଧିକାରୀଙ୍କୁ ଏହି କମିଟିରେ ସଭ୍ୟ/ସଭ୍ୟା କରିବାକୁ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମିଲରମାନେ ତାଙ୍କର ଧାର୍ଯ୍ୟ ଅନୁଯାୟୀ ଧାନ ନିଶ୍ଚିତଭାବେ ଉଠାଇବେବୋଲି ଜିଲ୍ଲାପାଳ କହିଥିଲେ।

# ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି ବୈଠକ



ମାଲକାନଗିରି, (ଡିକେ ନ୍ୟୁଜ୍): ବିଭିନ୍ନ ଗ୍ରାମୀଣ ଉନ୍ନୟନ କାର୍ଯ୍ୟକ୍ରମର ସମନ୍ୱୟ ଓ ପର୍ଯ୍ୟାଲୋଚନା ନିମନ୍ତେ ଗଠିତ କମିଟି (ଦିଶା)ର ଏକ ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ନବରଙ୍ଗପୁର ଲୋକସଭା ସାଂସଦ ଇଂ ବଳଭଦ୍ର ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗୁଲ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ବନଖଣ୍ଡ ଅଧିକାରୀ ପ୍ରତାପ କଟ୍ଟାପଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତପନ ନାରାୟଣ ରଥ ଓ ମାଲକାନଗିରି ବିଧାୟକ ପ୍ରତିନିଧି ନିହାର ରୟ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ କାର୍ଯ୍ୟର ଅଗ୍ରଗତିକୁ ନେଇ ସାଂସଦ ସମୀକ୍ଷା କରିବା ସହ ଚାଲୁଥିବା କାର୍ଯ୍ୟ ଗୁଡ଼ିକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ମାଲକାନଗିରି ଭଳି ଆଦିବାସୀ ଅଧୁଷିତ ଜିଲ୍ଲାରେ ଆତ୍ମ ନିର୍ଭର ଭାରତ ଓ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ଅନେକ କ୍ଷେତ୍ରରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ସାଂସଦ ଶ୍ରୀ ମାଝୀ ଗୁରୁତ୍ୱାରୋପ କରିଛନ୍ତି। ଅନ୍ତତଃ ଦୁଇ ଦିନ ବ୍ୟବଧାନରେ ମନରେଗା ଶ୍ରମିକଙ୍କୁ ମଜୁରୀ ଦେବାର ବ୍ୟବସ୍ଥା ହେଲେ ଜିଲ୍ଲାର ଦାଦନ ହାର କମିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସାଂସଦ ଇଂ ମାଝୀ ରେଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ପ୍ରତି ଘରକୁ ବିଜୁଳି ସଂଯୋଗୀକରଣ, ପାନୀୟ ଜଳ, କୃଷି, ଜଳ ସେଚନ, ପଶୁ ପାଳନ ସହ ଦୁଗ୍ଧ ଓ ମାଛ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ ସେବା ଓ ଶିକ୍ଷା ବ୍ୟବସ୍ଥାରେ ଗୁଣାତ୍ମକମାନ ବୃଦ୍ଧି ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି। ରେଞ୍ଜ ଅନୁସାରେ ଜିଲ୍ଲାର ଜଙ୍ଗଲ ଗୁଡ଼ିକର ସର୍ଭେ କରି ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ଜନ କଲ୍ୟାଣ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା, ସୁକନ୍ୟା, ଲକ୍ଷପତି ଦିଦି, ଅଟଳ ପେନସନ ଓ ମୁଦ୍ରା ଯୋଜନା ବିଷୟରେ ଆଲୋଚନା କରାଯାଇ କିଭଳି ଏହା ବିଷୟରେ ସମସ୍ତେ ଅବଗତ ହୋଇ ଏହାର ଲାଭ ଉଠାଇ ପାରିବେ ସେ ନେଇ ଆଲୋଚନା କରାଯାଇଛି।

# ଅଧାପନ୍ତରିଆ ବ୍ରିଜ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ବିଡିଓଙ୍କୁ ଦାବିପତ୍ର

ରାୟଗଡ଼ା /କଲ୍ୟାଣସିଂହପୁର, (ଡିକେ ନ୍ୟୁଜ୍): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ବୁଡାଗୁଡା ପଞ୍ଚାୟତର ଢେପାଗୁଡ଼ା ଗ୍ରାମ ନିକଟସ୍ଥ ବଡ଼ ନାଳ ଠାରେ ନିର୍ମାଣାଧୀନ ବ୍ରିଜ କାର୍ଯ୍ୟ ସରୁ ନ ଥିବାରୁ ଲୋକ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। କିଣା ବିକା କାମ ହେଉ କି ପିଲାଙ୍କୁ ସ୍କୁଲ୍ ଯିବା ହେଉ ଜରୁରୀ ସମୟରେ ଏଇ ବାଟ ଦେଇ ସିକରପାଇ ଯିବାକୁ ପାଖ ପଡୁଥିବାରୁ ଦୀର୍ଘ ଦିନ ଧରି ଏଠାରେ ଏକ ବ୍ରିଜ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରି ଆସୁଥିଲେ ଶେଷରେ ବ୍ରିଜ ନିର୍ମାଣ ହେଲା କିନ୍ତୁ ଦୁଇ ତିନି ବର୍ଷ ପୂର୍ବରୁ ଆରମ୍ଭ ହେଇଥିବା ଏହି ବ୍ରିଜ କାମ ଏଯାଏଁ ସରିନାହିଁ। ଲୋକେ ନିଜ ହାତରୁ ଟଙ୍କା ଉଠାଇ ମାଟି ସାହାଯ୍ୟରେ ଅସ୍ଥାୟୀ ବାଟ କରି ଯିବା ଆସିବା କରୁଛନ୍ତି କିନ୍ତୁ ବର୍ଷା ଦିନ ଆସିଲେ ଏହା ଭାଙ୍ଗି ଯାଉ ଥିବାରୁ ଲୋକେ ନା ନା ଅସୁବିଧାରେ ସମ୍ମୁଖିନ ହେଉଛନ୍ତି ବୋଲି କହିଛନ୍ତି। ଏହା ସହ ବ୍ରିଜ ନିକଟରେ ଥିବା ସୂଚନା ଫଳକରେ ପ୍ରଥମେ ନଅ ଲକ୍ଷ ଏବଂ କିଛି ଦିନ ପରେ ଏହାକୁ ଲିଭାଇ ପୁଣି ୫ ଲକ୍ଷ ଟଙ୍କା ଲେଖିଥିବା ଦେଖି ଗାଁ ଲୋକ ବି ଚଳିତ ହୋଇ ପଡ଼ିଛନ୍ତି। ଗତ ଦିନ ରେ ଏ ବ୍ରିଜ କରେଇ ଦେବାକୁ କହି କିଛି ରାଜନୈତିକ ଦଳ କେବଳ ଭୋଟ ହାତେଇ ଛନ୍ତି କିନ୍ତୁ କାମ ସରିବାର ନା ନାହିଁ ତେଣୁ ଗ୍ରାମବାସୀ ବାଧ ହୋଇ ସ୍ୱେଚ୍ଛାସେବୀ ସଂଗଠନ ସେବାସେନା କର୍ମକର୍ତ୍ତାଙ୍କ ସହ ମିଶି ନେଇ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଭେଟି ଜିଲ୍ଲାପାଳଙ୍କୁ ଏହି ବ୍ରିଜ କାମ ତଦାରଖ କରି ସମ୍ପୂର୍ଣ୍ଣ କରିବାକୁ ଦାବୀପତ୍ର ପ୍ରଦାନ କରିଛନ୍ତି। ଏହି ଦାବୀପତ୍ରକୁ ଗୋଷ୍ଠି ଉନ୍ନୟନ ଅଧିକାରୀ ମନୀଷା ଦାସ ଗ୍ରହଣ କରିବା ସହ ଏହି ସମ୍ପର୍କିତ ବିଭାଗ ସହ ଯୋଗାଯୋଗ କରିବାକୁ କହିଥିଲେ ଏବଂ ଏହି ଦାବୀପତ୍ରକୁ ଜିଲ୍ଲାପାଳଙ୍କୁ ନିକଟକୁ ପଠାଇ ଦିଆଯିବ ବୋଲି ସେ କହିଥିଲେ। ଏହି ସମୟରେ ଢେପାଗୁଡ଼ା ଗ୍ରାମର ସୂର୍ଯ୍ୟ ନାରାୟଣ କାଣ୍ଡ଼ୁ, ରାଙ୍ଗାମ୍ ଦୋରା ମୋହନ, ରାଙ୍ଗାମ୍ ଦୋରା ଆଦିନାରାୟଣ ଏବଂ ଅନ୍ୟମାନେ ଉପସ୍ଥିତ ରହିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଜେଦ୍ଦା ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ...

ତାଙ୍କୁ ଅଭିନନ୍ଦନ ଜଣାଇବୁ। ଜେଦ୍ଦା ଭାରତ ଓ ସାଉଦୀ ଆରବ ମଧ୍ୟରେ ଶତାବ୍ଦୀ ପୁରୁଣା ବାଣିଜ୍ୟ ଓ ସାଂସ୍କୃତିକ ସମ୍ପର୍କର ଏକ ପ୍ରମୁଖ କେନ୍ଦ୍ର ରହିଆସିଛି। ଏହା ମକ୍କାର ନିକଟବର୍ତ୍ତୀ ହୋଇଥିବାରୁ ହଜ ଓ ଉମରା ତୀର୍ଥଯାତ୍ରା ପାଇଁ ଆସୁଥିବା ଭାରତୀୟ ମୁସଲମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟ। ଏହି ଗସ୍ତରେ ପ୍ରଧାନମନ୍ତ୍ରୀ ଭାରତୀୟ ତୀର୍ଥଯାତ୍ରୀଙ୍କ ପାଇଁ ହଜ କୋଟା ବୃଦ୍ଧି ସମ୍ପର୍କରେ ମଧ ଆଲୋଚନା କରିବେ ବୋଲି ଆଶା କରାଯାଉଛି। ତେବେ ସାଉଦି ଯିବା ପୂର୍ବରୁ ପ୍ରଧାନମନ୍ତ୍ରୀ ଦେଶ ଉଦ୍ଦେଶ୍ୟରେ ନିଜ ଅଭିଭାଷଣ ରଖିଛନ୍ତି। ସାଉଦି କ୍ରାଉନ ପ୍ରିନ୍ସ ତଥା ପ୍ରଧାନମନ୍ତ୍ରୀ ପ୍ରିନ୍ସ ମହମ୍ମଦ ବିନ ସଲମନଙ୍କ ସ୍ୱତନ୍ତ୍ର ନିମନ୍ତ୍ରଣରେ ମୋଦି ସାଉଦି ଗସ୍ତ କରୁଥିବା କହିଛନ୍ତି। ସାଉଦି ସହ ଭଲ ଦ୍ୱିପାକ୍ଷିକ ସମ୍ପର୍କ କଥା ମନେ ପକାଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ବିଗତ ବର୍ଷରେ ସାଉଦି ସହ ଭାରତର ଭଲ ସମ୍ପର୍କ ରହିଆସିଛି। ପ୍ରତିରକ୍ଷା, ବାଣିଜ୍ୟ, ପୁଞ୍ଜି ନିବେଶ, ଉର୍ଜା ଓ ଅନ୍ୟାନ୍ୟ କ୍ଷେତ୍ରରେ ସାଉଦି ସହ ଦ୍ୱିପାକ୍ଷିକ ସମ୍ପର୍କ କଥା ପ୍ରଧାନମନ୍ତ୍ରୀ ସ୍ମୃତି ଚାରଣ କରିଥିଲେ। ଆଂଚଳିକ ଶାନ୍ତି, ସୌହାର୍ଦ୍ଦ୍ୟ, ନିରାପତ୍ତା ଓ ସ୍ଥିରତା ବଜାୟ ରଖିବାକୁ ଭାରତ ପ୍ରତିବଦ୍ଧ ବୋଲି ମୋଦି କହିଥିଲେ। ଗତ ଦଶନ୍ଧି ଭିତରେ ଏହା ତାଙ୍କର ତୃତୀୟ ସାଉଦି ଗସ୍ତ ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଥିଲେ। ତେବେ ପ୍ରଥମଥର ପାଇଁ ସାଉଦିର ଜେଦ୍ଦାହ ଅଂଚଳକୁ ପ୍ରଧାନମନ୍ତ୍ରୀ ଗସ୍ତ କରୁଥିବା ବି ସୂଚନା ଦେଇଛନ୍ତି। ଷ୍ଟ୍ରାଟେଜିକ ପାର୍ଟନରସିପ କାଉନସିଲର ଦ୍ୱିତୀୟ ବୈଠକରେ ଯୋଗଦେବା ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ସକାରାତ୍ମକ ଆଶା ପୋଷଣ କରୁଥିବା କହିଛନ୍ତି। ତେବେ ୨୦୨୩ ମସିହାରେ ସାଉଦି ପ୍ରିନ୍ସ ମହମ୍ମଦ ବିନ ସଲମନଙ୍କ ଭାରତ ଗସ୍ତ କଥା ବି ପ୍ରଧାନମନ୍ତ୍ରୀ ସ୍ମୃତି ଚାରଣ କରିଥିଲେ। ସାଉଦିରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ଅକୁଣ୍ଠ ନିଷ୍ଠା ତଥା ଭାରତ ପ୍ରତି ରହିଥିବା ସେମାନଙ୍କର ଅତୁଳ୍ୟ ଅବଦାନ ପ୍ରସଙ୍ଗକୁ ପ୍ରଧାନମନ୍ତ୍ରୀ ଅବତାରଣା କରିଥିଲେ। ଉଭୟ ଦେଶ ଭିତରେ ସାଂସ୍କୃତିକ ଓ ସାମାଜିକ ଭାବ ବିନିମୟ ପାଇଁ ପ୍ରବାସରେ ରହୁଥିବା ଭାରତୀୟ ସମୁଦାୟ ଏକ ସେତୁ ଭଳି କାମ କରୁଥିବା ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

### ପହଲଗାମରେ ଆତଙ୍କୀ...

ମୃତାହତଙ୍କୁ ସେନା ବିମାନରେ ଉଦ୍ଧାର କରାଯାଇଛି। ସାମ୍ନାକୁ ଆସିଥିବା ଭିଡିଓ ଓ ଫଟୋ ସମସ୍ତଙ୍କୁ ବିଚଳିତ କରିଛି। ଜଣେ ବ୍ୟକ୍ତି ଗୁଳିମାଡ଼ ପରେ ତଳେ ପଡ଼ିଛନ୍ତି। କିଛି ଦୂରତାରେ ତାଙ୍କ ପତ୍ନୀ ସାହାଯ୍ୟ ପାଇଁ ନେହୁରେ ହେଉଥିବା ଦୃଶ୍ୟ ପୂରା ଦେଶକୁ ସ୍ତବ୍ଧ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଦେଶ ଗସ୍ତରେ ଥିବା ବେଳେ ଫୋନ ଯୋଗେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ସହ ଘଟଣା ସମ୍ପର୍କରେ କଥା ହୋଇଛନ୍ତି। ସେହିପରି ଶାହ ମଧ ଶ୍ରୀନଗର ଅଭିମୁଖେ ଯାତ୍ରା କରିଛନ୍ତି। ସେଠାରେ ସେ ସମସ୍ତ ସୁରକ୍ଷା ଏଜେନ୍ସି ସହ ଜରୁରୀ ବୈଠକ କରିବେ। ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ମଧ ତୁରନ୍ତ ଶ୍ରୀନଗରରେ ପହଞ୍ଚିଛନ୍ତି। ଗୁଳିମାଡ଼ କରିବା ପରେ ଆତଙ୍କବାଦୀମାନେ ସେଠାରୁ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଧରିବା ପାଇଁ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଛି। ଉପ ରାଜ୍ୟପାଳ ମନୋଜ ସିହ୍ନା ଘଟଣାକୁ ଦୃଢ ଭାବେ ନିନ୍ଦା କରିବା ସହ ହମଲାକାରୀଙ୍କୁ ଉଚିତ ଜବାବ ମିଳିବ ବୋଲି କହିଛନ୍ତି। ପହଲଗାମ ହେଉଛି ଗୋଟିଏ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ। ଏଠାକାର ଜଙ୍ଗଲ ଓ ହ୍ରଦ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ପ୍ରତିବର୍ଷ ଏଠାକୁ ଶହଶହ ପର୍ଯ୍ୟଟକ ବୁଲିବାକୁ ଆସିଛନ୍ତି। ତେଣୁ ପର୍ଯ୍ୟଟକଙ୍କୁ ଟାର୍ଗେଟ କରି ଆତଙ୍କବାଦୀମାନେ ହମଲା କରିଥିବା କୁହାଯାଉଛି। ବର୍ତ୍ତମାନ ପର୍ଯ୍ୟଟନ ଋତୁ। ସେହିପରି ଅମରନାଥ ଯାତ୍ରା ପାଇଁ ପଞ୍ଜୀକରଣ ମଧ ଆରମ୍ଭ ହୋଇଛି। ୩୮ ଦିନିଆ ଅମରନାଥ ଯାତ୍ରା ଜୁଲାଇ ୩ରୁ ଆରମ୍ଭ ହେବ। ଏଥିପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଆତଙ୍କବାଦୀମାନେ ଆକ୍ରମଣ କରି ସମସ୍ତଙ୍କ ମନରେ ଭୟ ସଞ୍ଚାର କରିଛନ୍ତି।

### ଦୋଷୀଙ୍କୁ ଛଡ଼ାଯିବ...

ଛଡ଼ାଯିବ ନାହିଁ। ସେମାନଙ୍କର ଘୃଣ୍ୟ କାର୍ଯ୍ୟସୂଚୀ କେବେ ସଫଳ ହେବ ନାହିଁ। ଆତଙ୍କବାଦ ବିରୋଧରେ ଲଢ଼ିବା ପାଇଁ ଆମର ସଂକଳ୍ପ ଦୃଢ଼ ଏବଂ ଏହା ଆହୁରି ଦୃଢ଼ ହେବ। କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇଛନ୍ତି। ସେ ଲେଖିଛନ୍ତି, 'ପହଲଗାମ (ଜମ୍ମୁ ଏବଂ କାଶ୍ମୀର)ରେ ଆତଙ୍କବାଦୀ ଆକ୍ରମଣ ଖବର ଶୁଣି ଗଭୀର ଦୁଃଖିତ।' ନିରୀହ ନାଗରିକଙ୍କ ଉପରେ ଏହି କାପୁରୁଷୋଚିତ ଆକ୍ରମଣ କାପୁରୁଷୋଚିତ ଏବଂ ଅତ୍ୟନ୍ତ ନିନ୍ଦନୀୟ। ନିର୍ଦ୍ଦୋଷ ପୀଡିତ ଏବଂ ସେମାନଙ୍କ ପରିବାର ପ୍ରତି ମୋର ସମବେଦନା ଏବଂ ପ୍ରାର୍ଥନା। ସେହିପରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଏହି ଆକ୍ରମଣକୁ ନିନ୍ଦା କରି ମୃତାହତଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ଏହା ସହିତ ସେ କହିଛନ୍ତି ଯେ ଏହି ଘଟଣାର ଦୋଷୀମାନଙ୍କୁ ଛଡ଼ାଯିବ ନାହିଁ ଓ ସେମାନେ ଏହାର କଠୋର ପରିଣତି ଭୋଗ କରିବେ। ଶାହ ଜମ୍ମୁ-କାଶ୍ମୀର ଅଭିମୁଖେ ଯାଇଛନ୍ତି। ଏହି ଘଟଣା ପରେ ଏକ ଉଚ୍ଚସ୍ତରୀୟ ବୈଠକ ମଧ ଅନୁଷ୍ଠିତ ହୋଇଛି।

### ମୋଦିଙ୍କୁ ଜେଡି...

ସରକାରଙ୍କୁ ସମାଲୋଚନା କରିଥିଲେ, ଯିଏ ଗଣତାନ୍ତ୍ରିକ ବିଶ୍ୱରେ ସବୁଠାରୁ ଲୋକପ୍ରିୟ, ଏବଂ ମୁଁ ଗତକାଲି ରାତିରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କହିଥିଲି, ତାଙ୍କର ଆପ୍ରୁଭାଲ୍ ମୂଲ୍ୟାଙ୍କନ ଏପରି ଯେ ମୁଁ ତାଙ୍କ ପ୍ରତି ଈର୍ଷା କରିବି। ଆମେରିକାର ଉପରାଷ୍ଟ୍ରପତି ଭାରତର ପ୍ରାଚୀନ ସ୍ଥାପତ୍ୟ ଏବଂ ସମୃଦ୍ଧ ଇତିହାସର ମଧ ପ୍ରଶଂସା କରିଥିଲେ। ସେ ଭାରତର 'ଭବିଷ୍ୟତ-କେନ୍ଦ୍ରିତ କାର୍ଯ୍ୟ'କୁ ମଧ ପ୍ରଶଂସା କରିଥିଲେ। ସେ ଭାରତର ନୂତନ ପ୍ରଯୁକ୍ତିବିଦ୍ୟା ଏବଂ ଦେଶରେ ନୂତନ ସମ୍ଭାବନାର ପ୍ରଶଂସା କରି କହିଥିଲେ, ଭାରତରେ ଏକ ନୂତନ ଶକ୍ତି ଅଛି। ଭାରତରେ ଅସୀମ ସମ୍ଭାବନାର ଏକ ଆତ୍ମା ଅଛି - ନୂତନ ଘର ନିର୍ମାଣ କରିବା, ନୂତନ କୋଠା ନିର୍ମାଣ କରିବା ଏବଂ ଜୀବନକୁ ସମୃଦ୍ଧ କରିବା।

### ଆଜିଠୁ ବନ୍ଦ ରହିବ...

ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଦ୍ୟାଳୟ ଓ ଗଣଶିକ୍ଷା ତଥା ଅନୁସୂଚିତ ଜନଜାତି ଓ ଜାତି ବିକାଶ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂହ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍ସ ଟିମ ଉପରେ ଆସିଲା ମ୍ୟାଚ୍ ଫିକ୍ସିଂ ଅଭିଯୋଗ



ନୂଆଦିଲ୍ଲୀ, ୨୨।୪ (ହି.ସ): ଲକ୍ଷ୍ନୌ ସୁପରଜାଏଣ୍ଟସ ବିପକ୍ଷରେ ଜିତିଥିବା ମ୍ୟାଚ ହାରିବା ପରେ ରାଜସ୍ଥାନ ରୟାଲ୍ସ ଉପରେ ମ୍ୟାଚ୍ ଫିକ୍ସିଂର ଅଭିଯୋଗ ଆସିଛି। ଏହି ମ୍ୟାଚରେ ରାଜସ୍ଥାନକୁ ଜିତିବା ପାଇଁ ଶେଷ ଓଭରରେ ୯ରନ ଆବଶ୍ୟକ ଥିଲା, କିନ୍ତୁ ଆଭେଶ ଖାନଙ୍କ ଏହି ଓଭରରେ ଦଳ କେବଳ ୬ ରନ କରିପାରିଲା। ଏହା କ୍ରମାଗତ ଦ୍ୱିତୀୟ ଥର ଥିଲା ଯେତେବେଳେ ରାଜସ୍ଥାନ ଜିତିଥିବା ମ୍ୟାଚ ହାରିଥିଲା। ରାଜସ୍ଥାନ କ୍ରିକେଟ ଆସୋସିଏସନର ଆଡ-ହକ କମିଟିର ସଂଯୋଜକ ଜୟଦୀପ ବିହାନୀ ସଞ୍ଜୁ ସାମସନଙ୍କ ଦ୍ୱାରା ପରିଚାଳିତ ରାଜସ୍ଥାନ ଦଳକୁ ମ୍ୟାଚ ଫିକ୍ସିଂ ଅଭିଯୋଗ କରିଛନ୍ତି। ବିହାନୀ ରାଜସ୍ଥାନ ରୟାଲ୍ସ ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଥିଲେ, ଏହି ଦଳର ପ୍ରଶିକ୍ଷକ ହେଉଛନ୍ତି ରାହୁଲ ଦ୍ରାବିଡ ଏବଂ ଅଧିନାୟକ ହେଉଛନ୍ତି ସଞ୍ଜୁ ସାମସନ। ସେ ପ୍ରଶ୍ନ କରିଥିଲେ ଯେ ସରକାରଙ୍କ ଦ୍ୱାରା ନିଯୁକ୍ତ ଆଡ-ହକ କମିଟିର ଆଇପିଏଲରେ ରାଜସ୍ଥାନ ଦଳର କାର୍ଯ୍ୟକଳାପ ଉପରେ କାହିଁକି ନିୟନ୍ତ୍ରଣ ନାହିଁ। ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ ଜୟଦୀପ ବିହାନୀ ଲକ୍ଷ୍ନୌ ବିପକ୍ଷ ଶେଷ ଓଭର ପରାଜୟ ଉପରେ ପ୍ରଶ୍ନ ଉଠାଇଥିଲେ। ଏହାକୁ ପଞ୍ଚମ ଥର ପାଇଁ ବୃଦ୍ଧି କରାଯାଇଛି। ଆମେ ନିଶ୍ଚିତ କରୁ ଯେ ସମସ୍ତ ଟୁର୍ଣ୍ଣାମେଣ୍ଟ କୌଣସି ସମସ୍ୟା ବିନା ଆୟୋଜିତ ହେବ। କିନ୍ତୁ ଆଇପିଏଲ୍ ଆସିବା ମାତ୍ରେ ଜିଲ୍ଲା ପରିଷଦ ଏହାକୁ ନିୟନ୍ତ୍ରଣ କରିନେଲା। ଆଇପିଏଲ ପାଇଁ, ବିସିସିଆଇ ପ୍ରଥମେ ଜିଲ୍ଲା ପରିଷଦକୁ ନୁହେଁ, ଆର୍‌ସିଏକୁ ଚିଠି ପଠାଇଥିଲା। ତାଙ୍କ ଏବଂ ଆର୍‌ଆର୍ ଦ୍ୱାରା ଦିଆଯାଇଥିବା ବାହାନା ହେଉଛି ଯେ ଆମର ସବାଇ ମାନସିଂହ ଷ୍ଟାଡିୟମ ସହିତ କୌଣସି ଏମଓୟୁ ନାହିଁ। ଯଦି କୌଣସି ଏମ୍‌ଓୟୁ ନାହିଁ, ତେବେ କ'ଣ ? ତୁମେ କ'ଣ ପ୍ରତ୍ୟେକ ମ୍ୟାଚ ପାଇଁ ଜିଲ୍ଲା ପରିଷଦକୁ ଦେୟ ଦେଉନାହଁ ବୋଲି ପ୍ରଶ୍ନ ଉଠିଛି। ଏହି ମ୍ୟାଚରେ ଆଘାତ ଯୋଗୁ ଖେଳୁ ନ ଥିବା ସଞ୍ଜୁ ସାମସନଙ୍କ ସ୍ଥାନରେ ରିୟାନ ପରାଗ ଅଧିନାୟକ ଥିଲେ। ଏହି ମ୍ୟାଚରେ ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଡେବ୍ୟୁ କରିବାର ସୁଯୋଗ ପାଇଲେ। ୧୮୧ ରନର ପିଛା କରି ରାଜସ୍ଥାନର ଆରମ୍ଭ ଭଲ ହୋଇଥିଲା ଏବଂ ବୈଭବ ଏବଂ ଯଶସ୍ୱୀ ଜୟସୱାଲ ପ୍ରଥମ ୱିକେଟ ପାଇଁ ୮୫ ରନ ଯୋଡ଼ିଥିଲେ। ୯ମ ଓଭରର ଚତୁର୍ଥ ବଲରେ ବୈଭବଙ୍କ ରୂପରେ ରାଜସ୍ଥାନକୁ ପ୍ରଥମ ଝଟକା ଲାଗିଥିଲା। ବୈଭବ ତାଙ୍କର ଡେବ୍ୟୁ ମ୍ୟାଚରେ ୨୦ ବଲରେ ୩୪ ରନ କରିଥିଲେ। ରାଜସ୍ଥାନକୁ ଜିତିବା ପାଇଁ ୧୮ ବଲରୁ ୨୫ ରନ ଆବଶ୍ୟକ ଥିଲା, ଯଶସ୍ୱୀ ୭୪ ରନ କରିବା ପରେ ଖେଳୁଥିଲେ ଏବଂ ରିୟାନ ପରାଗ ୩୮ ରନ କରିବା ପରେ ଖେଳୁଥିଲେ। ୧୮ତମ ଓଭରର ପ୍ରଥମ ବଲରେ ଆବେଶ ଖାନ ଯଶସ୍ୱୀ ଜୟସୱାଲଙ୍କୁ ବୋଲିଂ କରିଥିଲେ। ସେହି ଓଭରର ଶେଷ ବଲରେ ସେ ଅଧିନାୟକ ପରାଗଙ୍କୁ ଏଲବିଡବ୍ଲୁ ଆଉଟ କରିଥିଲେ। ଏହି ଓଭରରେ ଆଭେସ କେବଳ ୫ ରନ ଦେଇଥିଲେ। ରାଜସ୍ଥାନକୁ ଶେଷ ଓଭରରେ ଜିତିବା ପାଇଁ ୯ ରନ ଆବଶ୍ୟକ ଥିଲା କିନ୍ତୁ ସେମାନେ ୨ ରନରେ ହାରିଗଲେ। ଏହା ପୂର୍ବରୁ ମଧ୍ୟ, ରାଜସ୍ଥାନ ୧୬ ଏପ୍ରିଲରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଜିତିଥିବା ମ୍ୟାଚ ହାରିଥିଲା। ସେହି ମ୍ୟାଚରେ ମଧ୍ୟ ରାଜସ୍ଥାନକୁ ଜିତିବା ପାଇଁ ଶେଷ ଓଭରରେ ମାତ୍ର ୯ରନ ଆବଶ୍ୟକ ଥିଲା କିନ୍ତୁ ଦଳ କେବଳ ୮ରନ କରିପାରିଥିଲା। ଏହା ପରେ, ସୁପର ଓଭରରେ, ରାଜସ୍ଥାନ ରୟାଲ୍ସ ପ୍ରଥମେ ବ୍ୟାଟିଂ କରି ୧୧ ରନ କରିଥିଲା, ଯାହାକୁ ଦିଲ୍ଲୀ ମାତ୍ର ୪ ବଲରେ ହାସଲ କରି ଜିତିଥିଲା।

# ବିବାହ ବାର୍ଷିକୀରେ ମା' ହେଲେ ଜ୍ୱାଲା ଗୁଟ୍ଟା



ଚେନ୍ନାଇ, ୨୨।୪ (ହି.ସ): ପୂର୍ବତନ ଭାରତୀୟ ବ୍ୟାଡମିଣ୍ଟନ ତାରକା ଜ୍ୱାଲା ଗୁଟ୍ଟା ମା' ହୋଇଛନ୍ତି। ସେ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ଏହାସହ ଜ୍ୱାଲାଙ୍କ ଖୁସି ଦ୍ୱିଗୁଣିତ ହୋଇଛି। କାରଣ ସେ ବିବାହ ବାର୍ଷିକୀରେ ମା' ହୋଇଛନ୍ତି। ଜ୍ୱାଲା ୨୨ ଏପ୍ରିଲ ୨୦୨୧ରେ ତାମିଲ ଅଭିନେତା ବିଷ୍ଣୁ ବିଶାଲଙ୍କୁ ବିବାହ କରିଥିଲେ। ଏବେ ୨୨ ଏପ୍ରିଲ ୨୦୨୫ରେ ସେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି। ଜ୍ୱାଲାଙ୍କ ମା' ହେବାର ଖବର ତାଙ୍କ ସ୍ୱାମୀ ବିଷ୍ଣୁ ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି। ସେ ପୋଷ୍ଟରେ ଝିଅ ହାତର ଏକ ଫଟୋ ଶେୟାର କରି ଲେଖିଛନ୍ତି, ଆମ ଚତୁର୍ଥ ବିବାହ ବାର୍ଷିକୀରେ ଆମେ ଏହି ଉପହାର ପାଇଲୁ। ଜ୍ୱାଲା ଗୁଟ୍ଟା ବିଷ୍ଣୁଙ୍କ ଦ୍ୱିତୀୟ ପତ୍ନୀ। ୨୦୧୯ ମସିହାରୁ ପରସ୍ପରକୁ ଡେଟ କରିବା ପରେ, ଦୁହେଁ ୨୦୨୧ ମସିହାରେ ବିବାହ କରିଥିଲେ। ବ୍ୟାଡମିଣ୍ଟନ କୋର୍ଟରେ ତାଙ୍କର ଚମତ୍କାର ଖେଳ ବ୍ୟତୀତ, ଜ୍ୱାଲା ଗୁଟ୍ଟା ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ମଧ୍ୟ ଚର୍ଚ୍ଚାରେ ଥା'ନ୍ତି। ଜ୍ୱାଲାଙ୍କ ନାମ ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନଙ୍କ ସହ ମଧ୍ୟ ଜଡିତ ଥିଲା। ବିଷ୍ଣୁ ବିଶାଲ ମଧ୍ୟ ଜ୍ୱାଲାଙ୍କ ଦ୍ୱିତୀୟ ସ୍ୱାମୀ ଥିଲେ। ସେ ପ୍ରଥମେ ବ୍ୟାଡମିଣ୍ଟନ ଖେଳାଳି ଚେତନ ଆନନ୍ଦଙ୍କୁ ବିବାହ କରିଥିଲେ। କିନ୍ତୁ, ୨୦୦୫ ମସିହାରେ ହୋଇଥିବା ସେହି ବିବାହ ୨୦୧୧ ମସିହାରେ ଭାଙ୍ଗିଯାଇଥିଲା।

# ଆଇପିଏଲରେ ଓଡ଼ିଶା ସଂଯୋଗ ଦେଲେ ରାଜୀବ

କୋଲକାତା, ୨୨।୪ (ହି.ସ): ଆଇପିଏଲରେ ଓଡ଼ିଆ ପୁଅ ଖେଳୁନାହାନ୍ତି ବୋଲି ରାଜ୍ୟରେ ଅନେକ ଅବସୋସ। କିନ୍ତୁ ସୋମବାର ଐତିହାସିକ ଇଡେନ୍ ଗାର୍ଡେନ୍ସରେ କୋଲକାତା ନାଇଟ୍ ରାଇଡର୍ସ ବନାମ ଗୁଜରାଟ ଟାଇଟନ୍ସ ମୁକାବିଲା ପୂର୍ବରୁ ଏକ ଓଡ଼ିଶା ସଂଯୋଗ ସାମାନ୍ୟ ଆଶ୍ୱସ୍ତି ଆଣିଥିଲା। ଉଭୟ ବେଙ୍ଗଲ ଓ ଓଡ଼ିଶା ପାଇଁ ରଣଜୀ ଟ୍ରଫି ଖେଳିଥିବା ରାଜୀବ ସେଠ୍ ଏହି ମ୍ୟାଚର ମ୍ୟାଚ୍ ରେଫରି ଭୂମିକାରେ ରହିଥିଲେ। ବେଙ୍ଗଲ ପାଇଁ ରଣଜୀ ଟ୍ରଫି ଜିତିଥିବା ୫୭ ବର୍ଷୀୟ ରାଜୀବ ଏବେ ଭୁବନେଶ୍ୱରରେ ଅବସ୍ଥାପିତ ଓଡ଼ିଶା ଟାଟା ନାଭାଲ ହକି ଏଚପିସିର ପ୍ରକଳ୍ପ ନିର୍ଦ୍ଦେଶକ ଅଛନ୍ତି। ଓଡ଼ିଶା କ୍ରିକେଟ୍ ଦୁନିଆରେ ଏକ ପରିଚିତ ଚେହେରା ରାଜୀବ ମଧ୍ୟ ଏବେ ଓଡ଼ିଶା ହକିର ବିକାଶରେ ବଡ଼ ଯୋଗଦାନ ରଖୁଛନ୍ତି। ଓଡ଼ିଶା ଟାଟା ନାଭାଲ ହକି ଏଚପିସି ପ୍ରତିଷ୍ଠା ପରଠାରୁ ରାଜ୍ୟରେ ତୃଣମୂଳ ସ୍ତରରେ ହକିର ବିକାଶ ଘଟିବା ସହ ଏକାଧିକ ଜୁନିୟର୍ ଖେଳାଳି ଏହି ବ୍ୟବସ୍ଥାରୁ ବାହାରି ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିଛନ୍ତି। ହକି ପାଇଁ ସମର୍ପିତ ଭାବେ କାମ କରୁଥିଲେ ମଧ୍ୟ ରାଜୀବ ନିଜ ପ୍ରଥମ ପ୍ରେମ କ୍ରିକେଟକୁ ଛାଡ଼ିପାରିନାହାନ୍ତି। ଘରୋଇ କ୍ରିକେଟର ସମସ୍ତ ପ୍ରମୁଖ ପ୍ରତିଯୋଗିତା ରଣଜୀ ଟ୍ରଫି, ବିଜୟ ହଜାରେ ଟ୍ରଫି, ସୟଦ ମୁସ୍ତାକ ଅଲୀ ଟ୍ରଫି ଆଦିରେ ସେ ବିସିସିଆଇ ମ୍ୟାଚ୍ ରେଫରି ଦାୟିତ୍ୱ ତୁଲାଇ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଖେଳାଳି ଜୀବନରେ ଏହି ବିଗତ ଦିନର ଦ୍ରୁତ ବୋଲର ୨୬ ରଜଣୀ ଟ୍ରଫି ଏବଂ ୧୫ ଲିଷ୍ଟ୍ ଏ ମ୍ୟାଚରୁ ଯଥାକ୍ରମେ ୪୬ ଓ ୧୭ ୱିକେଟ୍ ଅକ୍ତିଆର କରିଥିଲେ।

# କ୍ରିକେଟର ସରଫରାଜ ଖାନଙ୍କ ଘରେ ପହଞ୍ଚିଲେ ଅନାୟା ବାଙ୍ଗର



ନୂଆଦିଲ୍ଲୀ, ୨୨।୪ (ହି.ସ): ନିକଟରେ ନିଜର ଲିଙ୍ଗ ପରିବର୍ତ୍ତନ କରି ପୁଅରୁ ଝିଅ ହୋଇଥିବା ଅନାୟା ବାଙ୍ଗର ଭାରତୀୟ କ୍ରିକେଟର ସରଫରାଜ ଖାନଙ୍କ ଘରେ ପହଞ୍ଚିଥିଲେ। ଅନାୟାଙ୍କ ପିତା ସଞ୍ଜୟ ବାଙ୍ଗର ମଧ୍ୟ ଭାରତ ପାଇଁ କ୍ରିକେଟ୍ ଖେଳିଛନ୍ତି। ସରଫରାଜଙ୍କ ଘରେ ପହଞ୍ଚିବା ପରେ ସେ ତାଙ୍କ ପିତା ଏବଂ ପରିବାର ଲୋକଙ୍କୁ ଭେଟିଥିଲେ। ସେ କହିଥିଲେ ଯେ, ପିଲାଦିନରୁ ସେମାନେ ପରସ୍ପରକୁ ଜାଣନ୍ତି। ଅନାୟାଙ୍କ ନାମ ଆର୍ଯ୍ୟନ୍ ଥିଲା। କିଛି ସମୟ ପୂର୍ବରୁ ସେ ନିଜର ଲିଙ୍ଗ ପରିବର୍ତ୍ତନ କରୁଥିବା ଜଣାପଡିଥିଲା। ଭାରତ ଆସିବା ପରେ ସେ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି ଯେ, ଯେତେବେଳେ ତାଙ୍କର କିଛି ସାଥୀ ଖେଳାଳି ତାଙ୍କ ବିଷୟରେ ଜାଣିବାକୁ ପାଇଲେ, ସେମାନେ ତାଙ୍କୁ ଖରାପ ବ୍ୟବହାର କରୁଥିଲେ। ସେ ଏହା ମଧ୍ୟ କହିଛନ୍ତି ଯେ, ଜଣେ କ୍ରିକେଟର ତାଙ୍କ ସହ ସମ୍ପର୍କ ରଖିବାକୁ ମଧ୍ୟ ଚାହୁଁଥିଲେ। ଠିକ୍ ଅଛି, ସେ ନିଜ ପିଲାଦିନର ବନ୍ଧୁ ସରଫରାଜ ଖାନଙ୍କ ଘରେ ପହଞ୍ଚିଥିଲେ, ଯେଉଁଠାରୁ ସେ କିଛି ଫଟୋ ଏବଂ ଭିଡିଓ ସେୟାର କରିଥିଲେ। ଅନାୟା ଫଟୋ ଏବଂ ଭିଡିଓ ସେୟାର କରି ଲେଖିଛନ୍ତି ଯେ, ଆମେ ଫୋନ୍ ଧରିବା ପୂର୍ବରୁ ବ୍ୟାଟ୍ ଧରିଥିଲୁ। ଆରମ୍ଭରୁ ଆମେ ଭଲ ବନ୍ଧୁ। ମୁଶୀର ଖାନ୍, ମୁଁ ତୁମକୁ ମନେ ପକାଉଛି। ପ୍ରକାଶ ଯେ, ମୁଶୀର ଖାନ ବର୍ତ୍ତମାନ ଆଇପିଏଲରେ ପଞ୍ଜାବ କିଙ୍ଗ୍ସର ଏକ ଅଂଶ। ସରଫରାଜ ଖାନ ମଧ୍ୟ ଅନାୟାଙ୍କ ସହ ଏକ ଭିଡିଓ ସେୟାର କରି କହିଛନ୍ତି ଯେ, ତାଙ୍କୁ ଭେଟି ସେ ବହୁତ ଖୁସି ଅଛନ୍ତି। ପ୍ରାୟ ୨-୩ ବର୍ଷ ପରେ ସେମାନେ ସାକ୍ଷାତ କରୁଛନ୍ତି। ଫଟୋରେ ଦୁହେଁ ଏକ କାର୍ ଉପରେ ବସିଥିବାର ନଜର ଆସିଛନ୍ତି। ଅନନ୍ୟା ମଧ୍ୟ ସରଫରାଜ ଖାନଙ୍କ ସହ ଏକ ପୁରୁଣା ଫଟୋ ସେୟାର କରିଥିଲେ, ଯେତେବେଳେ ଦୁହେଁ ଏକାଠି କ୍ରିକେଟ୍ ଖେଳୁଥିଲେ। କ୍ରିକେଟ୍ ପଡ଼ିଆର ଏହି ଫଟୋରେ ମୁଶୀର ଖାନ୍ ସରଫରାଜ ଏବଂ ଅନାୟାଙ୍କ ସହ ନଜର ଆସିଛନ୍ତି। ଅନାୟା କିଛି ଦିନ ପୂର୍ବରୁ ଏକ ସାକ୍ଷାତକାରରେ କହିଥିଲେ ଯେ, ସେ ୮-୯ ବର୍ଷ ବୟସରେ ଅନୁଭବ କରିଥିଲେ ଯେ ସେ ଭୁଲ ଲିଙ୍ଗର ଅଟନ୍ତି। ସେ କହିଥିଲେ ଯେ, ସେ ଯଶସ୍ୱୀ ଜୟସ୍ୱାଲ, ସରଫରାଜ ଖାନ, ମୁଶିର ଖାନଙ୍କ ସହ ଖେଳିଛନ୍ତି। ସେ କହିଥିଲେ ଯେ, ତାଙ୍କ ପିତା କ୍ରିକେଟ୍ ଜଗତର ଏକ ଜଣାଶୁଣା ନାମ, ତେଣୁ ସେ ସବୁକିଛି ଲୁଚାଇ ରଖୁଥିଲେ। ଅନାୟା କହିଛନ୍ତି ଯେ, ଯେତେବେଳେ ତାଙ୍କ ପିତା ଏହା ଜାଣିଲେ ସେତେବେଳେ ସେ ତାଙ୍କୁ କହିଥିଲେ ଯେ କ୍ରିକେଟ୍‌ରେ ତାଙ୍କ ଭଳି ଲୋକଙ୍କ ପାଇଁ ସ୍ଥାନ ନାହିଁ।

# ଏଲନ ମସ୍କଙ୍କ ମା'ଙ୍କ ସହିତ ସିଦ୍ଧିବିନାୟକ ମନ୍ଦିର ଗଲେ ଜ୍ୟାକ୍‌ଲିନ୍



ମୁମ୍ବାଇ, ୨୨।୪ (ହି.ସ): ବଲିଉଡ ତାରକା ଜ୍ୟାକ୍‌ଲିନ୍ ଫର୍ଣ୍ଣାଣ୍ଡିଜ ଇଷ୍ଟର ପର୍ବ ଅବସରରେ ରବିବାର ମୁମ୍ବାଇରେ ଥିବା ସିଦ୍ଧି ବିନାୟକ ମନ୍ଦିର ଗସ୍ତ କରିଛନ୍ତି। ତେବେ ସବୁଠୁ ବଡ କଥା ହେଉଛି ଏହି ସମୟର ସେ ଏକୁଟିଆ ନଥିଲେ। ଦର୍ଶନ ପାଇଁ ସେ ଏଲନ ମସ୍କଙ୍କ ମା ମାୟେ ମସ୍କଙ୍କ ସହ ଯାଇଥିଲେ ବୋଲି ସୂଚନା ମିଳିଛି। ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବା ଫଟୋରେ ଜ୍ୟାକଲିନ ଓ ମାୟେ ଗୋଟିଏ ଲାଇନରେ ଠିଆ ହୋଇଥିବା ଦେଖିବାକୁ ମିଳୁଛି। ଜ୍ୟାକଲିନ ଏକ ସୁନେଲି ରଙ୍ଗର ସଲୱାର ସୁଟ ପିନ୍ଧି ଥିବା ବେଳେ ମାୟେ ଏକ ଫୁଲପକା ଆଇଭୋରି କୁର୍ତ୍ତା ଓ ଏକ ପାଇଜାମା ପିନ୍ଧିଥିବା ନଜରକୁ ଆସୁଛନ୍ତି। ବଲିଉଡ ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ଣ୍ଣାଣ୍ଡିଜ ଇସଟର ଅବସରରେ ମୁମ୍ବାଇର ପ୍ରସିଦ୍ଧ ସିଦ୍ଧିବିନାୟକ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ଏହି ସମୟରେ ତାଙ୍କ ସହ ଟେସଲା ଏବଂ ସ୍ପେସଏକ୍ସର ସିଇଓ ଏଲନ ମସ୍କଙ୍କ ମା' ତଥା ସୁପରମଡେଲ ଓ ଲେଖିକା ମେୟ ମସ୍କ ମଧ୍ୟ ଉପସ୍ଥିତ ଥିଲେ। ମେୟ ମସ୍କ ବର୍ତ୍ତମାନ ତାଙ୍କ ପୁସ୍ତକ 'ଏ ଓମ୍ୟାନ୍ ମେକ୍ସ ଏ ପ୍ଲାନ୍'ର ହିନ୍ଦୀ ସଂସ୍କରଣ ଉନ୍ମୋଚନ ପାଇଁ ଭାରତରେ ଅଛନ୍ତି। ଏହି ପରିଦର୍ଶନର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଜ୍ୟାକ୍‌ଲିନ୍ ଏକ ସୁନେଲି ରଙ୍ଗର ସାଲୱାର ସୁଟ ଏବଂ ମୁଣ୍ଡରେ ଦୁପଟା ପକାଇ ମନ୍ଦିରରେ ପହଞ୍ଚିଥିଲେ, ଯେଉଁଥିରେ ସେ ଅତ୍ୟନ୍ତ ସୁନ୍ଦର ଦେଖାଯାଉଥିଲେ। ଅନ୍ୟପକ୍ଷରେ, ମେୟ ମସ୍କ ଫୁଲଛପା ଆଇଭରି ରଙ୍ଗର କୁର୍ତ୍ତା ଏବଂ ପାଇଜାମା ପରିଧାନ କରିଥିଲେ। ଉଭୟେ ମନ୍ଦିରରେ ପୂଜା କରି ପୁରୋହିତଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ପରିଦର୍ଶନ ସମୟରେ ମନ୍ଦିରର ସୁରକ୍ଷା ବ୍ୟବସ୍ଥା ମଧ୍ୟ କଡାକଡି କରାଯାଇଥିଲା। ଜ୍ୟାକ୍‌ଲିନ୍ ଏହି ଅନୁଭବ ବିଷୟରେ କହିଛନ୍ତି, ମେୟଙ୍କ ସହ ମନ୍ଦିରରେ ଆଶୀର୍ବାଦ ଗ୍ରହଣ କରିବା ଏକ ଅସାଧାରଣ ଅନୁଭୂତି ଥିଲା। ମେୟଙ୍କ ପୁସ୍ତକ ମହିଳାମାନଙ୍କର ବଳିଦାନର ପ୍ରତୀକ। ଏହା ମୋତେ ବହୁତ କିଛି ଶିଖାଇଛି, ବିଶେଷତଃ ବୟସ କେବଳ ଏକ ସଂଖ୍ୟା ଏବଂ ଏହା ଆପଣଙ୍କ ସ୍ୱପ୍ନ ଓ ଲକ୍ଷ୍ୟକୁ ନିର୍ଦ୍ଧାରଣ କରିବା ଉଚିତ ନୁହେଁ। ଏହି ପରିଦର୍ଶନ ଜ୍ୟାକ୍‌ଲିନ୍‌ଙ୍କ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ ଥିଲା କାରଣ ଏହା ତାଙ୍କ ମା' କିମ ଫର୍ଣ୍ଣାଣ୍ଡେଜଙ୍କ ମୃତ୍ୟୁ ପରେ ତାଙ୍କର ପ୍ରଥମ ସାର୍ବଜନୀନ ଉପସ୍ଥିତି ଥିଲା। କିମ ଫର୍ଣ୍ଣାଣ୍ଡେଜଙ୍କର ମାର୍ଚ୍ଚ ୨୪ ତାରିଖରେ ଷ୍ଟ୍ରୋକ ହେବା ପରେ ମୁମ୍ବାଇର ଲୀଳାବତୀ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଏପ୍ରିଲ ୬ରେ ମୃତ୍ୟୁ ହୋଇଥିଲା। ଏହା ପରଠୁ ଜ୍ୟାକ୍‌ଲିନ୍ ସର୍ବଜନିନ ଉପସ୍ଥିତିରୁ ଦୂରେଇ ରହୁଥିଲେ। ଜ୍ୟାକ୍‌ଲିନ୍ ନିକଟରେ ସୋନୁ ସୁଦଙ୍କ ସହ ଅଭିନୀତ 'ଫେଟ୍' ଚଳଚ୍ଚିତ୍ରରେ ନଜର ଆସିଥିଲେ, ଯାହା ମାର୍ଚ୍ଚରେ ମୁକ୍ତିଲାଭ କରିଥିଲା। ସେ ଆଗାମୀ ଦିନରେ ଅଜୟ ଦେବଗନଙ୍କ 'ରେଡ ୨'ରେ ଏକ ସ୍ୱତନ୍ତ୍ର ନୃତ୍ୟ ସଂଖ୍ୟାରେ ଦେଖାଯିବେ। ଏହାଛଡା, ୨୦୨୫ରେ ତାଙ୍କର ଦୁଇଟି ବଡ କମେଡି ଚଳଚ୍ଚିତ୍ର 'ୱେଲକମ ଟୁ ଦ ଜଙ୍ଗଲ' ଏବଂ 'ହାଉସଫୁଲ ୫' ମୁକ୍ତିଲାଭ କରିବ, ଯେଉଁଥିରେ ସେ ଅକ୍ଷୟ କୁମାରଙ୍କ ସହ ଅଭିନୟ କରୁଛନ୍ତି। ଏହି ପରିଦର୍ଶନ ସମୟରେ ଜ୍ୟାକ୍‌ଲିନ୍ ଏବଂ ମେୟଙ୍କ ସହ ଅଭିନେତ୍ରୀ ଅନୁଷା ଦାଣ୍ଡେକର ମଧ୍ୟ ଉପସ୍ଥିତ ଥିଲେ। ପରେ ଅନୁଷା ଜାକଲିନଙ୍କ ସହ ଇସଟର ମଧ୍ୟାହ୍ନ ଭୋଜନରେ ଅଂଶଗ୍ରହଣ କରିଥିଲେ। ଅନୁଷା ତାଙ୍କ ଇନଷ୍ଟାଗ୍ରାମରେ ଏହି ଅନୁଭୂତି ବିଷୟରେ ଲେଖିଛନ୍ତି, ଏକ ଆଶୀର୍ବାଦପୂର୍ଣ୍ଣ ଓ ସୁନ୍ଦର ଦିନ ସିଦ୍ଧିବିନାୟକ ମନ୍ଦିରରୁ ଇସ୍ଟର ମଧ୍ୟାହ୍ନ ଭୋଜନ ପର୍ଯ୍ୟନ୍ତ। ଏହି ଅପ୍ରତ୍ୟାଶିତ ଯୋଡିଙ୍କର ମନ୍ଦିର ପରିଦର୍ଶନ ସୋସିଆଲ ମିଡିଆରେ ବେଶ ଚର୍ଚ୍ଚାର ବିଷୟ ହୋଇଛି। ଫ୍ୟାନମାନେ ଜ୍ୟାକ୍‌ଲିନ୍ ଏବଂ ମେୟଙ୍କ ମଧ୍ୟରେ ଥିବା ସାଂସ୍କୃତିକ ସଂଯୋଗକୁ ପ୍ରଶଂସା କରିଛନ୍ତି।

# ଦକ୍ଷିଣ ଭାରତୀୟ ଅଭିନେତା ମହେଶ ବାବୁଙ୍କୁ ଇଡିର ସମନ



ଚେନ୍ନାଇ, ୨୨।୪ (ହି.ସ): ହାଇଦ୍ରାବାଦସ୍ଥିତ ରିଅଲ ଇଷ୍ଟେଟ ଫାର୍ମରେ ମନି ଲଣ୍ଡରିଂ ତଦନ୍ତରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଭିନେତା ମହେଶ ବାବୁଙ୍କୁ ଏପ୍ରିଲ ୨୭ରେ ହାଜର ହେବାକୁ ସମନ କରିଛି। ପୂର୍ବରୁ, ଏପ୍ରିଲ ୧୮ରେ, ଇଡି ତେଲେଙ୍ଗାନାର ଅନେକ ସ୍ଥାନରେ ଚଢାଉ କରିଥିଲା। ଇଡି ଅନୁଯାୟୀ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ହାଇଦ୍ରାବାଦର ସିକନ୍ଦରାବାଦ, ଜୁବଲି ହିଲ୍ସ ଏବଂ ବୋୱେନପାଲି ଅଞ୍ଚଳରେ ଚଢାଉ କରିଥିଲା। ମନି ଲଣ୍ଡରିଂ ମାମଲାରେ ସୁରାଣା ଗ୍ରୁପ ଏବଂ ସାଇ ସୂର୍ଯ୍ୟ ଡେଭଲପର୍ସ ବିରୁଦ୍ଧରେ ଚଢାଉ କରାଯାଇଥିଲା। ସରକାରୀ ସୂତ୍ର ଅନୁଯାୟୀ, ରିଅଲ ଇଷ୍ଟେଟ ନିବେଶକଙ୍କ ସହ ଠକେଇ ସହ ଜଡିତ ମନି ଲଣ୍ଡରିଂ ତଦନ୍ତର ଅଂଶ ସ୍ୱରୂପ ବୁଧବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅନେକ ସ୍ଥାନରେ ଚଢାଉ କରିଛି। ସୁରାଣା ଗ୍ରୁପ ଏବଂ ସାଇ ସୂର୍ଯ୍ୟ ଡେଭଲପର୍ସ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସିକନ୍ଦରାବାଦ, ଜୁବଲି ହିଲ୍ସ ଏବଂ ବୋୱେନପାଲିରେ ଥିବା ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ପିଏମ୍‌ଏଲ୍‌ଏ ଅଧୀନରେ ତଦନ୍ତ ସମୟସୀମା ମଧ୍ୟରେ ରିଅଲ ଇଷ୍ଟେଟ ପ୍ରକଳ୍ପ ସମାପ୍ତ ନ କରିବା ଅଭିଯୋଗ ସହିତ ଜଡିତ। ସାଇ ସୂର୍ଯ୍ୟ ଡେଭଲପର୍ସର ମାଲିକ କଞ୍ଚାରଲା ସତୀଶ ଚନ୍ଦ୍ର ଗୁପ୍ତା 'ଗ୍ରୀନ ମିଡୋଜ' ନାମକ ଏକ ପ୍ରକଳ୍ପରେ ତ୍ରୁଟି ପାଇଁ ପୋଲିସ ତଦନ୍ତର ସମ୍ମୁଖୀନ ହେଉଛନ୍ତି। ଅଭିନେତା ମହେଶ ବାବୁ ଏହି ପ୍ରୋଜେକ୍ଟର ବ୍ରାଣ୍ଡ ଆମ୍ବାସାଡର ଥିଲେ। ତଥାପି, ତାଙ୍କ ବିରୁଦ୍ଧରେ ଏପର୍ଯ୍ୟନ୍ତ କୌଣସି ଅଭିଯୋଗ ନାହିଁ। ସୂଚନା ଅନୁଯାୟୀ, ଜଣେ ୩୨ ବର୍ଷୀୟ ସଫ୍ଟୱେର୍ ଇଞ୍ଜିନିୟର ହାଇଦ୍ରାବାଦର ଭେଙ୍ଗାଲ ରାଓ ନଗରରେ ଅବସ୍ଥିତ ଏକ ପ୍ରମୁଖ ରିଅଲ ଇଷ୍ଟେଟ ଫାର୍ମ କଞ୍ଚାରଲା ସତୀଶ ଚନ୍ଦ୍ର ଗୁପ୍ତା ଏବଂ ତାଙ୍କ କମ୍ପାନୀ ବିରୁଦ୍ଧରେ ସ୍ଥାନୀୟ ପୋଲିସରେ ଏକ ଠକେଇ ମାମଲା ଦାୟର କରିଛନ୍ତି। ମଧୁରା ନଗର ପୋଲିସ ଷ୍ଟେଶନରେ ହୋଇଥିବା ଅଭିଯୋଗ ଅନୁଯାୟୀ, ନକ୍କା ବିଷ୍ଣୁ ବର୍ଦ୍ଧନ, ଅନ୍ୟ କେତେ ଜଣଙ୍କ ସହିତ, ଏପ୍ରିଲ ୨୦୨୧ରେ ସାଇ ସୂର୍ଯ୍ୟ ଡେଭଲପର୍ସର ଗ୍ରୀନ ମିଡୋଜ ଭେଞ୍ଚର (ଶାଦନଗରରେ ୧୪ ଏକର ଜମି)ରେ ତିନି କୋଟି ଟଙ୍କାରୁ ଅଧିକ ନିବେଶ କରିଥିଲେ।

# ବିନା କ୍ୟାମେରା, ବିନା ଷ୍ଟାରରେ ମନ୍ଦିର ପୂଜାରୀ ତିଆରି କଲେ ବିଶ୍ୱର ପ୍ରଥମ ଏଆଇ ଫିଲ୍ମ !



ବେଙ୍ଗାଲୁରୁ, ୨୨।୪ (ହି.ସ): କର୍ନାଟକର ଜଣେ ପୂଜାରୀ ଏଆଇ ଉପକରଣ ସାହାଯ୍ୟରେ ବିଶ୍ୱର ପ୍ରଥମ ସମ୍ପୂର୍ଣ୍ଣ ଏଆଇ-ଆଧାରିତ କନ୍ନଡ ଫିଲ୍ମ ତିଆରି କରିଛନ୍ତି। ବେଙ୍ଗାଲୁରୁର ସିଦ୍ଧେହଲ୍ଲି ଗାଁର ହନୁମନ୍ତରାଇ ମନ୍ଦିରରେ ପୂଜା କରୁଥିବା ନରସିଂହ ମୂର୍ତ୍ତି ଏବେ ଏକ ନୂତନ ପରିଚୟ ସୃଷ୍ଟି କରୁଛନ୍ତି। ସେ ଦିନେରେ ମନ୍ଦିରରେ ପୂଜା କରନ୍ତି। କିନ୍ତୁ ତାଙ୍କର ପ୍ରକୃତ ଆଗ୍ରହ ହେଉଛି ଫିଲ୍ମ ତିଆରି କରିବା। ସେ ପୂର୍ବରୁ ଦୁଇଟି ଫିଚର ଫିଲ୍ମ ତିଆରି କରିଥିଲେ, କିନ୍ତୁ ଏଥର ସେ କିଛି ଭିନ୍ନ କରିଛନ୍ତି। ସୂଚନାଯୋଗ୍ୟ, ମୂର୍ତ୍ତି ଦାବି କରିଛନ୍ତି ଯେ ସେ ସମ୍ପୂର୍ଣ୍ଣ ଭାବରେ ଏଆଇ ସାହାଯ୍ୟରେ ନିର୍ମିତ ବିଶ୍ୱର ପ୍ରଥମ କନ୍ନଡ ଫିଲ୍ମ ତିଆରି କରିଛନ୍ତି। ଏହି ଫିଲ୍ମକୁ କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ (ସିବିଏଫ୍‌ସି)ରୁ ମଧ୍ୟ ଅନୁମୋଦନ ମିଳିଛି। ଟାଇମ୍ସ ଅଫ ଇଣ୍ଡିଆ ରିପୋର୍ଟ ଅନୁସାରେ, ମୂର୍ତ୍ତି କହିଛନ୍ତି, ମୁଁ ବିଶ୍ୱର ପ୍ରଥମ ଏଆଇ ଫିଚର ଫିଲ୍ମ ତିଆରି କରି ରିଲିଜ କରିବାକୁ ଚାହୁଁଥିଲି। ଏବେ ମୁଁ ଏହାକୁ କେବଳ ଗୋଟିଏ ସ୍କ୍ରିନରେ ଦେଖାଇବି ଯାହା ଦ୍ୱାରା ଏକ ରେକର୍ଡ ବଜାୟ ରହିବ। ସୂଚନାଯୋଗ୍ୟ, ସେ ନିଜେ ଏହି ଫିଲ୍ମରେ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ଭୂମିକାରେ ଅଭିନୟ କରିଛନ୍ତି। ଏହି ପ୍ରୋଜେକ୍ଟରେ ତାଙ୍କ ସହିତ କେବଳ ଜଣେ ଅନ୍ୟ ବ୍ୟକ୍ତି ଥିଲେ। ପୂର୍ବରୁ ଜଣେ ଗ୍ରାଫିକ ଡିଜାଇନର୍ ଥିବା ନୂତନ ଏବେ ଜଣେ ଏଆଇ ଟେକ୍ନିସିଆନ ହୋଇଯାଇଛନ୍ତି। ଫିଲ୍ମଟି ତିଆରି କରିବା ପାଇଁ, ଦୁହେଁ ପ୍ରାୟ ୩୦ ପ୍ରକାରର ଏଆଇ ଉପକରଣ ଏବଂ ସଫ୍ଟୱେର୍ ବ୍ୟବହାର କରିଥିଲେ। ସେମାନଙ୍କର ଲାଇସେନ୍ସିଂ ପାଇଁ ପ୍ରାୟ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଏହି ୯୫ ମିନିଟର ଫିଲ୍ମଟି ୧୨ଟି ଗୀତକୁ ନେଇ ତିଆରି ହୋଇଥିଲା, ଯେଉଁଥିରେ ଚରିତ୍ର ଏବଂ ସ୍ୱର କେବଳ ଏଆଇ ମାଧ୍ୟମରେ ସୃଷ୍ଟି କରାଯାଇଥିଲା। ମୂର୍ତ୍ତି ବିଶ୍ୱାସ କରନ୍ତି ଯେ ଫିଲ୍ମଟି ସମ୍ପୂର୍ଣ୍ଣ ରୂପେ ପରଫେକ୍ଟ ନୁହେଁ। ସେ କହିଥିଲେ ଯେ ପ୍ରତ୍ୟେକ ଦୃଶ୍ୟରେ ଚରିତ୍ରମାନଙ୍କ ମୁହଁ ସାମାନ୍ୟ ପରିବର୍ତ୍ତନ ହେଉଥିବା ପରି ମନେ ହେଉଥିଲା, ଭାବପ୍ରବଣ ଭାବପ୍ରବଣତା ସୃଷ୍ଟି କରିବା କଷ୍ଟକର ଥିଲା ଏବଂ ଲିପ-ସିଙ୍କ ମଧ୍ୟ ପରଫେକ୍ଟ ନଥିଲା। ସେହି ସମୟରେ, ନୂତନ କୁହନ୍ତି ଯେ ଯଦି ଏହି ଫିଲ୍ମଟି ଆଜି ତିଆରି ହୋଇଥାନ୍ତା, ତେବେ ଏହା ହଜାର ଗୁଣ ଭଲ ହୋଇଥାନ୍ତା। ଇଓ ପ୍ରଯୁକ୍ତିବିଦ୍ୟା ପ୍ରତିଦିନ ପରିବର୍ତ୍ତନ ହେଉଛି। ଆମେ ବ୍ୟବହାର କରିଥିବା ଉପକରଣଗୁଡ଼ିକ ଏବେ ଛଅ ମାସ ପୁରୁଣା। ସୂଚନାଯୋଗ୍ୟ, ଏହି ଯୋଡ଼ି ଆଉ ଦୁଇଟି ଏଆଇ ଫିଲ୍ମ ନିର୍ମାଣ କରୁଛନ୍ତି। ଗୋଟିଏ କେମ୍ପେ ଗୌଡାଙ୍କ ଉପରେ ଏବଂ ଅନ୍ୟଟି ଇମାଦି ପୁଲିକେସିଙ୍କ ଉପରେ। ପ୍ରଥମ ଫିଲ୍ମଟି ଦୁଇ ମାସ ମଧ୍ୟରେ ଶେଷ ହେବ। ଯଦିଓ ଚଳଚ୍ଚିତ୍ରର ଚରିତ୍ର, ସେମାନଙ୍କର ସ୍ୱର ଏବଂ ମୁହଁ ଏଆଇ ଦ୍ୱାରା ସୃଷ୍ଟି କରାଯାଇଥିଲା, ସଂଳାପ ଏବଂ ଗୀତ ମୂର୍ତ୍ତି ନିଜେ ଲେଖିଥିଲେ।

କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik
Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com
Phone-0674-2975387
Mob: 9090962011
ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik